ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୦୩
୩୦ ଡିସେମ୍ବର, ୨୦୨୫ ମଙ୍ଗଳବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 20, Issue No. : 203
30th December, 2025 Tuesday
Bhubaneswar

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2006/23033    Postal Regd. No. : BN/169/13-15    ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଯତ୍ ପୃଥିବ୍ୟାଂ ବ୍ରୀହିଯବଂ ହିରଣ୍ୟଂ ପଶବଃ ସ୍ତ୍ରିୟଃ
ନାଲମେକସ୍ୟ ତତ୍ ସର୍ବମିତି ପଶ୍ୟନ୍ନ ମୁହ୍ୟତି ॥**

ଏ ପୃଥିବୀରେ ଯେତେ ଧାନ, ବିରି, ଯବ, ସୁନା, ପଶୁ ଏବଂ ସ୍ତ୍ରୀ ଅଛନ୍ତି, ସେ ସମସ୍ତ ଜଣେ ପୁରୁଷ ନିମିତ୍ତ ମଧ୍ୟ ପର୍ଯ୍ୟାପ୍ତ ନୁହେଁ, ଅର୍ଥାତ୍ ଏ ସମୁଦାୟକୁ ଲାଭକଲେ ସୁଦ୍ଧା ଜଣେ ବ୍ୟକ୍ତି ତୃପ୍ତି ଲାଭ କରିନଥାଏ । ଏପରି ବିଚାର କରି ବୁଦ୍ଧିମାନ୍ ବ୍ୟକ୍ତି ମୋହରେ ବିମୋହିତ ହୁଅନ୍ତି ନାହିଁ ।

## ବନ୍ଦ ରହିବ ଅନଲାଇନ୍ ଫୁଡ୍ ଡେଲିଭରୀ

**ନୂଆଦିଲ୍ଲୀ,୨୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଜିରୋନାଇଟ୍ ଏବଂ ନୂଆବର୍ଷରେ ଅନଲାଇନ ଅର୍ଡର ବନ୍ଦ । ଘରେ ପହଞ୍ଚିବନି ଆପଣ ମଗାଇଥିବା ଖାଦ୍ୟ । ସତର୍କ ନରହିଲେ ରହିପାରନ୍ତି ଉପବାସ । ଏହି ଦୁଇ ଦିନରେ ଯଦି ଆପଣ ଘରେ ବସି ଖାଦ୍ୟ ମଗାଇବା ପାଇଁ ଯୋଜନା କରୁଥିବେ ତାହେଲେ ଆଗୁଆ ହୋଇଯାଆନ୍ତୁ ସଚେତନ ।



କାରଣ ଆଉ ୧୦ ମିନିଟରେ ଆପଣଙ୍କ ନିକଟରେ ପହଞ୍ଚିବନି ଗରମା ଗରମ ଖାଦ୍ୟ । ଠପ୍ ହେବାକୁ ଯାଉଛି ଅନଲାଇନ୍ ଖାଦ୍ୟ ଡେଲିଭରୀ । ବିଭିନ୍ନ ଦାବି ନେଇ ଆସନ୍ତା ୩୧ ତାରିଖରୁ ପୁଣି ଥରେ ହରତାଳ କରିବା ପାଇଁ ଡାକରା ଦେଇଛି ଗିଗ୍ ୱର୍କର୍ସ । ସ୍ୱିଗୀ, ଜୋମାଟୋ, ବ୍ଲିଙ୍କଟ୍ ଭଳି ଅନଲାଇନ୍ ଖାଦ୍ୟ ଡେଲିଭରୀ କରୁଥିବା ପ୍ଲାଟଫର୍ମରେ କାମ କରୁଥିବା କର୍ମଚାରୀଙ୍କ ଆନ୍ଦୋଳନ ଲୋକଙ୍କ ଉପରେ ନିଶ୍ଚୟ ପ୍ରଭାବ ପକାଇବ ।

ତେବେ ଏହି ହରତାଳ ଡାକରା ଦେଇଛି ଆଇଏଫଏଟି । ଗତ ୨୫ ତାରିଖରେ ଏଭଳି ହରତାଳ ଡାକରା ଦେଇଥିଲେ ଗିଗ୍ ୱର୍କର୍ସ । ଏହାଦ୍ୱାରା ଗୁରୁଗ୍ରାମ ସର୍ବାଧିକ ପ୍ରଭାବିତ ହୋଇଥିଲା । ସେପଟେ ଥଣ୍ଡା ସାଙ୍ଗକୁ ଘନ କୁହୁଡ଼ି ପାଇଁ କର୍ମଚାରୀମାନେ ଖାଦ୍ୟ ପହଞ୍ଚାଇବା ଲାଗି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ରାତି ୧୧ଟା ପରେ ସର୍ଭିଭସକୁ ବନ୍ଦ କରିବା ପାଇଁ ଦାବି କହିଛନ୍ତି ।

ଡେଲିଭରି ବୟଙ୍କ ଦାବି ଅନୁସାରେ ୧୦ ମିନିଟରେ ଡେଲିଭରି ମଡେଲ ପାଇଁ ବହୁ ବିପଦରେ ନେଇ ଖାଦ୍ୟ ଦେବାକୁ ପଡୁଛି । ଦ୍ରୁତଗତି, ଟ୍ରାଫିକ୍ ସମସ୍ୟା, ପ୍ରଦୂଷଣ ଭଳି ବହୁ ବିପଦପୂର୍ଣ୍ଣ ଲକ୍ଷ୍ୟ ରହୁଛି । ନୀତି ଆୟୋଗର ରିପୋର୍ଟ ଅନୁଯାୟୀ, ୨୦୨୦-୨୧ରେ *(ଶେଷ ପୃଷ୍ଠା ଦେଖନ୍ତୁ)*

### ଉନ୍ନାଓ ଦୁଷ୍କର୍ମ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ

# ଜେଲ୍‌ରେ ରହିବେ କୁଲଦୀପ ସେନଗାର

**ନୂଆଦିଲ୍ଲୀ,୨୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ଉନ୍ନାଓ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସିଂହ ସେନଗାରଙ୍କୁ ଆଜି ଲାଗିଛି ଶକ୍ତ ଝଟକା । ଦୁଷ୍କର୍ମକାରୀ ସେନଗାରଙ୍କୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ଜାମିନ ଉପରେ ରୋକ ଲଗାଇଛନ୍ତି ସୁପ୍ରିମକୋର୍ଟ । ଅର୍ଥାତ ସେନଗାର ଏବେ ଆଉ ଜେଲରୁ ବାହାରି ପାରିବେ ନାହିଁ । ତାଙ୍କୁ ଜେଲରୁ ଖଲାସ ନ କରିବାକୁ ସୁପ୍ରିମକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ଉନ୍ନାଓ ପୀଡିତାଙ୍କ ପରିବାରର ପାଇଁ ବଡ ବିଜୟ ସଦୃଶ ହୋଇଛି ।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ କହିବା କଥା ଯେ ଏହି ମାମଲା ଆଇନର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେନଗାର ପୂର୍ବଭଳି ଜେଲରେ ରହିବେ । କାରଣ ଆଉ ଏକ ଅପରାଧିକ ମାମଲାରେ ମଧ୍ୟ ସେ ଜେଲ ଦଣ୍ଡ ପାଇଛନ୍ତି । ଏଥିସହ ସର୍ବୋଚ୍ଚ ଅଦାଲତ ଏହି ମାମଲାରେ ନୋଟିସ କରିଛନ୍ତି । ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ଆପଣା ଯାଇଥିବା ଆଭିମୁଖ୍ୟକୁ ନାପସନ୍ଦ କରିଛନ୍ତି ।

ସାଧାରଣତଃ ଟ୍ରାଏଲ କୋର୍ଟ କିମ୍ବା ହାଇକୋର୍ଟ ଦେଇଥିବା ରାୟ ଉପରେ ସୁପ୍ରିମକୋର୍ଟ ଅଭିଯୁକ୍ତଙ୍କୁ ନ ଶୁଣିବା ଯାଏ ରୋକ ଲଗାନ୍ତି ନାହିଁ । କିନ୍ତୁ ଏହି ମାମଲା ବେଶ ଭିନ୍ନ ।



ସେନଗାର ଆଇସିପିର ଧାରା ୩୦୪ ଭାଗ ୨ ଅନୁସାରେ ଆଉ ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ରହିଛନ୍ତି । ତେଣୁ ସର୍ବୋଚ୍ଚ ଅଦାଲତ ହାଇକୋର୍ଟ ଦେଇଥିବା ରାୟ ଉପରେ ରୋକ ଲଗାଉଥିବା ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି ।

ଏଥିସହ ସିବିଆଇ ପକ୍ଷରୁ ବେଲ ବିରୋଧରେ ହୋଇଥିବା ଆବେଦନ ମାମଲାରେ ସର୍ବୋଚ୍ଚ ଅଦାଲତ ଦୁଷ୍କର୍ମକାରୀ ସେନଗାରଙ୍କୁ ନୋଟିସ ମଧ୍ୟ କରିଛନ୍ତି । ଉନ୍ନାଓ ପୀଡ଼ିତାଙ୍କ ପରିବାର ଚାହିଁଲେ ସ୍ୱତନ୍ତ୍ର ଲିଭ ପିଟିସନ ଦାଖଲ କରିପାରିବେ ଓ ଏଥିପାଇଁ କୋର୍ଟଙ୍କ କୌଣସି ଅନୁମତି ଦରକାର ନାହିଁ ବୋଲି ମଧ୍ୟ କୋର୍ଟ କହିଛନ୍ତି । ପୀଡ଼ିତାଙ୍କ ପରିବାରକୁ ସୁପ୍ରିମକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ମାଗଣାରେ ସମସ୍ତ ସହଯୋଗ ମଧ୍ୟ ଯୋଗାଇ ଦିଆଯିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି ।

ଉତ୍ତର ପ୍ରଦେଶର ଉନ୍ନାଓ ଜିଲ୍ଲାରେ ଜଣେ ନାବାଳିକା ୨୦୧୭ ମସିହାରେ ତତ୍କାଳୀନ ବିଜେପି ବିଧାୟକ କୁଲଦୀପ ସେନଗାରଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ । ଏହାକୁ ନେଇ ପୂରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ପୁଲିସ୍ ଉନ୍ନାଓ ପୀଡ଼ିତା ଓ ତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଗ୍ରହଣ କରିନଥିଲା । ସେମାନଙ୍କୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ନିର୍ବାଚନ ପାଇଁ ଦାଦା-ପୁତୁରା ଏକାଠି

**ମୁମ୍ବାଇ,୨୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ନିର୍ବାଚନ ପାଇଁ ଏକାଠି ହୋଇଛନ୍ତି ପାୱାର ଦାଦା-ପୁତୁରା । କ୍ଷମତା ଦଖଲ ପାଇଁ ଅଲଗା ହୋଇ ଯାଇଥିବା ପାୱାର ଦାଦା ପୁତୁରା ଏବେ ପୁଣି ଏକାଠି ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି । ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଏନସିପି ଓ ଶରଦ ପାୱାରଙ୍କ ଏନସିପି(ଶରଦ ଚନ୍ଦ୍ର ପାୱାର) ଆଗାମୀ ପିମ୍ପରି-ଛିନ୍ଦୱାଡ ପୌର ନିଗମ ନିର୍ବାଚନ ଏକାଠି ଲଢ଼ିବେ । ଏକଥା ନିଜେ ଅଜିତ ପାୱାର ଘୋଷଣା କରିଛନ୍ତି । ପିମ୍ପରି-ଛିନ୍ଦୱାଡରେ ଆୟୋଜିତ ନିର୍ବାଚନ ପ୍ରଚାର ରାଲିରେ ଅଜିତ ପାୱାର ଦୁଇ



ଭାଗ ହୋଇଥିବା ଏନସିପିର ଏକତା ଉପରେ ଗୁରୁତ୍ୱ ଦେଇଛନ୍ତି ଓ ପରିବାର ଏକାଠି ହୋଇଥିବା କହିଛନ୍ତି । ବିଜେପି ସହ ମିଶି ମହାରାଷ୍ଟ୍ରର *(ଶେଷ ପୃଷ୍ଠା ଦେଖନ୍ତୁ)*

## ସାମରିକ ଉପକରଣ କିଣିବାକୁ ୭୯,୦୦୦ କୋଟି ମଞ୍ଜୁରୀ

**ନୂଆଦିଲ୍ଲୀ,୨୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ପ୍ରତିରକ୍ଷା କ୍ଷମତାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ତିନି ସେନା ପାଇଁ ପ୍ରାୟ ୭୯,୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରତିରକ୍ଷା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏଥିରେ ସ୍ଥଳସେନା ପାଇଁ ଶତ୍ରୁର ଶକ୍ତିଶାଳୀ ଲକ୍ଷ୍ୟକୁ ସଠିକ ଭାବେ ଭେଦ କରିବା ପାଇଁ ଲୋଇଟର ମ୍ୟୁନିସନ୍ ସିଷ୍ଟମ, କମ୍ ଉଚ୍ଚତାରେ ଉଡୁଥିବା ଶତ୍ରୁ ଡ୍ରୋନ୍ ଚିହ୍ନଟ ପାଇଁ ହାଲୁକା ଓଜନର ରାଡାର । ପିନାକା ରକେଟ୍ ସିଷ୍ଟମ ପାଇଁ ଅଧିକ ଦୂରଗାମୀ ଏବଂ ସଠିକ ଲକ୍ଷ୍ୟଭେଦୀ ଗାଇଡେଡ୍ ରକେଟ୍ ଆମୁନିସନ୍ ରହିଛି । ନୌସେନା ପାଇଁ ସମୁଦ୍ର ମଧରେ ଜାହାଜ ଓ ସବ୍‌ମରାଇନ୍‌ର ଗତିବିଧିକୁ ସହଜ *(ଶେଷ ପୃଷ୍ଠା ଦେଖନ୍ତୁ)*

## କର୍ତ୍ତବ୍ୟ ପଥରେ ଗଡ଼ିବ ଓଡ଼ିଶା ପ୍ରଜ୍ଞାପନ ମେଢ଼

**ଭୁବନେଶ୍ୱର,୨୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ ଜାତୀୟ ପରେଡରେ ଗଡ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ । ସାଧାରଣତନ୍ତ୍ର ଦିବସରେ ପ୍ରଦର୍ଶିତ ହେବ ଓଡ଼ିଶାର କଳାକୃତି । ଓଡ଼ିଶାର ପ୍ରଜ୍ଞାପନ ମେଢକୁ ୨୬ ଜାନୁଆରୀ, ୨୦୨୬ରେ ସାଧାରଣତନ୍ତ୍ର ଦିବସ ପରେଡ ବେଳେ କର୍ତ୍ତବ୍ୟ ପଥରେ ଗଡିବାକୁ ଚୟନ କରାଯାଇଛି । କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛି । ଯେଉଁଥିରେ ଓଡ଼ିଶା ସେହି ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସହ ସାମିଲ ହୋଇଛି, ଯେଉଁମାନଙ୍କୁ ପରେଡରେ ଅଂଶ ଗ୍ରହଣ କରିବା ପାଇଁ ଚୟନ କରାଯାଇଛି ।

ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କଠାରୁ ଅନୁମୋଦନ ମିଳିବା ପରେ, ଓଡ଼ିଶାର ପ୍ରଜ୍ଞାପନ ମେଢକୁ ନୂଆଦିଲ୍ଲୀରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ ୨୦୨୬ରେ ସାମିଲ ହେବାକୁ ଚୟନ କରାଯାଇଛି ।

ଅଧିକାରୀମାନଙ୍କ କହିବାନୁସାରେ, ଓଡ଼ିଶାର ପ୍ରଜ୍ଞାପନ ମେଢ ରାଜ୍ୟର ସମୃଦ୍ଧ କଳାତ୍ମକ ଐତିହ୍ୟ ଦ୍ୱାରା ପ୍ରେରିତ । ଏହାର ଡିଜାଇନ୍ ସାଂସ୍କୃତିକ ଐତିହ୍ୟ ଓ ରଚନାତ୍ମକ ପ୍ରତିଭାକୁ ପ୍ରଦର୍ଶିତ କରିଥାଏ, ଯାହା ରାଷ୍ଟ୍ରୀୟ ମଞ୍ଚରେ ଓଡ଼ିଶାର ପରିଚୟକୁ ଜୀବନ୍ତ ଅଭିବ୍ୟକ୍ତି ପ୍ରଦାନ କରିଥାଏ । *(ଶେଷ ପୃଷ୍ଠା ଦେଖନ୍ତୁ)*

## ନିଜ ଆଦେଶ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ ସୋମବାର ଆରାବଳି ପାହାଡ଼ ଏବଂ ପର୍ବତମାଳାର ପରିଭାଷା ସମ୍ପର୍କିତ ମାମଲାର ଶୁଣାଣି କରି ତାଙ୍କର ପୂର୍ବ

### ଆରାବଳି ବିବାଦ

ଆଦେଶକୁ ସ୍ଥଗିତ ରଖିଛନ୍ତି । ଏହା ସହିତ କୋର୍ଟ କେନ୍ଦ୍ର ଓ ସଂପୃକ୍ତ ରାଜ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି । ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, 'ଏହି ୫୦୦ ମିଟର



ଫାଙ୍କରେ ନିୟନ୍ତ୍ରିତ ଖଣିକୁ ଅନୁମତି ଦିଆଯିବ କି ନାହିଁ ତାହା ବିଚାର କରିବା ଆବଶ୍ୟକ । ଯଦି ହଁ, ତେବେ ପରିବେଶଗତ ନିରନ୍ତରତା ପ୍ରଭାବିତ ନହେବା ସୁନିଶ୍ଚିତ କରିବା ପାଇଁ କେଉଁ ସଠିକ୍ ଗଠନମୂଳକ ମାନଦଣ୍ଡ ଗ୍ରହଣ କରାଯିବ ।'

ଆରାବଳି ପାହାଡ଼ ଏବଂ ପର୍ବତମାଳାର ପରିଭାଷାକୁ ନେଇ ବିବାଦ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜିରୋ ନାଇଟ ସେଲିବ୍ରେସନ ପାଇଁ ଟ୍ୱିନ ସିଟିରେ କଡାକଡି ନିୟମ

**ଭୁବନେଶ୍ୱର,୨୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ଜିରୋ ନାଇଟ୍ ପାଇଁ କମିଶନରେଟ୍ ପୁଲିସର ନିର୍ଦ୍ଦେଶନାମା । ରାସ୍ତା କଡରେ ସେଲିବ୍ରେସନ୍ ମନା । ସେଲିବ୍ରେସନ୍‌ର ଜାଗା ଚିହ୍ନଟ କରିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଇଭେଣ୍ଟ ପାଇଁ ଅନୁମତି ମିଳିଛି କି ନାହିଁ ତଦାରଖ କରିବାକୁ କୁହାଯାଇଛି । ରାତିରେ ନିରନ୍ତର ପାଟ୍ରୋଲିଂ, ବ୍ଲକିଂ ଚେକିଂ ପାଇଁ କୁହାଯାଇଛି । ସେଲିବ୍ରେସନ୍ ସ୍ଥାନ ଗୁଡିକଟରେ ସଜାଗ ରହିବାକୁ କୁହାଯାଇଛି । ଜିରୋ ନାଇଟ୍‌ରେ ଟ୍ୱିନ୍ ସିଟିରେ କୌଣସି ଅଘଟଣକୁ ଏଡାଇବାକୁ କମିଶନରେଟ୍ ପୁଲିସ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି ।

ସେପଟେ ସେଲିବ୍ରେସନ୍ ପାଇଁ ସହରରେ ମୋଟ ୨୮ଟି ଇଭେଣ୍ଟ ପାଇଁ ଅନୁମତି ଦେଇଛି ପୁଲିସ । ସେଥିରୁ ଖେଳପଡିଆ କିମ୍ବା ବାହାର ଜାଗାରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଲୋକେ କହିଲେ ନବୀନ ନାହିଁ ତ ଭୋଟ ନାହିଁ: ବଦ୍ରି

**ଭୁବନେଶ୍ୱର,୨୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେଡି ବିଧାୟକ ବଦ୍ରି ନାରାୟଣ ପାତ୍ର ପୁଣି ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି । ଏଥିସହିତ ବିଜେଡି ହାରିବାର କାରଣ ମଧ୍ୟ କହିଛନ୍ତି ବଦ୍ରି ପାତ୍ର । ଶ୍ରୀ ପାତ୍ର କହିଛନ୍ତି, ନବୀନ ପଟ୍ଟନାୟକ ଲୋକପ୍ରିୟ । ନିର୍ବାଚନ ସମୟରେ କିଛି ନେତା ନବୀନଙ୍କ ଭଳି ଅଭିନୟ କଲେ, ଲୋକ ନବୀନଙ୍କୁ ଖୋଜିଲେ । ଯେଉଁମାନେ ହେଲିକପ୍ଟରରେ ବୁଲିଲେ, ମଞ୍ଚରେ ଭାଷଣ ଦେଲେ ସେମାନେ ନିଜକୁ ନବୀନଙ୍କ ବିକଳ୍ପ ଭାବିଲେ ଏବଂ ନବୀନଙ୍କୁ ଦୂରେଇ ରଖିଲେ । କିନ୍ତୁ ଲୋକେ କହିଲେ ନବୀନ ନାହିଁ ତ ଭୋଟ ନାହିଁ । ଦଳ ବିପର୍ଯ୍ୟୟ ଦେଇ ଗତି କରୁଛି । ମେଳି ହେଉଛି, ଦଳକୁ ବାଟକୁ ଆଣିବାକୁ, ନେତାଙ୍କୁ ସବଳ କରିବାକୁ, ନେତାଙ୍କୁ ପୂର୍ବ ସ୍ଥିତିକୁ ଫେରାଇ ଆଣିବାକୁ ଉଦ୍ୟମ ହେଉଛି । ଏହା ଭଲ ଉଦ୍ୟମ । ଯେଉଁମାନେ ବାଟରେ ଛକୁଛନ୍ତି ତାଙ୍କୁ ଦଳରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଘରୋଇ ସ୍କୁଲରେ ବର୍ଷକୁ ବର୍ଷ ବଢୁଛନ୍ତି ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୯।୧୨
ତଥ୍ୟ**

ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ପ୍ରକାର ମନଲୋଭା ମାଗଣା ଯୋଜନା ସତ୍ତ୍ୱେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବର୍ଷକୁ ବର୍ଷ କମୁଥିବାବେଳେ ଘରୋଇ ବିଦ୍ୟାଳୟରେ ଏମାନଙ୍କ ସଂଖ୍ୟା ତାଳଦେଇ ବଢିବାରେ ଲାଗିଛି । ସରକାରୀ ବିଦ୍ୟାଳୟରେ କେବଳ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମୁନାହିଁ, ସରକାରୀ ବିଦ୍ୟାଳୟର ସଂଖ୍ୟା ବି କମିବାରେ ଲାଗିଛି ।

ସରକାରୀ ସୂଚନାରୁ ଜଣାଯାଇଛି ଯେ ୨୦୨୨-୨୩ ବର୍ଷ ବେଳକୁ ରାଜ୍ୟରେ ୫୪,୬୭୫ଟି ସରକାରୀ



ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ରହିଥିବାବେଳେ ଏଥିରେ ୬୧,୨୨,୫୧୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିଲେ । ଏହି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ରାଜ୍ୟର ମୋଟ୍ ଛାତ୍ରଛାତ୍ରୀଙ୍କର ୮୧ ପ୍ରତିଶତ । ଏହା ପରବର୍ଷ ଅର୍ଥାତ୍ ୨୦୨୩-୨୪ ବର୍ଷରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୧ଲକ୍ଷ ତଳକୁ ହ୍ରାସ ପାଇଥିବାବେଳେ ବିଦ୍ୟାଳୟ ସଂଖ୍ୟା ମଧ୍ୟ ୫୪,୪୬୮କୁ କମିଥିଲା ।

୨୦୨୪-୨୫ ବର୍ଷରେ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୦ଲକ୍ଷ ତଳକୁ ହ୍ରାସ ପାଇଥିବାବେଳେ ବିଦ୍ୟାଳୟ ସଂଖ୍ୟା ୫୪,୩୮୨କୁ କମି ଆସିଛି । ସେହିଭଳି ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ମୋଟ୍ ହାର ମଧ୍ୟ ୭୯ ପ୍ରତିଶତକୁ ଆସିଛି ।

ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବର୍ଷକୁ ବର୍ଷ କମୁଥିବାବେଳେ ଘରୋଇ ବିଦ୍ୟାଳୟରେ କିନ୍ତୁ ଏମାନଙ୍କ ସଂଖ୍ୟା ବଢି ଚାଲିଛି । ୨୦୨୨-୨୩ ବର୍ଷରେ ରାଜ୍ୟର ଥିବା ୭୨୧୬ଟି ଘରୋଇ ଏବଂ ଅନ୍ୟାନ୍ୟ ବିଦ୍ୟାୟରେ ୧୪,୧୦,୮୨୦ ଜଣ ଛାତ୍ରଛାତ୍ରୀ ପଢୁଥିଲେ । *(ଶେଷ ପୃଷ୍ଠା ଦେଖନ୍ତୁ)*



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩୦ ଡିସେମ୍ବର ୨୦୨୫ । ମଙ୍ଗଳବାର




## ମାଙ୍କଡ଼ ଆକ୍ରମଣରେ ୩ ଗୁରୁତର

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗୀର ସଦରବ୍ଲକ ଅନ୍ତର୍ଗତ ମାଧିଆ ପାଲିଗାଁରେ ମାଙ୍କଡ଼ ଉପଦ୍ରବ। ମାଙ୍କଡ଼ ଆକ୍ରମଣରେ ୩ ଜଣ ଗୁରୁତର ହୋଇଛନ୍ତି । ତେବେ ରବିବାର ରାତିରେ ମାଧିଆ ପାଲି ଠାରେ ଗାଁକୁ ଗୋଟିଏ ଗୋଠ ଛଡା ମାଙ୍କଡ଼ ଚ଼ାଲିଆସିଥିଲା। ଗାଁରେ ୩ ଜଣଙ୍କୁ ଆକ୍ରମଣ କରିବା ସହ ସେମାନଙ୍କୁ କାମୁଡି, ରାମ୍ପୁଡି ଗୁରୁତର କରିଥିଲା। ଗୁରୁତରମାନଙ୍କ ମଧ୍ୟରେ ଜଣେ ନାବାଳକ। ଅନ୍ୟ ଦୁଇ ଜଣ ହେଲେ ସୁମତି ପଟେଲ ଓ ପୁଷ୍ପାଞ୍ଜଳି ପଟେଲ। ସେମାନଙ୍କୁ ଭୀମଭୋଇ ମେଡିକାଲକୁ ନେଇ ଚ଼ିକିତ୍ସା କରାଯାଇଥିଲା। ତେବେ ବର୍ତ୍ତମାନ ଜଙ୍ଗଲରୁ ମାଙ୍କଡମାନେ ସହର ମୁହାଁ ହୋଇଛନ୍ତି। କିଛି ପାଗଳ ମାଙ୍କଡ଼ ଏଭଳି ଲୋକଙ୍କୁ ଆକ୍ରମଣ କରିଥିବାବେଳେ ଗତ ବର୍ଷ ଏହି ସମୟରେ ସେହି ଗାଁରେ ମାଙ୍କଡ ଲୋକଙ୍କୁ ଆକ୍ରମଣ କରିଥିଲା। ଏନେଇ ବନବିଭାଗ ସେହି ମାଙ୍କଡ଼କୁ କାବୁ କରିବାକୁ ଦାବି ହୋଇଛି। ଏନେଇ ଗାଁ ଲୋକ ଭୟରେ ରହିଛନ୍ତି।

## କୀଟନାଶକ ପିଇ ଜୀବନ ହାରିଲେ ଯୁବକ

**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ପିଇଦେଲେ ଯୁବକ। ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ନୂଆମୌଳାଭଞ୍ଜା ଗ୍ରାମରୁ ସାମ୍ନାକୁ ଆସିଛି ଏଭଳି ଘଟଣା। ମୃତକ ହେଲେ ଟିଟୁ ଦୋରା(୩୪)। ମୃତଦେହକୁ ସୋମବାର ଦିଗପହଣ୍ଡି ପୋଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜବତ କରିଛନ୍ତି।

ଖବର ଅନୁସାରେ, ରବିବାର ରାତି ପ୍ରାୟ ସାଢେ ୭ଟାରେ ସେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚ଼ିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତର ଏନେଇ ପୋଲିସକୁ ସୂଚ଼ନା ଦେଇଥିଲେ। ଟିଟୁଙ୍କ ଭାଇ ମିଟୁ ଦୋରା ସୋମବାର ସକାଳେ ଏନେଇ ଦିଗପହଣ୍ଡି ଥାନାରେ ଲିଖିତ ଭାବେ ଜଣାଇବା ପରେ ଥାନା ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ଅପମୃତ୍ୟୁ ମାମଲା ନଂ.୫୧/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରିଛନ୍ତି।

ତଦନ୍ତକାରୀ ଅଧିକାରୀ ଏଏସଆଇ ଦିଲ୍ଲୀପ କୁମାର ଗୋରଡ଼ା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି।

## ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

**ସାନଖେମୁଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ଗ୍ରାମ ନିକଟରେ ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଧରି ଦିଗପହଣ୍ଡି ପୋଲିସର ଜିମା ଦେଇଥିବା ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚ଼ର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ମନ୍ତ୍ରୀ ଏକ ସରକାରୀ କାର୍ଯ୍ୟକ୍ରମରେ ରବିବାର ଅପରାହ୍ନରେ ବ୍ରହ୍ମପୁର ଭାୟା ଦିଗପହଣ୍ଡି ଦେଇ ରାୟଗଡ଼ା ଯାଉଥିବା ବେଳେ ମୌଳାଭଞ୍ଜା ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରୁ ବେଆଇନ ଭାବେ ବାଲି



ଉତ୍ତୋଳନ କରି ଚ଼ାଲାଣ କରାଯାଉଥିବା ଦେଖିଥିଲେ। ଏହି ସମୟରେ ଆକ୍ସନ ମୋଡକୁ ଆସି ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଧରି ତଦନ୍ତ ପାଇଁ ପୋଲିସର ଜିମା ଦେଇଥିଲେ।

ପୋଲିସ ଟିମ୍ ବାଲି ବୋଝେଇ ୩ ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇଥିଲେ। ଏନେଇ ଥାନା ମାମଲା ନଂ.୫୧୦/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ଜଣାଇଛନ୍ତି। ଦିଗପହଣ୍ଡି, ସାନଖେମୁଣ୍ଡି ଓ ଚ଼ିକିଟି ଅଞ୍ଚଳ ଅଧିନ ବାହୁଦା, ଘୋଡ଼ାହାଡ଼ ଓ ରାମନଦୀ ଅବବାହିକାରୁ କିଛି ବାଲି ମାଫିଆ ବେଆଇନ ଭାବେ ନଦୀପଠାରୁ ଜେସିବି ମେସିନରେ ବାଲି ଉତ୍ତୋଳନ କରି ଟ୍ରକ୍, ଟ୍ରାକ୍ଟର ଯୋଗେ ପଡୋଶୀ ଆନ୍ଧ୍ର ସମେତ ବିଭିନ୍ନ ଗ୍ରାମକୁ ଚୋରା ଚ଼ାଲାଣ କରୁଥିବା ଅଭିଯୋଗ ହେଉଛି। ଏପରିକି ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ନିଲାମ ହୋଇନଥିବା ବିଭିନ୍ନ ବାଲି ଘାଟ ଗୁଡିକରୁ ଦିବାଲୋକରେ ବେଆଇନ ଭାବେ ବାଲି ଚ଼ାଲାଣ କରାଯାଉଥିବା ଦେଖିବାକୁ ମିଳୁଛି ।

## ଗହଣା ସଫା ବାହାନାରେ ଲୁଟ୍: ଦୁଇ କୋର୍ଟ ଚାଲାଣ

**ବଲାଙ୍ଗୀର: ଏକ୍ସପ୍ରେସ ନ୍ୟୁଜ୍**

ତମ୍ବା, ପିତ୍ତଳ ସଫା କରିବା ବାହାନାରେ ସହରରେ ବୁଲୁଥିଲେ। ଆଉ ସୁଯୋଗ ଦେଖି ଲୁଟିନେଉଥିଲେ ସୁନା ଗହଣା। ଏଭଳି କାମରେ ଲିପ୍ତ ଥିବା ଏକ ଦୁଇ ଲୁଟେରାଙ୍କୁ ଗିରଫ କରିଛି ବଲାଙ୍ଗୀର ଟାଉନ ଥାନା ପୋଲିସ। ବଲାଙ୍ଗୀର ଟେଲିଗୋଠ ପଡ଼ାର ଜଣେ ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ କରି ଏହି ଦୁଇ ଲୁଟେରାଙ୍କୁ ଗିରଫ କରିଛି।

ସୂଚ଼ନା ଅନୁସାରେ, ମହିଳାଙ୍କ ଘରକୁ ଦୁଇ ବିହାରୀ ଯୁବକ ତମ୍ବା ଓ ପିତ୍ତଳ ସାମଗ୍ରୀ ସଫା କରିବାକୁ ଆସିଥିଲେ। ସେମାନଙ୍କ ନାଁ ସିକନ୍ଦର ସା ଓ ରୋହିତ ସା। ପ୍ରଥମେ ମହିଳାଙ୍କ ଘରେ ସେମାନେ ଗାଡିର କିଛି ସାମଗ୍ରୀ ଓ ରୁପା ସାମଗ୍ରୀ ସଫା କରିଥିଲେ। ଏସବୁ ସଫା କରିବା ପରେ ଦୁହେଁ ମହିଳାଙ୍କୁ ତାଙ୍କର ସୁନା ଚେନ୍ ସଫା କରିବାକୁ ମାଗିଥିଲେ। ହେଲେ ମହିଳା ଜଣକ ମନାକରିବାରୁ ତାଙ୍କ ବେକରୁ ଚେନ୍ ଛିଣ୍ଡାଇ ନେଇ ଫେରାର ମାରିଥିଲେ।

ଏନେଇ ଟାଉନ ଥାନାରେ ଏତଲା ଦେଇଥିଲେ ମହିଳା। ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରି ୭ ଦିନ ମଧ୍ୟରେ ଲୁଟେରାଙ୍କୁ ଧରିଛି। ସେମାନଙ୍କ ଠାରୁ ଦୁଇଟି ମୋବାଇଲ, ଗହଣା ସଫାକରିବା ପାଉଡର ସହ ଉକ୍ତ ମହିଳାଙ୍କ ଚେନ୍ ମଧ୍ୟ ଜବତ କରିଛି। ତେବେ ପୋଲିସ ସେମାନଙ୍କୁ ଗିରଫ ପରେ କୋର୍ଟ ଚ଼ାଲାଣ କରିଛି। ଏମାନଙ୍କ ନାମରେ ଛତିଶଗଡ଼ ସହ ଓଡ଼ିଶା ବହୁ ଜିଲ୍ଲାରେ ମାମଲା ରହିଥିବା ମଧ୍ୟ ଜଣାପଡ଼ିଛି। ଏନେଇ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରିବ ବୋଲି ସୂଚ଼ନା ଦେଇଛନ୍ତି ଏସଡିପିଓ।

## ପୋଷ୍ଟ ଅଫିସ୍‌ରେ କାମ ବନ୍ଦ, ଲୋକଙ୍କ ଧାରଣା

**ସୋରଡା: ଏକ୍ସପ୍ରେସ ନ୍ୟୁଜ୍**

୧୫ ଦିନ ହେଲା ସୋରଡା ପୋଷ୍ଟ ଅଫିସ୍ ଠପ୍। ସର୍ଭର୍ ଡାଉନ୍। ଲିଙ୍କ ନଥିବାରୁ ହୋଇପାରୁନି କାମ। ତାତିଲେ ଲୋକେ। ସୋମବାର ସକାଳେ ପୋଷ୍ଟ ଅଫିସକୁ ଆସିଥିବା କିଛି ଲୋକ ଧାରଣାରେ ବସିଛନ୍ତି।

ଅଭିଯୋଗ ଅନୁଯାୟୀ, ସୋରଡା ଡାକ ଘର ଉପରେ ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରନ୍ତି। ୧୫ ଦିନ ହେବ ପୋଷ୍ଟ ଅଫିସରେ କୌଣସି କାର୍ଯ୍ୟ ହୋଇପାରୁନି। ଲିଙ୍କ ନଥିବା କୁହାଯାଉଛି। ପୋଷ୍ଟ ମାଷ୍ଟର ମେଲ୍



ଯୋଗେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ବୈଷୟିକ ତ୍ରୁଟିର ସମାଧାନ ହେଉନି। ଅର୍ଥ ଜମା, ଉଠାଣ, ଚ଼ିଠି ଦେଣନେଣ, ସ୍ଥାୟୀ ଜମା ଉଠାଣ ପରି ବହୁତ ସମସ୍ୟା ହେଉଛି। ସ୍ଥାନୀୟ ଲୋକେ ଅତିଷ୍ଠ ହୋଇ ଶନିବାର ଥାନାରେ ଗୁହାରୀ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଥାନାଧିକାରୀ ମଧ୍ୟ ଡାକ ବିଭାଗର ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରି ସମାଧାନ କରିବାକୁ କହିଥିଲେ। ୨୯ ତାରିଖରେ ସମସ୍ୟା ସମାଧାନ ନହେଲେ ଜନତା ଧାରଣାରେ ବସିବାକୁ ସୂଚ଼ନା ଦେଇଥିଲେ। ସମସ୍ୟାର ସମାଧାନ ନହେବାରୁ ପୂର୍ବ ନିଷ୍ପତ୍ତି ପୂର୍ବକ ସୋମବାର ପୋଷ୍ଟ ଅଫିସ୍ ସମ୍ମୁଖରେ ସାଧାରଣ ଲୋକ ଧାରଣା ଦେଇଛନ୍ତି।

## କାର୍ ଉପରେ ଓଲଟିଲା କାଜୁ ବୋଝେଇ ଟ୍ରକ୍

**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟିର ଖେମୁଣ୍ଡିଖୋଲ ଗାଁ ନିକଟ ମୁଖ୍ୟରାସ୍ତାରେ ସଡ଼କ ଦୁର୍ଘଟଣା ହୋଇଛି। ସୋମବାର ମଧ୍ୟାହ୍ନ ପ୍ରାୟ ୧ଟାରେ ଏକ କାଜୁ ବୋଝେଇ ଟ୍ରକ ବିପରୀତ ଦିଗରୁ ତପ୍ତପାଣି ଅଭିମୁଖେ ଯାଉଥିବା ଏକ କାର ଉପରେ ଓଲଟି ଦୁର୍ଘଟଣାଗସ୍ତ ହୋଇଛି। ଟ୍ରକରୁ ବହୁ ସଂଖ୍ୟକ କାଜୁ ବସ୍ତା ରାସ୍ତା ଉପରେ ବିଛାଡ଼ି ହୋଇ ପଡ଼ିଥିଲା। କାର ଭିତରେ ଥିବା ୪ ଜଣ ଏବଂ ଚ଼ାଳକ ଉଦ୍ଧାର ପାଇଁ ଚ଼ିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି କାର ଭିତରୁ ୪ଜଣ ଏବଂ ଟ୍ରକରୁ ଚ଼ାଳକ ଓ ହେଲପରଙ୍କୁ ଉଦ୍ଧାର କରିଥିଲେ।

ଖବରପାଇ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଓ ପାଟପୁର ଥାନା ପୋଲିସ କର୍ମଚ଼ାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ କଟର ମେସିନରେ କାରର ଡୋର କାଟି ଭିତରେ ଚ଼ାପି ହୋଇରହିଥିବା ଚ଼ାଳକଙ୍କୁ ବହୁ କଷ୍ଟରେ ଉଦ୍ଧାର କରିଥିଲେ। କାର ଚ଼ାଳକଙ୍କ ସମେତ ଅନ୍ୟ ୪ ଜଣଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚ଼ିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କାର ଚ଼ାଳକଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୪ ଜଣଙ୍କୁ ପ୍ରାଥମିକ ଚ଼ିକିତ୍ସା ପରେ ଛାଡି ଦିଆଯାଇଛି।

କାଜୁ ବୋଝେଇ ଟ୍ରକଟି ରାୟଗଡ଼ାରୁ ଭାୟା ତପ୍ତପାଣି ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ବିପରୀତ ଦିଗରୁ ଆସୁଥିବା କାରକୁ ସାଇଡ ଦେବା ବେଳେ ବୁଲାଣି ଘାଟି ରାସ୍ତାରେ ଟ୍ରକଟି ନିୟନ୍ତ୍ରଣ ହରାଇ କାର ଉପରକୁ ଓଲଟି ପଡ଼ିଥିଲା। ରାସ୍ତା ଉପରେ ଟ୍ରକ୍ ଓ କାର ଦୁର୍ଘଟଣା ହୋଇ ରାସ୍ତା ଅବରୋଧ ହେବାରୁ ଉକ୍ତ ରାସ୍ତାରେ ପ୍ରାୟ ୧ ଘଣ୍ଟା ଗାଡ଼ି ଚ଼ଳାଚ଼ଳ ବନ୍ଦ ଥିଲା। ଜେସିବି ମେସିନ ଅଣାଯାଇ ଟ୍ରକ୍ ଓ କାରକୁ ରାସ୍ତାରୁ ହଟା ଯିବା ପରେ ଗାଡ଼ି ଚ଼ଳାଚ଼ଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଗସ୍ତ ଟ୍ରକ୍ ଓ କାରକୁ ଜବତ କରାଯାଇ ମକଦ୍ଦମା ରୁଜୁ କରାଯାଇଛି। ଭୁବନେଶ୍ୱର ଅଞ୍ଚଳରୁ ୪ ଜଣ ପର୍ଯ୍ୟଟକ କାର ଯୋଗେ ଉଷ୍ମପ୍ରସ୍ରବଣ ଥିବା ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣିକୁ ବୁଲି ଆସିଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

## ୩ ଦିନରେ ୫.୧୮ କୋଟିର ବେଆଇନ ମାଦକ ଦ୍ରବ୍ୟ ଜବତ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଡିସେମ୍ବର ୨୦ ତାରିଖରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଚ଼ଢାଉ ଅଭିଯାନର ସପ୍ତମ, ଅଷ୍ଟମ ଏବଂ ନବମ ଦିନ ଅର୍ଥାତ ଡିସେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ହୋଇଥିବା ଚ଼ଢାଉରେ ଅବକାରୀ ବିଭାଗ ୫୮୧ଟି ମାମଲା ରୁଜୁ କରିବା ସହ ୫.୧୮ କୋଟି ଟଙ୍କାର ବେଆଇନ ମାଦକ ଦ୍ରବ୍ୟ ଓ ସାମଗ୍ରୀ ଜବତ କରିଛି।

ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ତିନି ଦିନିଆ ଅଭିଯାନରେ ୨୦୦ ଜଣଙ୍କୁ ଗିରଫ କରାଯାଇଛି, ଯେଉଁଥିରେ ଏନଡିପିଏସ୍ ଆଇନ ଅନୁଯାୟୀ ଆଠଟି ମାମଲା ରୁଜୁ ହୋଇଛି। ଏଥିସହିତ ବେଆଇନ କାରବାରରେ ଜଡିତ ୧୭ଟି ଗାଡି ଜବତ କରାଯାଇଛି।

ଜବତ ହୋଇଥିବା ମାଦକ ସାମଗ୍ରୀ ମଧ୍ୟରେ ୨୭,୬୮୯ ଲିଟର ବେଆଇନ ଦେଶୀ ମଦ, ୧୦୯୭ ଲିଟର ଡ୍ୟୁଟି ପେଡ୍ ଲିକର, ୨,୭୩,୮୬୦ ଲିଟର ମହୁଲ ପୋଚ଼ ଏବଂ ୨୯,୦୫୦ କିଲୋ ଗୁଡ ପୋଚ଼ ଅନ୍ତର୍ଭୁକ୍ତ। ଏଥି ସହିତ ଚ଼ଢାଉକାରୀ ଦଳ ୭୨୦ କିଲୋ ମହୁଲି ଫୁଲ ମଧ୍ୟ ଜବତ କରିଛନ୍ତି। ଚ଼ଢାଉ ଅଭିଯାନ ସମୟରେ ୫୨ କିଲୋଗ୍ରାମ ଭାଙ୍ଗ ମଧ୍ୟ ଜବତ କରାଯାଇଛି।

ସେହିପରି ଜବତ ହୋଇଥିବା ବେଆଇନ ନିଶାଦ୍ରବ୍ୟ ମଧ୍ୟରେ ୩୮ କିଲୋଗ୍ରାମ ଗଞ୍ଜେଇ ଏବଂ ୨୫ ଗ୍ରାମ ବ୍ରାଉନସୁଗାର ଅନ୍ତର୍ଭୁକ୍ତ। ଏହା ସହିତ ଅବକାରୀ ଦଳ କୋରାପୁଟ ଏବଂ ମାଲକାନଗିରିରେ ଗଞ୍ଜେଇ ଗଛ ବେଆଇନ ଚ଼ାଷ ସହିତ ଜଡିତ ଦୁଇଟି ମାମଲା ରୁଜୁ କରିଛନ୍ତି।

## ପ୍ରତ୍ୟେକ ପରିବାର ଖବରକାଗଜ କିଣନ୍ତୁ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଖୋର୍ଦ୍ଧା ଶ୍ରୀରାମ ନଗରସ୍ଥିତ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ଖୋର୍ଦ୍ଧା କାରାଗାର ପଥ ଶ୍ୟାମାମାଧମ ବାସନ୍ତୀ ଦେବୀ ପାଠାଗାର ସଭାଗୃହ ପରିସରରେ ସଂସଦର ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚିଲିକାକୂଳ ବଉଳାବନ୍ଧ ଗ୍ରାମରେ ଜନ୍ମଗ୍ରହଣ କରିଥିବା, ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର କଳାକାର, ସଂଳାପ ଲେଖକ ତଥା ବିଭିନ୍ନ ଗ୍ରାମରେ ଅପେରା ଦଳ ଗଢ଼ି ନାଟ୍ୟଗୁରୁ ଭାବେ ନିଜ ପରିଚୟ ସୃଷ୍ଟି କରିଥିବା ତ୍ରିନାଥ ଚରଣ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ଏହି ସଂସଦର ବାର୍ଷିକ ଉତ୍ସବରେ ରାଜ୍ୟର ବିଭିନ୍ନ ଅଂଚଳରୁ ସାରସ୍ୱତ ସାଧକ ତଥା କଳାକାରମାନେ ଯୋଗଦେଇଥିଲେ। ସଂସଦର ସଂପାଦକ ଶ୍ରୀମତୀ ଇତିଶ୍ରୀ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ରୂପେ ଓଷ୍ଟାର ପୂର୍ବତନ ସଭାପତି ପଦ୍ମନାଭ ବିଶ୍ୱାଳ, ମୁଖ୍ୟଅତିଥି ଭାବେ ଆନ୍ତର୍ଜାତୀୟ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ବିଷ୍ଣୁ ଚରଣ ସାହୁ ଏବଂ ମୁଖ୍ୟବକ୍ତା ରୂପେ ବିଶିଷ୍ଟ ନାଟ୍ୟକାର ତଥା ସ୍ତମ୍ଭକାର ବିଜୟ କୁମାର ଦାସ ଯୋଗଦେଇ କଳା, ସଂଗୀତ ତଥା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଯଥାଶୀଘ୍ର ଓଡ଼ିଆ ସରକାରୀ ଭାଷା ରୂପେ କାର୍ଯ୍ୟକାରୀ ହେବା ପାଇଁ ମତ



ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ କୈଳାସ ଚନ୍ଦ୍ର ସାହୁ, କାଙ୍କଣ ଶିଖରୀ ଲୀଳାକ୍ଷେତ୍ରର ସଭାପତି ଡ ସୁଶାନ୍ତ କୁମାର ସାହୁ, ଆମରି ସତ୍ୟର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ, କଟକ ମହାନଦୀ ବିହାର ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ ଲକ୍ଷ୍ମଣ ସାହୁ, ଗାଳ୍ପିକ ତଥା ସ୍ତମ୍ଭକାର ସୁନୀଲ କୁମାର ବୋଷ ଯୋଗଦେଇ ସାହିତ୍ୟର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଉତ୍ତରପ୍ରଦେଶ ସରକାର ପ୍ରତ୍ୟେକ ସରକାରୀ ବିଦ୍ୟାଳୟ ଗୋଟିଏ ଲେଖାଏଁ ସମ୍ବାଦପତ୍ର ମାସିକ କିଣିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଓଡ଼ିଶାରେ ମଧ୍ୟ ତାହା ହେବା ସହ ପ୍ରତ୍ୟେକ ପରିବାର ଖବରକାଗଜ କିଣିବା ପାଇଁ ଆହ୍ୱାନ ଦେଇଥିଲେ। ସାହିତ୍ୟ ସଂସଦର ମୁଖପତ୍ର 'ସାଧବାଣୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂସଦ ପକ୍ଷରୁ ଡ ବିଷ୍ଣୁ ଚରଣ ସାହୁ, ରାଜକିଶୋର ବଳିଆରସିଂହ, କୈଳାସ ଚନ୍ଦ୍ର ସାହୁ, ଜଗନ୍ନାଥ ନାୟକ, ପଣ୍ଡିତ ବାସୁଦେବ ସାହୁ, ବିଷ୍ଣୁପ୍ରିୟା ପ୍ରତାପସିଂହ ଓ ସନ୍ଧ୍ୟା ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆକାଶବାଣୀର କଣ୍ଠଶିଳ୍ପୀ ରଙ୍ଗନାଥ ସେଠୀ, ଗୁରୁ ରାଜାରାମ ବେହେରା, ଗୁରୁ ହେମନ୍ତ କୁମାର ବେହେରା, ଆଦିତ୍ୟ ପ୍ରସାଦ ସାହୁ, ଯଯାତି କେଶରୀ ନାୟକ, ରାମଚନ୍ଦ୍ର ଦାସ, ସୁକାନ୍ତି ସାହୁ, ଅଖିଳ କୁମାର ସାହୁ ପ୍ରମୁଖ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାମେଶ୍ୱର ନୃତ୍ୟ ମନ୍ଦିରର କଳାକାରମାନଙ୍କ ଦ୍ୱାରା ବିବିଧ ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଡ଼ଭୋକେଟ ବ୍ରଜ କିଶୋର ସାହୁ, ଡାକ୍ତର ଦେବପ୍ରସାଦ ସାହୁ, ସାହିତ୍ୟିକ ଗୋପାଳାକୃଷ୍ଣ ଦାସ, ଶିବ ସୁନ୍ଦର ପଟ୍ଟନାୟକ, ଡ. କୈଳାସ ଚନ୍ଦ୍ର ମହାରଣା, ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ମତ ରଖିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଦିବ୍ୟଲୋଚନ ଭାରିମଲ୍ଲ, ଡ ବୃନ୍ଦାବନ ପଣ୍ଡା, ବିଳାସିନୀ ଦାଶ, ନାରାୟଣ ଦାସ, କୈଳାସ ଚନ୍ଦ୍ର ପୃଷ୍ଟି ଓ ଦୟାନିଧି ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ସଂସଦର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାରଣା ସ୍ୱାଗତଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ନାଟ୍ୟକାର କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

## ବାଣିଜ୍ୟ

## ରୁପା ମୂଲ୍ୟରେ ସାମାନ୍ୟ ହ୍ରାସ

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ସୋମବାର ସ୍ପଟ୍ ବଜାରରେ ପ୍ରତି ଆଉନ୍ସ ୮୪ର ନୂତନ ଇନଟ୍ରାଡେ ରେକର୍ଡ ଛୁଇଁବା ପରେ ବିଶ୍ୱ ବଜାରରେ ରୁପା ମୂଲ୍ୟ ଦ୍ରୁତ ଭାବରେ ହ୍ରାସ ପାଇଛି। ପ୍ରବଳ ଲାଭ ବୁକିଂ ଯୋଗୁଁ ଧଳା ଧାତୁ ଏହାର ଶୀର୍ଷରୁ ୮% ହ୍ରାସ ପାଇଛି। ଯାହା ଏହାର କ୍ରମାଗତ ସପ୍ତମ ଦିନର ଲାଭକୁ ଭାଙ୍ଗି ଦେଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ମାର୍ଚ୍ଚ ମାସରେ ରୁପା ଫ୍ୟୁଚ଼ର୍ସ ସକାଳ ୧୦:୧୦ ସୁଦ୍ଧା ୪.୨୨% ବୃଦ୍ଧି ପାଇ ପ୍ରତି କିଲୋଗ୍ରାମ ୨,୪୯,୨୮୨ ଟଙ୍କାରେ କାରବାର କରୁଛି। ବିଶ୍ୱସ୍ତରରେ, ପ୍ରାରମ୍ଭିକ ବାଣିଜ୍ୟରେ ଫ୍ୟୁଚ଼ର୍ସ ୮୨.୬୭ର ଇନଟ୍ରାଡେ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ଯାହା ଶୁକ୍ରବାରର ୧୧% ଲାଭ ଉପରେ ୭% ବୃଦ୍ଧି ପାଇଛି-୨୦୦୮ ପରଠାରୁ ସବୁଠାରୁ ବଡ଼ ଏକ-ଦିନର ଲାଭ।





ସେହି ମୂଲ୍ୟସ୍ତରରେ, ରୂପା ଏକ ରାଲି ବିସ୍ତାର କରୁଥିଲା ଯାହା ଅକ୍ଟୋବରରେ ଦେଖାଯାଇଥିବା ଐତିହାସିକ ଯୋଗାଣ ଅଭାବକୁ ମଧ୍ୟ ଅତିକ୍ରମ କରିଯାଇଥିଲା। ବିଶ୍ଳେଷକମାନେ କହିଛନ୍ତି ଯେ କ୍ଷୀଣ ଛୁଟିଦିନ ବାଣିଜ୍ୟ ରାଲିକୁ ଆହୁରି ତୀବ୍ର କରିଛି, କାରଣ କମ୍ ପରିମାଣ ମୂଲ୍ୟ ଅସ୍ଥିରତାକୁ ବୃଦ୍ଧି କରିଛି। କମ୍ ଇନଭେଣ୍ଟରୀ ଏବଂ ଶୀଘ୍ର ଶୁଖିପାରୁଥିବା ତରଳତା ରାଲିକୁ ସମର୍ଥନ କରୁଛି। ସେ ମନେ ପକାଇ ଦେଇଥିଲେ ଯେ ରୁପାର ସୁନା ପରି କୌଣସି ରିଜର୍ଭ ନାହିଁ, କାରଣ ଲଣ୍ଡନ ସୁନା ବଜାରରେ ପ୍ରାୟ ୭୦୦ ବିଲିୟନ ସୁନା ଅଛି ଯାହାକୁ ତରଳତା ସଙ୍କଟ ସମୟରେ ଋଣ ଦିଆଯାଇପାରିବ।

ଯଦିଓ ୨୦୨୫ରେ ରୂପା ପ୍ରାୟ ୧୮୦% ବୃଦ୍ଧି ପାଇଛି। ତଥାପି ତିନୋଟି ବାଣିଜ୍ୟ ଅଧିବେଶନ ବାକି ଅଛି, ଯାହା ୧୯୭୯ ପରେ ଏହାର ସର୍ବୋତ୍ତମ ବାର୍ଷିକ ପ୍ରଦର୍ଶନ ପାଇଁ ଟ୍ରାକରେ ରଖିଛି, ଯେତେବେଳେ ଲାଭ ୨୦୦% ଅତିକ୍ରମ କରିଥିଲା। ମେହତା ଇକ୍ୱିଟିଜ୍ ଲିମିଟେଡର କମୋଡିଟିଜ୍ ଭିପି ରାହୁଲ କାଲାନ୍ତ୍ରୀ କହିଛନ୍ତି, 'ଏକ ଦୁର୍ବଳ ଡଲାର ସୂଚ଼କାଙ୍କ, ଫେଡ୍ ହାର ହ୍ରାସ ଆଶା ଏବଂ ବଢୁଥିବା ଭୂରାଜନୈତିକ ଉତ୍ତେଜନା ବୃଦ୍ଧିକୁ ସମର୍ଥନ କରିଥିଲା। ଆମେରିକାର ମୁଦ୍ରା ସହଜତାର ଆଶାରେ ଡଲାର ସୂଚ଼କାଙ୍କ ଲଗାତାର ପଞ୍ଚମ ସପ୍ତାହ ପାଇଁ ହ୍ରାସ ପାଇଛି। ନବୀକରଣ ହୋଇଥିବା ଆମେରିକା-ଭେନେଜୁଏଲା ଉତ୍ତେଜନା ମଧ୍ୟ ସୁରକ୍ଷିତ-ସ୍ୱର୍ଗ କିଣାକୁ ଇନ୍ଧନ ଯୋଗାଇଛି।'

ଜାନୁଆରୀ ୨୦୨୬ରୁ ଚ଼ୀନର ରୁପା ରପ୍ତାନି ଉପରେ ପ୍ରସ୍ତାବିତ ନିଷିଦ୍ଧ ଯୋଗୁଁ ରୁପାରେ ଏକ ତୀବ୍ର ବୃଦ୍ଧି ଦେଖାଦେଇଛି, ଯେତେବେଳେ ବିଶ୍ୱ ଅନିଶ୍ଚିତତା ମୂଲ୍ୟବାନ ଧାତୁ ଆଡକୁ ନିବେଶ ପ୍ରବାହକୁ ଠେଲି ଦେଉଛି। ସେ ଆହୁରି କହିଛନ୍ତି, 'ରୁପାର ମୂଲ୍ୟ ୨,୩୮,୮୧୦ ଟଙ୍କାରୁ ୨,୩୭,୧୭୦ ଟଙ୍କା ପର୍ଯ୍ୟନ୍ତ ସମର୍ଥନ ରହିଛି, ଯେତେବେଳେ ପ୍ରତିରୋଧ ୨,୪୧,୮୧୦ ଟଙ୍କାରୁ ୨,୪୩,୪୭୦ ଟଙ୍କା ପର୍ଯ୍ୟନ୍ତ ରହିଛି।'

## ସେବା ପାଇଁ ରେଳ କର୍ମଚ଼ାରୀ ସମ୍ମାନିତ



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

କାର୍ଯ୍ୟ ସମୟରେ ନିରାପତ୍ତା ପ୍ରତି ଅନୁକରଣୀୟ ସମର୍ପଣ, ସତର୍କତା ଏବଂ ପ୍ରତିବଦ୍ଧତାର ସ୍ୱୀକୃତି ସ୍ୱରୂପ, କର୍ତ୍ତବ୍ୟ ପାଳନ ସମୟରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ସାତ ଜଣ ରେଳ କର୍ମଚ଼ାରୀଙ୍କୁ ସମ୍ମାନିତ କରିଛନ୍ତି।

ସମ୍ମାନିତ କର୍ମଚ଼ାରୀମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦୁଝରଗଡ଼ ଷ୍ଟେସନ ଠାରେ କାର୍ଯ୍ୟରତ ଲୋକୋ ପାଇଲଟ୍ ନବୀନ କୁମାର ପଲାଇ, ଖୋର୍ଦ୍ଧା ରୋଡ୍ ଷ୍ଟେସନ ଠାରେ କାର୍ଯ୍ୟରତ ଲୋକୋ ପାଇଲଟ୍ ଏ.କେ. ବଳିଆରସିଂ, ରାହାମା ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟଣର-3 ମନୋଜ କୁମାର ହଂସଦା, ଅନୁଗୁଳ ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟଣର-୨ ଗୋରଖ ବେହେରା ଏବଂ ଟ୍ରାକ ମେଣ୍ଟଣର-୪ ପ୍ରକାଶ ଚ଼ନ୍ଦ୍ର ବିଶ୍ୱାଳ, ରାଜଆଠଗଡ଼ ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟଣର-୪ ପ୍ରଦୀପ କୁମାର ସାହୁ ଏବଂ ନିରଞ୍ଜନ ରଣା।

ଏହି କର୍ମଚ଼ାରୀମାନେ ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମୟରେ ମାନସିକତାର ଅସାଧାରଣ ଉପସ୍ଥିତି ଏବଂ ସତର୍କତା ପ୍ରଦର୍ଶନ କରିଥିଲେ ଏବଂ ସମୟୋଚ଼ିତ ଏବଂ ପ୍ରଭାବଶାଳୀ କାର୍ଯ୍ୟ ସମ୍ପାଦନ କରିଥିଲେ ଯାହା ରେଳ ସେବାର ନିରାପଦ ଚ଼ଳାଚ଼ଳ ସହ ସୁଗମ ପରିଚ଼ାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ପୁରସ୍କାରପ୍ରାପ୍ତ କର୍ମଚ଼ାରୀମାନଙ୍କୁ ସମ୍ମାନିତ କରିବା ସମୟରେ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ସେମାନଙ୍କର ଆନ୍ତରିକତା, ସମର୍ପଣ ଏବଂ ବୃତ୍ତିଗତତାର ସହ କାର୍ଯ୍ୟ ସମୟରେ ସାମ୍ନା କରାଯାଉଥିବା ବିଭିନ୍ନ ଆହ୍ୱାନ ଓ ବିପରୀତ ପରିସ୍ଥିତିରେ ସେମାନଙ୍କର କର୍ତ୍ତବ୍ୟ ନିଷ୍ଠା ପାଇଁ ପ୍ରଶଂସା କରିଥିଲେ। ଶ୍ରୀ ତ୍ରିପାଠି ଗୁରୁତ୍ୱାରୋପ କରିଥିଲେ ଯେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ଅପରେଟରଙ୍କ ଭଳି ଆଗଧାଡିର କର୍ମଚ଼ାରୀମାନେ ରେଳ ପରିଚ଼ାଳନାର ନିରାପତ୍ତା, ନିର୍ଭରଯୋଗ୍ୟତା ଏବଂ ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି।

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ଦେବା ଏବଂ ସମସ୍ତସ୍ତରରେ ରେଳ ପରିଚ଼ାଳନାରେ ନିରାପତ୍ତା, ସତର୍କତା ଏବଂ ଉତ୍କର୍ଷତାର ଏକ ଦୃଢ଼ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ।

## କରିପୁ ଜଙ୍ଗଲରୁ ବିସ୍ଫୋରକ ଜବତ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ସୀମାନ୍ତ ଛତିଶଗଡ ରାଜ୍ୟ ବିଜାପୁର ଜିଲ୍ଲାର କରିପୁ ଜଙ୍ଗଲରେ ସର୍ଚ୍ଚ ଅପରେସନ ବେଳେ ସୁରକ୍ଷାକର୍ମୀଙ୍କୁ ମିଳିଛି ମାଓ ସାମଗ୍ରୀ। ଯାହା ମଧ୍ୟରେ ରହିଛି ଗୋଟିଏ ଟିଫିନ ବୋମା ଏବଂ ବିପୁଳ ପରିମାଣର ବିସ୍ଫୋରକ। ସୁରକ୍ଷା କର୍ମୀଙ୍କୁ କ୍ଷତି ପହଞ୍ଚାଇବା ଲାଗି ଜଙ୍ଗଲ ଭିତରେ ମାଓବାଦୀମାନେ ଏହି ସବୁ ବିସ୍ଫୋରକ ଲୁଚ଼ାଇ ରଖିଥିଲେ। ହେଲେ ଡିଆରଜି ଓ ସିଆରପିଏଫ ବାହିନୀର ସର୍ଚ୍ଚ ଅପରେସନ ବେଳେ ଟିଫିନ ବୋମା ଉଦ୍ଧାର କରାଯାଇ ତାହାକୁ ନିଷ୍କ୍ରିୟ କରାଯାଇଛି। ବୋମା ନିଷ୍କ୍ରିୟ କରାଯିବା ସମୟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ସୁରକ୍ଷାକର୍ମୀ ବିସ୍ଫୋରଣର ଶିକାର ହୋଇଥିଲେ ବଡ଼ କ୍ଷତି ହୋଇଥାଆନ୍ତା। ସୁରକ୍ଷାକର୍ମୀଙ୍କ ପକ୍ଷରୁ ଜଙ୍ଗଲ ମଧ୍ୟରେ ସର୍ଚ୍ଚ ଅପରେସନ ଜାରି ରହିଛି।

## ଅଭିନୟରୁ ସନ୍ନ୍ୟାସ ନେଲେ ବିଜୟ

### ସିନେମାଫିନେମା ଟିଭିଫିବି

ପ୍ରସିଦ୍ଧ ଦକ୍ଷିଣ ଭାରତୀୟ ଅଭିନେତା ଥଲାପତି ବିଜୟ ଅଭିନୟରୁ ସନ୍ନ୍ୟାସ ନେବାକୁ ଘୋଷଣା କରିଛନ୍ତି। ଶନିବାର ମାଲେସିଆରେ ଏଚ୍.ବିନୋଦଙ୍କ ଫିଲ୍ମ 'ଜନ ନାୟଗନ୍'ର ଅଡିଓ ଲଞ୍ଚ କାର୍ଯ୍ୟକ୍ରମରେ ତାଙ୍କର ଏହି ଘୋଷଣା ସାମ୍ନାକୁ ଆସିଛି। ଏଥିସହ 'ଜନ ନାୟଗନ୍' ୫୧ ବର୍ଷୀୟ ଥଲାପତି ବିଜୟଙ୍କ ଅନ୍ତିମ ଫିଲ୍ମ ହେବ। ଏହାପରେ ସେ ପୂରାପୂରି ରାଜନୀତି ଉପରେ ଫୋକସ୍ କରିବାକୁ ସ୍ପଷ୍ଟ କରିଛନ୍ତି।

କାର୍ଯ୍ୟକ୍ରମରେ ବିଜୟ କହିଥିଲେ, ଲୋକେ ତାଙ୍କ ପାଇଁ ଥିଏଟରକୁ ଆସି ଲାଇନରେ ଛିଡା ହୁଅନ୍ତି। ସେଥିପାଇଁ ସେ ଆଗାମୀ ୩୦-୩୩ ବର୍ଷ ଯାଏ ଲୋକଙ୍କ ପାଇଁ ଛିଡା ହେବାକୁ ପ୍ରସ୍ତୁତ ଅଛନ୍ତି। ସେହି ପ୍ରଶଂସକଙ୍କ ଲାଗି ହିଁ ସେ ଫିଲ୍ମ ଜଗତରୁ ସନ୍ନ୍ୟାସ ନେଉଛନ୍ତି। ସେହିପରି ତାଙ୍କୁ ଦୀର୍ଘବର୍ଷ ଧରି ମିଳିଥିବା ଭଲପାଇବା ପାଇଁ ବିଜୟ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମାତ୍ର ୧୦ ବର୍ଷ ବୟସରେ ତାମିଲ ଫିଲ୍ମ 'ଭେଟ୍ରି'ରେ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ ବିଜୟ। ୧୮ ବର୍ଷ ବୟସରେ ସେ 'ନାଲୈୟା ଥିରପୁ' ଫିଲ୍ମ ମାଧ୍ୟମରେ ନାୟକ ରୂପେ ଡେବ୍ୟୁ କରିଥିଲେ। ନିଜର ୩୩ ବର୍ଷ ଲମ୍ବା ଫିଲ୍ମ କ୍ୟାରିୟର ମଧ୍ୟରେ ପ୍ରଶଂସକଙ୍କୁ ସେ ଅନେକ ହିଟ୍ ଫିଲ୍ମ ଉପହାର ଦେଇଛନ୍ତି। ଶେଷ ଫିଲ୍ମ 'ଜନ



ନାୟଗନ୍'ରେ ତାଙ୍କ ସହିତ ଅଭିନେତ୍ରୀ ପୂଜା ହେଗଡେ ସ୍କ୍ରିନ୍ ସେୟାର କରିବେ। ବବି ଦେଓ୍ୱଲଙ୍କୁ ମଧ୍ୟ ସେଥିରେ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ଏଚ୍.ବିନୋଦ ଏହି ରାଜନୈତିକ ଆକ୍ସନ ଥ୍ରିଲରର ନିର୍ଦ୍ଦେଶନାରେ ଅଛନ୍ତି। ଆସନ୍ତାବର୍ଷ ଜାନୁଆରୀ ୯ ତାରିଖରେ ତାହା ରିଲିଜ୍ ହେବ। ସୂଚ଼ନାଥାଉକି, ଗତବର୍ଷ ବିଜୟ ନିଜର ରାଜନୈତିକ ଦଳ ତାମିଲଗା ଭେଟ୍ରି କାଜଗମ ଗଠନ କରିଥିଲେ। ୨୦୨୬ରେ ହେବାକୁଥିବା ତାମିଲନାଡୁ ବିଧାନସଭା ନିର୍ବାଚ଼ନରେ ତାଙ୍କ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବ।

# କାମ ସରିଲା ପରେ ବି ପାଉଣା ମିଳୁନି

**୨୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଶାସନିକ ଅବହେଳା ଯୋଗୁ କାର୍ଯ୍ୟ ସଂପୂର୍ଣ୍ଣ ପରେ ବି ମିଳୁନି ଅର୍ଥ ରାଶି । ମାହାଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ମାହାଙ୍ଗା ବ୍ଲକ ସଦର ମହକୁମା ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତରେ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରଦାନ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡିକ ସଂପୂର୍ଣ୍ଣ ହୋଇ ସାରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଅର୍ଥ ବିନିଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ବର୍ଷାଧିକାଳ ଧରି ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ବିକାଶମୂଳକ କାର୍ଯ୍ୟର ଅର୍ଥ ରାଶି ପ୍ରଦାନ କରିବାରେ



ଟାଳଟୁଳ ନୀତି ଅବଲମ୍ବନ କରିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି ।

ଅଭିଯୋଗରୁ ପ୍ରକାଶ, ଜଳେଶ୍ୱରପୁର ପଂଚାୟତ ଅଧିନସ୍ଥ ୱାର୍ଡ ନଂ ୭ ପରିଡାପାଟଣାରେ ଅନେକ ଦିନ ପୂର୍ବରୁ ମା' ମଙ୍ଗଳା ପ୍ରାର୍ଥନା ମଣ୍ଡପ କାର୍ଯ୍ୟ ଶେଷ କରାଯାଇ ଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଅର୍ଦ୍ଧେକ ଅର୍ଥ ପ୍ରଦାନ କରାଯାଇ ଥିବାବେଳେ ଅବିଶିଷ୍ଟ ଅର୍ଥ ଏଯାବତ ଦିଆଯାଉନାହିଁ । ସେହିପରି ଏହି ପଞ୍ଚାୟତର ପ୍ରଧାନସାହି ୱାର୍ଡ ନଂ୪ରେ ନାୟକ ସାହି କମ୍ୟୁନିଟି ସେଣ୍ଟର ଓ ଅନନ୍ତେଶ୍ୱର କମ୍ୟୁନିଟି ସେଣ୍ଟର, ୱାର୍ଡ ନଂ ୬ର ନନ୍ଦିବଟ କମ୍ୟୁନିଟି ସେଣ୍ଟର, କାହ୍ନୁପୁର ଗ୍ରାମର ଯୁଗଳକିଶୋର କମ୍ୟୁନିଟି ସେଣ୍ଟର, ମଲ୍ଲିପୁରା ସ୍ୱାଇଁ ସାହିରେ ନିର୍ମିତ ହୋଇଥିବା ବୁଢି ଜାଗୁଳାଇ କମ୍ୟୁନିଟି ସେଣ୍ଟର, ଜଳେଶ୍ୱର ଗ୍ରାମର କ୍ଷିତିଜ୍ୟୋତି କମ୍ୟୁନିଟି ସେଣ୍ଟର, ଗଙ୍ଗପୁରା ଗ୍ରାମର ବଣୁଆ ମହାପୁରୁଷ କମ୍ୟୁନିଟି ସେଣ୍ଟର, ଗଙ୍ଗପୁରା ଗ୍ରାମ ୱାର୍ଡ ନଂ ୮ରେ କ୍ରେମିଟୁରିଜିମ, ସୁଲତାନପୁର ଗ୍ରାମର ମହିମା ଗୋସାଇଁ କମ୍ୟୁନିଟି ସେଣ୍ଟର, ୱାର୍ଡ ନଂ ୧ରେ ସର୍ବେଶ୍ୱର ମହାଦେବ ମନ୍ଦିର ନିକଟ ଯଜ୍ଞ ମଣ୍ଡପ, ୱାର୍ଡ ନଂ ୩ରେ ଡଗରାସାହି ହରିଜନସାହିର ଜଗନ୍ନାଥ ମଣ୍ଡପ, ଜଳେଶ୍ୱରପୁର ବୁଢି ଜାଗୁଳାଇ ଠାକୁର ମନ୍ଦିର ପେରିଫେରାଲ ଉନ୍ନୟନ କାର୍ଯ୍ୟ, ମଲ୍ଲୀପୁରା ଗ୍ରାମର ଭାଗବତ ଗୋସାଇଁ କମ୍ୟୁନିଟି ସେଣ୍ଟର ଓ ଅମରନାଥ ମନ୍ଦିର ରୋଷ ଘର, ଅମରନାଥ ମନ୍ଦିରର ମରାମତି ଓ ଉନ୍ନୟନ କାର୍ଯ୍ୟ, ଅଳିଯୋଡା ବୁଢି ଜାଗୁଳାଇ କମ୍ୟୁନିଟି ସେଣ୍ଟର ଆଦି ଉନ୍ନୟନମୂଳକ କାର୍ଯ୍ୟ ସଂପୂର୍ଣ୍ଣ ହେବାର ଦୀର୍ଘ ଦିନ ପରେ ମଧ୍ୟ ଅର୍ଥ ବିନିଯୋଗକାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଲ ଅର୍ଥ ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ ପୂର୍ବକ ବକେୟା ପଡି ରହିଥିବା ଅର୍ଥ ରାଶି ତୁରନ୍ତ ପ୍ରଦାନ କରିବାକୁ ଜଳେଶ୍ୱରପୁର ପଂଚାୟତ ସରପଞ୍ଚ ସୁଜାତା ମଲିକ, ସମିତିସଭ୍ୟା ରେବତୀ ସେଠୀ ଓ ସମାଜସେବୀ ସୁବାଷ ଜେନା ପ୍ରମୁଖ ଦୃଢ ଦାବି କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ ୩୦.୧୨.୨୦୨୫ | ମଙ୍ଗଳବାର-ଦଶମୀ, ଏକାଦଶୀ<br>ନକ୍ଷତ୍ର- ଦ୍ୱିଜା, ମେଷଚନ୍ଦ୍ର |
|---|---|
| **ମେଷ** | ଦିନଟି ସୁଖକାରକ ହେବ । |
| **ବୃଷ** | ଦିନଟି ଆପଣଙ୍କ ପାଇଁ ଅଶୁଭ ହେବ । |
| **ମିଥୁନ** | ବକେୟା ପଡ଼ିଥିବା ଧନ ପ୍ରାପ୍ତି ହେବ । |
| **କର୍କଟ** | ସମ୍ମାନିତ ହେବେ । |
| **ସିଂହ** | ଗୁରୁ ଆଶୀଷ ପ୍ରାପ୍ତ ହେବେ । |
| **କନ୍ୟା** | ଶାରୀରିକ ଅସୁସ୍ଥ ହେବେ । |
| **ତୁଳା** | ଆନନ୍ଦପ୍ରାପ୍ତି ହେବେ । |
| **ବିଛା** | ନୂତନ ଦ୍ରବ୍ୟ ଲାଭ କରିବେ । |
| **ଧନୁ** | ବୁଦ୍ଧି ଭ୍ରଷ୍ଟ ହେବ । |
| **ମକର** | କଳହରୁ ଅଶାନ୍ତି ହେବେ । |
| **କୁମ୍ଭ** | ରାଜ ସମ୍ମାନ ପ୍ରାପ୍ତି ହେବେ । |
| **ମୀନ** | କିଛି ବି ଅଘଟଣ ଘଟିପାରେ । |

## ବୃକ୍ଷ ରୋପଣ ନାଁରେ ଅର୍ଥ ହେରଫେର

**ନିଆଳୀ, ୨୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଫୁଲନଖରା ରେଞ୍ଜର ଅଧୀନରେ ଥିବା ନିଆଳୀ ବନ ବିଭାଗରେ ୨୦୨୪-୨୫ରେ ବୃକ୍ଷ ରୋପଣରେ ବ୍ୟାପକ ଅର୍ଥ ହେରଫେରେ ହୋଇଥିବା ଅଭିଯୋଗ ହୋଇଛି । ଏହି ବୃକ୍ଷ ରୋପଣରେ ତଳଠୁ ଉପର ପର୍ଯ୍ୟନ୍ତ କର୍ମଚାରି ସମ୍ପୃକ୍ତି ଥିବା ଜଣାପଡିବା ପରେ ବନ ବିଭାଗର ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି । ୨୪/୨୫ବର୍ଷରେ ନିଆଳୀ ସେକ୍ସନରେ ଜଙ୍ଗଲ ବିଭାଗ ପକ୍ଷରୁ କେତେ ବୃକ୍ଷ ଲଗାଯାଇଛି । କେଉଁ କେଉଁ ଜାଗାରେ ଲଗାଯାଇଛି । ବୃକ୍ଷ ବିକ୍ରିରେ କେତେ ଟଙ୍କା ଆସିଛିଛ ଓ ରକ୍ଷଣା ବେକ୍ଷଣା ରେ ପାଇଁ ଗୋରଡା ପାଣିଦେବାରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି । ଗତବର୍ଷ ଲାଗିଥିବା ଗଛଗୁଡିକ ମଧ୍ୟରୁ କେତେ ସୁରକ୍ଷିତ ରହିଛି ଓ କେତେ ନଷ୍ଟ ହୋଇଛି ଏସବୁ ତଥ୍ୟଦେବାରେ ଜଙ୍ଗଲ ବିଭାଗ ର ଅଧ୍ୟୀକାରି ମାନେ ପଛ ଘୁଞ୍ଚା ଦେଉଛନ୍ତି. ନିଆଳୀ ସେକ୍ସନ ରେ ଥିବା ଫରେଷ୍ଟର ତ୍ରିନାଥ ପ୍ରଧାନ । କିଛି ଅସ୍ଥାୟ କର୍ମଚାରି ମାନଙ୍କୁ ହାତ କରି ବିଭିନ୍ନ ଅର୍ଥ ଆତ୍ମସାତ ରେ ସପ୍ତତି ଥିବା ଅଭିଯୋଗ ଆଣିଛନ୍ତି ସମାଜସେବି ତଥା ସୂଚନା ଅଧିକାର କର୍ମ ନବଘନ ଭୋଇ । ଖୁବ୍ କମ୍ ଦିନ ମଧ୍ୟରେ ବନ ବିଭାଗ କର୍ମଚାରୀ କିଭଳି ଅମାପ୍ତ ସମ୍ପତ୍ତିର ଅଧିକାରୀ ହେଲେ ।ଏହି ବୃକ୍ଷ ରୋପଣର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ସତ୍ୟା ପ୍ରକାସ ପାଇବ ।

## ଦୁର୍ଘଟଣାରେ ଦୁଇ ଗୁରୁତର

**ବାଲେଶ୍ୱର, ୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ କୁଣ୍ଡୁପୁର୍ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଘନ କୁହୁଡ଼ି ଯୋଗୁଁ କାର୍ ଏବଂ କଣ୍ଟେନର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଦୁଇ ଜଣ ଆହତ ହୋଇଥିବା ସୂଚନା ମିଳିଛି । କାରଟି ବାଲେଶ୍ୱରରୁ ପଶ୍ଚିମବଙ୍ଗ



ଅଭିମୁଖେ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଛି । ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ଅଞ୍ଚଳର ଶୁଭମ୍ ମିଶ୍ର ଓ ଆଜରୁଲ ଖାଁ ନାମକ ଦୁଇ ବନ୍ଧୁ କୌଣସି କାର୍ଯ୍ୟ ସାରି ବାଲେଶ୍ୱରରୁ ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ସାମ୍ନାପଟୁ ଦ୍ରୁତଗତିରେ ଆସୁଥିବା ଏକ କଣ୍ଟେନର ସହ ଧକ୍କା ହୋଇଥିଲା । ଫଳରେ କାରଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଛି । ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ହୋଇଛନ୍ତି । ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନତା କମ୍ ଥିବାରୁ କାରଟି କଣ୍ଟେନରକୁ ଧକ୍କା ଦେଇଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ, କଣ୍ଟେନରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍ତା ପୁଲିସ ଦୁଇ ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଛନ୍ତି ।

## କୋଦଳା ଏନଏସିର ଦୁର୍ନୀତିକୁ ନେଇ ଜୋରଦାର ଚର୍ଚ୍ଚା

**କୋଦଳା, ୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ଦିନକୁ ଦିନ ବଢ଼ିଚାଲିଛି ମହା ଦୁର୍ନୀତି ଯାହାର ବାସ୍ନା ଏବେ ପଲି ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ବାସିଲାଣି ତଥାପି ଜିଲ୍ଲା ପ୍ରଶାସନ ନୀରବ । ଆମେ କହୁଛୁ ଗଞ୍ଜାମ ଜିଲ୍ଲା କୋଦଳା ଏନଏସିର କାର୍ଯ୍ୟାଳୟ କଥା ଯାହାର ଦୁର୍ନୀତି ଏବେ ଚରମସୀମାରେ ପହଞ୍ଚିସାରିଲାଣି । କିଛି ମାସ ତଳେ ପୂର୍ତ୍ତବିଭାଗ ତରଫରୁ ତହସିଲ କ୍ୱାର୍ଟର୍ସ ପରିସରରେ ଫେବର ପକାଇବା ପାଇଁ ଚାରିଲକ୍ଷ ଟଙ୍କା ମଞ୍ଜୁରୀ ହୋଇଥିଲା । ସେଇ କାମ ବର୍ତ୍ତମାନ ସୁଦ୍ଧା ହୋଇନଥିବା ବେଳେ ବର୍ତ୍ତମାନ ସେଇକାମକୁ କୋଦଳା ଏନଏସି ତରଫରୁ ଚିଠି ନମ୍ବର ୩୪୦୫/୨୬.୧୨.୨୦୨୫ରିଖରେ ଟେଣ୍ଡର ବାହାର କରିଛନ୍ତି । ଯାହାର ମୂଲ୍ୟ ୭,୮୧,୩୭୦ଟଙ୍କା, ଯାହାକି ୧୮.୧୨.୨୦୨୫ରେ ସାର୍ବଜନୀନ ହୋଇଥିଲା । ଏହାର ଶେଷ ତାରିଖ







୨୬.୧୨.୨୦୨୫ପର୍ଯ୍ୟନ୍ତ ଅଛି ଏହାକୁ ୨୯.୧୨.୨୦୨୫ଦିନ ୧୧ଟା ସମୟରେ ଓପେନ କରିବା ଧାର୍ଯ୍ୟ କରାଯାଥିଲା । କିନ୍ତୁ ଆଜି ସେଇ ଟେଣ୍ଡରକୁ କୋଦଳା ଏନଏସି ତରଫରୁ ଓପେନ କରାଯାଇଛି, ହେଲେ ଏଠି ପ୍ରଶ୍ନ ଉଠୁଛି କେମିତି ପୂର୍ତ୍ତ ବିଭାଗ ବାହାର କରିଥିବା ଟେଣ୍ଡରକୁ କୋଦଳା ଏନଏସି ବାହାର କଲା, ଏ ନେଇ ଆମ ପ୍ରତିନିଧି ପୂର୍ତ୍ତ ବିଭାଗର ଜେଇ ଜୟନ୍ତ କୁମାର ପତିଙ୍କ ସହ କଥା ହେବାରୁ ସେ କହିଛନ୍ତି କି ସେହି ସ୍ଥାନ ଏନ୍ଏସିକୁ ହସ୍ତାନ୍ତର କରାଯାଇନାହିଁ । ହେଲେ ଏବେ ପ୍ରଶ୍ନ ଉଠୁଛି କେମିତି କୋଦଳା ଏନଏସି ଏହି ଟେଣ୍ଡର ବାହାର କରି ଟେଣ୍ଡର ଓପେନିଂ ମଧ୍ୟ କଲା କିଛି ଦିନ ତଳେ ଏହି ଦୁର୍ନୀତିକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେଲା 'ଏକ୍ସ' ମାଧ୍ୟମରେ ରାଜ୍ୟସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନଙ୍କୁ ଜଣାଥିଲେ ମଧ୍ୟ କିଭଳି ଏମିତି ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି ଅଧ୍ୟକ୍ଷ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜେଇ ଓ ଏମଇ, ନା ଲୁଟି ଖାଇବାପାଇଁ ଏହିମାନେ ଏହିପରି ମହା ଘୋଟଲା କରିଛନ୍ତି? ଏହି ଏନଏସିରେ ଏମିତି ଗୋଟିଏ କାମ ନୁହଁ ଶତାଧିକ କାମରେ ଘୋଟଲା ଓ ଟେଣ୍ଡର ଫିକ୍ସିଂ କରି କୋଟି କୋଟି ଟଙ୍କା ଲୁଟି ସାରିଲେଣି । ପ୍ରତ୍ୟେକ ଦିନ ଏହି ଏନଏସିର ଦୁର୍ନୀତି ଉପରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ କାହିଁକି ନିରବ ତାକୁ ନେଇ ଏବେ ସାଧାରଣ ଲୋକଙ୍କ ମନରେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି । ଗତ ୨୮ ତାରିଖରେ ଟେଣ୍ଡର ଫିକ୍ସିଙ୍ଗ ହୋଇଥିବା ବେଳେ ଗତ ୨୯ ତାରିଖରେ ଜଣେ କାଉସିଲର ତଥା ସାମ୍ବାଦିକ ଭଗବାନ ପାଢ଼ୀଙ୍କୁ ଏନଏସି ପରିସରରେ ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ ମାଡମାରି ସିସିଟିଭି ଫୁଟେଜକୁ ଗାଏବ କରିଦେଇଥିଲେ ମଧ୍ୟ ଆଜକୁ ଦୀର୍ଘ ଏକ ମାସ ବିତିଯାଇଥିଲେ ମଧ୍ୟ ଏନଏସି କାର୍ଯ୍ୟାଳୟରେ ବର୍ତ୍ତମାନ ସୁଦ୍ଧା ସିସିଟିଭି ଲାଗିନାହିଁ । ଦେଖାଯାଉ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ହେଉଛି ଲୋକଙ୍କ ସରକାର ବୋଲି ଯୋଉ ଡିଣ୍ଡିମ ପିଟୁଛନ୍ତି ଏବଂ ଦୁର୍ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କହୁଛନ୍ତି ତାହା କେତେଦୂରୁ କାର୍ଯକାରୀ ହେଉଛି ତାହା ଦେଖିବାକୁ ବାକିରହିଲା ।

## ବସ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ବାଙ୍ଗିରପୋଷି, ୨୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍ଗରିପୋଷି ଥାନା ଅନ୍ତର୍ଗତ କଳାବାଡ଼ିଆ ନିକଟ ୧୮ ନଂ ଜାତୀୟ ରାଜପଥରେ ଘଟିଛି ଏକ ମର୍ମନ୍ତୁଦ ଦୁର୍ଘଟଣା । ବାଇକକୁ ପଛପଟୁ ବସ୍ ଧକ୍କା ଦେବାରୁ ସ୍ତ୍ରୀର ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି । ଗୁରୁତର ସ୍ୱାମୀଙ୍କୁ ବାରିପଦା ପିଆରଏମ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ଦୋରଖୋଲି ଗ୍ରାମର ଦୀପକ କୁମାର ପୁଷ୍ଟି ( ୩୦) ଓ ତାଙ୍କ ପତ୍ନୀ କଲ୍ୟାଣି ପଥାଳ(୨୫)ଙ୍କୁ ଧରି ଏକ ବାଇକ ଯୋଗେ ସାରସକଣାରୁ ବାରିପଦା କୌଣସି ଏକ କାର୍ଯ୍ୟରେ ଯାଉଥିଲେ । ତେବେ ୧୮ ନଂ ଜାତୀୟ ରାଜପଥ କଳାବାଡ଼ିଆ ନିକଟରେ ପଛ ପଟୁ ଆସୁଥିବା ଏକ ପିକନିକ ବସ୍ ଧକ୍କା ଦେଇଥିଲା । ଫଳରେ ପତ୍ନୀ କଲ୍ୟାଣୀଙ୍କ ଅଣ୍ଟା ଓ ପେଟରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଗୁରୁତର ହୋଇଥିଲେ । ଦୁର୍ଘଟଣା ଘଟାଇ ବସଟି ଫେରାର ହୋଇଯାଇଛି । ଘଟଣାସ୍ଥଳରେ ବାଙ୍ଗରିପୋଷି ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବାବେଳେ ବାରିପଦା ବାରୁଣୀ ଘାଟରେ ମୃତକଙ୍କ ଶେଷକୃତ ସମ୍ପର୍ଣ୍ଣ ହୋଇଛି ।

## ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ଼

**କୋଣାର୍କ, ୨୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଶାମ୍ବଦଶମୀ ଅବସରରେ ଆସନ୍ତା ୩୦ ତାରିଖରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ କରାଯାଇଥିବା ଜଣାପଡିଛି । ବିଗତ ବର୍ଷଗୁଡ଼ିକ ଭଳି ଚଳିତବର୍ଷ କୋଣାର୍କ ସୁରକ୍ଷା ସମିତି ଓ ବିଶ୍ୱ ହିନ୍ଦୁ ପରିଷଦର ମିଳିତ ଆନୁକୂଲ୍ୟରେ ତ୍ରିଦିବସୀୟ ବିଶ୍ୱ କଲ୍ୟାଣ ସୌର ମହାଯଜ୍ଞ ପାଇଁ ଘଟ ସ୍ଥାପନ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ତଥା କୋଣାର୍କ ଏନଏସି କାଉନସିଲର ସୌମ୍ୟସୌରଭ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଗବାନ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ କାର୍ଯ୍ୟକ୍ରମ ହେବ । ବିଶ୍ୱକୁ ରୋଗମୁକ୍ତ ଓ ବିଶ୍ୱର କଲ୍ୟାଣ ପାଇଁ ଏହି ମହାଯଜ୍ଞ ହେଉଛି । ପବିତ୍ର ଶାମ୍ବଦଶମୀରେ ବିଶ୍ୱ କଲ୍ୟାଣ ସୌର ମହାଯଜ୍ଞର ପୂର୍ଣ୍ଣାହୁତି ହେବ । ବିଶ୍ୱ ହିନ୍ଦୁ ପରିଷଦର ଭାଗୀରଥୀ ସ୍ୱାଇଁ, ରାମକୃଷ୍ଣ ମହାନ୍ତି, ପ୍ରତାପ କାଣ୍ଡି, ଶରତ ମଲ୍ଲ, ରବୀନ୍ଦ୍ର ନନ୍ଦୀ, ରଘୁନାଥ ମହାପାତ୍ର, ପ୍ରିୟରଂଜନ ରଥ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

## ୨୦ ବର୍ଷ ପରେ ଘରକୁ ଫେରିଲେ ମାନସିକ ଅନଗ୍ରସର ଲତା

**କେନ୍ଦୁଝର, ୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ସଦର ବ୍ଲକ ମଇଦାନକେଲ ଗାଁର ଲତା ବାଘୁଆ । ଘରର ବଡ଼ ଝିଅ । ତାଙ୍କ ତଳେ ଆଉ ଦୁଇ ଭଉଣୀ । ସାନ ଭଉଣୀମାନେ ପ୍ରେମ ବିବାହ କରି ଚାଲିଗଲେ । ଘର କଥା ଭାବି ଭାବି ଲତା ପାଗେଳୀ ହୋଇଗଲେ । ୨୦ ବର୍ଷ ତଳେ ମାନସିକ ଭାରସାମ୍ୟ ହରାଇ ଘରୁ କେଉଁଆଡ଼େ ଚାଲିଗଲେ ଯେ ଆଉ ଫେରିଲେନି । ସେତେବେଳକୁ ତାଙ୍କୁ ୩୦ ବର୍ଷ ହୋଇଥିଲା । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଲେ ତାଙ୍କର କୌଣସି ଖୋଜ ଖବର ମିଳିନଥିଲା । ଦୁଇ ବର୍ଷ ତଳେ ଛତିଶଗଡ଼ ବିଲାସପୁରର ଏକ ବଜାରରେ ଲତା ଅଳିଆ ଗୋଟାଉଥିବା ବେଳେ ବିଳାସପୁର ମେଣ୍ଟାଲ ହସ୍ପିଟାଲ ଟିମ୍ ନଜରରେ ପଡ଼ଲେ । ଆଉ ଡାକ୍ତରୀ ଟିମ୍ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରଥିଲେ । ଦୀର୍ଘ ଦିନର ଚିକିତ୍ସା



ପରେ ଲତା ଓଡ଼ିଆରେ କଥା ହେଲେ ।

ବିଳାସପୁର ମେଣ୍ଟାଲ୍ ହସ୍ପିଟାଲ ଲତାଙ୍କୁ ଶ୍ରଦ୍ଧା ଫାଉଣ୍ଡେସନ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ହସ୍ତାନ୍ତର କଲା । ଶ୍ରଦ୍ଧା ଫାଉଣ୍ଡେସନ ଲତାଙ୍କୁ ପାଖରେ ରଖି ଦୁଇ ବର୍ଷ ଧରି ଉଚ୍ଚସ୍ତରୀୟ ଚିକିତ୍ସା କରାଇଲା । ପରେ ଲତା ମା' ତାରିଣୀଙ୍କ ନାମ ଧରିବାରୁ ସେ କେନ୍ଦୁଝର ଜିଲ୍ଲାର ବୋଲି ଶ୍ରଦ୍ଧା ଫାଉଣ୍ଡେସନ ଜାଣି ଲାଇଭ ସେଭର ଅନୁଷ୍ଠାନ ସହ ଯୋଗାଯୋଗ କରିଥିଲା । ଶନିବାର ଲତାଙ୍କୁ ତାଙ୍କ ପୈତୃକ ଘର ମଇଦାନକେଲକୁ ଅଣାଯାଇଛି । ଲତାକୁ ପାଇ ପରିବାରବର୍ଗ ବହୁତ ଖୁସି ହୋଇଛନ୍ତି । ଲତା ଘରର ସମସ୍ତ ଲୋକଙ୍କୁ ଚିହ୍ନି ପାରିଛନ୍ତି । ଘର ଲୋକ ମଧ୍ୟ ତାଙ୍କୁ ଚିହ୍ନି ପାରିଛନ୍ତି ।

ଲତା ସିନା ଘରକୁ ଫେରିଲେ ହେଲେ ତାଙ୍କ ତଳ ଭଉଣୀ ମୁଖୁରୀ ବାଘୁଆ ଏବେ ମାନସିକ ରୋଗୀ । ମୁଖୁରୀ ବିହାର ଅଞ୍ଚଳରେ ପ୍ରେମ ବିବାହ କରିଥିଲେ । ସେଠାରେ ସ୍ୱାମୀର ନିର୍ଯାତନା ସହ୍ୟ କରି ନପାରି ବାପା ଘରକୁ ଦୁଇ ପିଲା ଛୁଆ ସହିତ ପାଞ୍ଚ ବର୍ଷ ତଳେ ଚାଲି ଆସିଥିଲେ । ପରେ ମୁଖୁରି ମଧ୍ୟ ଚିନ୍ତାଗ୍ରସ୍ତ ହୋଇ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି । ତାଙ୍କୁ ଏବେ ଏକ କୋଠରୀ ଭିତରେ ତାଲା ପକାଇ ରଖାଯାଉଛି । ଏହା ଦେଖି ଶ୍ରଦ୍ଧା ଫାଉଣ୍ଡେସନ ମୁଖୁରୀଙ୍କୁ ପରିତ୍ୟକ୍ତ ଘରୁ କାଢି ସଫାସୁତୁରା କରିଛନ୍ତି । ତାଙ୍କୁ ନୂତନ ବସ୍ତ୍ର ପିନ୍ଧାଇଛନ୍ତି । ମୁଖୁରୀଙ୍କ ଚିକିତ୍ସା ପାଇଁ ଶ୍ରଦ୍ଧା ଫାଉଣ୍ଡେସନ ଚେଷ୍ଟା ଚଳାଇଛି ।

## ଡାକ୍ତରଙ୍କ ଆନ୍ଦୋଳନ : ରୋଗୀସେବା ଠପ୍

**ଖଣ୍ଡପଡ଼ା, ୨୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ଚିକିତ୍ସା ସେବା ସଂଘର ଆହ୍ୱାନକ୍ରମେ କାର୍ଯ୍ୟରତ ଡାକ୍ତରମାନେ ୧୮ ଦଫା ଦାବି ପୂରଣ ନେଇ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୨ ଦିନ ଧରି ରୋଗୀସେବା ବ୍ୟାହତ ହୋଇଥିବା ଜଣାଯାଇଛି । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଦାସର୍ବଦା ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଥିବା ବେଳେ କାର୍ଯ୍ୟରତ ହାତଗଣତି କେତେକ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ରୋଗୀସେବା ବ୍ୟାହତ ହେଉଥିବା ଜଣାପଡିଛି । ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

## ବଣ୍ଡାଗୁଡ଼ାରେ ନକଲି ମଦ କାରଖାନା

**କୋରାପୁଟ, ୨୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ଜିଲା କୋଟପାଡ଼ ଥାନା ଅନ୍ତର୍ଗତ ବଣ୍ଡାଗୁଡ଼ାରେ ସୋମବାର ଏକ ନକଲି ବିଦେଶୀ ମଦ କାରଖାନା ଠାବ ହୋଇଛି । ଏକ ଘରେ ଦୁଇ ଜଣ ବ୍ୟକ୍ତି ଏହି ନକଲି ମଦ କାରଖାନା ଚଳାଉଥିଲେ । ବିଭିନ୍ନ ରସାୟନିକ ସାମଗ୍ରୀ ମିଶ୍ରଣ କରି ନାମୀଦାମୀ ବ୍ରାଣ୍ଡର ମଦ ପ୍ରସ୍ତୁତ କରି ବାହାରକୁ ଚାଲାଣ କରୁଥିଲେ । ଏ ନେଇ ଖବରପାଇ କୋରାପୁଟ ଅବକାରୀ ବିଭାଗ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ସେଠାରୁ ବିପୁଳ ପରିମାଣର ନକଲି ମଦ ଜବତ ହୋଇଛି । ଏସବୁ ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଅନ୍ୟପଟେ ଦୁଇ ମାଲିକ ଫେରାର ହୋଇଯାଇଛନ୍ତି ।

## ଦୟନୀୟ ଜୀବନ ବିତାଉଛନ୍ତି ବୃଦ୍ଧ ଦମ୍ପତି

**ବଲାଙ୍ଗିର, ୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ହୀରାପୁର ପଞ୍ଚାୟତ ଅଧୀନ ପନେସରା ଗ୍ରାମର ବୃଦ୍ଧ ଦମ୍ପତି ବିଜୁଳି ନାଏକ(୬୫), ସ୍ୱାମୀ ସୁରଭି ନାଏକ(୭୦) ବେସାହାରା ହୋଇ ଅଧାଗଢ଼ା ଘରେ ଦୟନୀୟ ଭାବେ ଜୀବନ ବିତାଉଛନ୍ତି । ଏବେ ପ୍ରବଳ ଶୀତ ସାଙ୍ଗକୁ କାକର ପଡୁଥିବାବେଳେ ଭାଗ୍ୟକୁ ଆଦରି ସେମାନେ ଉକ୍ତ ଘରେ ରହିଛନ୍ତି । ତୁରନ୍ତ ସେମାନଙ୍କୁ ଘର ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।



ସୂଚନା ଅନୁଯାୟୀ, ବୃଦ୍ଧାବସ୍ଥାରେ ଏହି ଦମ୍ପତିଙ୍କର ସାହାରା ହେବା କଥା ତାଙ୍କର ଏକମାତ୍ର ପୁଅ । ହେଲେ ସେ ତାଙ୍କ ମା', ବାପାଙ୍କୁ ଅଣଦେଖା କରି ପରିବାର ସହ ଶ୍ୱଶୁରଘର ଗ୍ରାମରେ ରହୁଛନ୍ତି । ଅନ୍ୟର ଆଶ୍ରୟରେ ଆଶ୍ରିତ ଏହି ବୃଦ୍ଧ ମା', ବାପା ପନେସରା ଗାଁ ମୁଣ୍ଡରେ ଥିବା ଅର୍ଦ୍ଧନିର୍ମିତ ଘରେ ଜୀବନ ଅତିବାହିତ କରୁଛନ୍ତି । ଉକ୍ତ ଘରର କବାଟ ନ ଥିବାବେଳେ ମୁଣ୍ଡ ଉପରେ ଛାତ ନାହିଁ । ଘର ବାରଣ୍ଡାରେ ପଲିଥିନ ଢାଙ୍କି ଶୀତ, କାକରରେ ଦିନ କାଟୁଛନ୍ତି । ଏହି ଦମ୍ପତିଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ଝିଅ, ପୁଅଙ୍କ ବିବାହ ସରିଯାଇଛି । ପୁଅ ବିବାହ କରିବା ପରେ ପରିବାର ସହ ଗୋଟିଏ ଦଶନ୍ଧି ହେଲା ଶ୍ୱଶୁର ଘର ଗୌରେନମୁଣ୍ଡାରେ ରହି ଆସୁଛନ୍ତି । ଏହାପରେ ବୃଦ୍ଧ ଦମ୍ପତି ଲୋଇସିଂହା ଥାନା ଅନ୍ତର୍ଗତ ବଘାପାଲି ଗ୍ରାମର ଝିଅ ଘରେ ୫ ବର୍ଷ ଧରି ରହିଆସୁଥିଲେ । କିନ୍ତୁ ଦାରିଦ୍ର୍ୟ କାରଣରୁ ଝିଅ, ଜ୍ୱାଇଁ ତାଙ୍କ ସନ୍ତାନକୁ ଗ୍ରାମରେ ଛାଡି ଦାଦନ ଖଟିବା ପାଇଁ ତାମିଲନାଡୁ ଚାଲିଯାଇଥିଲେ । ପରେ ଏହି ଦମ୍ପତି ପନେସରା ଗ୍ରାମକୁ ଚାଲିଆସିଥିଲେ । ଘରେ କେହି ନ ଥିବାରୁ ପୁଅ ମା', ବାପାଙ୍କୁ ନିଜ ପାଖକୁ ନେଇଥିଲେ । ହେଲେ ସେଠାରେ କିଛିମାସ ରଖିଲା ପରେ ପ୍ରାୟ ୭ ମାସ ହେବ ସେମାନଙ୍କୁ ପନେସରା ଗ୍ରାମକୁ ଆଣି ଛାଡି ଚାଲିଯାଇଥିବା ଗ୍ରାମବାସୀ କହିଛନ୍ତି । ହୀରାପୁର ପଞ୍ଚାୟତ ପକ୍ଷରୁ ଏହି ଦମ୍ପତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୧ ହଜାର ଟଙ୍କା ଲେଖାଏ ଓ ଅନ୍ତ୍ୟୋଦୟ ଯୋଜାନାରେ ୩୫ କେଜି ଚାଉଳ ମିଳୁଛି । ହେଲେ ବାର୍ଦ୍ଧକ୍ୟ ଯୋଗୁ ନିଜେ ରୋଷେଇ କରି ଖାଇବା ସେମାନଙ୍କ ପକ୍ଷରେ କଷ୍ଟକର ବ୍ୟାପାର ହୋଇପଡିଛି । ଗ୍ରାମକୁ ଆସିଲା ପରେ କିଛିଦିନ ରୋଷେଇ କରି ଖାଇ ନ ପାରି ଉପବାସରେ ଏହି ଦମ୍ପତି ଦିନ କାଟିଥିଲେ । ସେବେଠାରୁ ତାଙ୍କ ସମ୍ପର୍କିୟ ପୁଅ ଚନ୍ଦ୍ରଭାନୁଙ୍କ ପରିବାର ଦିନକୁ ଦୁଇବେଳା ଖାଦ୍ୟପେୟ ଦେଉଥିବା ଗ୍ରାମବାସୀ କହିଛନ୍ତି । ସ୍ଥାନୀୟ ସରପଞ୍ଚ ରମାକାନ୍ତ ବିଶ୍ୱାଳ ସେମାନଙ୍କ ଅସହାୟତା ଦେଖି ବୃଦ୍ଧାଶ୍ରମରେ ରହିବା ପାଇଁ କହିଥିଲେ । କିନ୍ତୁ ଜନ୍ମକଲା ପୁଅ ହତାଦର କଲା, ଖାଇବାକୁ ମିଳୁ କିମ୍ବା ନ ମିଳୁ ଏଠାରେ ମରି ମାଟିରେ ମିଶିବୁ ପଛେ କୌଣସି ବୃଦ୍ଧାଶ୍ରମକୁ ଯିବୁ ନାହିଁ ବୋଲି ରୋକ୍‌ଠୋକ୍ ଭାବେ ସରପଞ୍ଚଙ୍କୁ ଶୁଣାଇଥିବା ଏହି ବୃଦ୍ଧ ଦମ୍ପତି କହିଥିଲେ । ଅପରପକ୍ଷେ ଉକ୍ତ ଦମ୍ପତିଙ୍କୁ ପ୍ରଶାସନ ପକ୍ଷରୁ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଯୋଗାଇ ଦେବାକୁ ଗ୍ରାମର କବିତା ନାଏକ, ସରିତା ନାଏକ, ରୁକ୍ମିଣୀ ପଧାନ, ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ସରପଞ୍ଚ ବିଶ୍ୱାଳ କହିଛନ୍ତି, ବୃଦ୍ଧ ଦମ୍ପତିଙ୍କ ଅସୁବିଧା ସମ୍ପର୍କରେ ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି । ଏଥର ଆଲର୍ଟରେ ଘର ବ୍ୟବସ୍ଥା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ କହିଛନ୍ତି ।

## ଉଦନ୍ତୀ ନଦୀରେ ଛତିଶଗଡ଼ କରିବ ବ୍ୟାରେଜ୍ : ଓଡ଼ିଶା ଲାଗି ବିପଦ

**ଭବାନୀପାଟଣା, ୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଉଦନ୍ତୀ ନଦୀରେ ଛତିଶଗଡ଼ ବ୍ୟାରେଜ୍ ନିର୍ମାଣ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି । ଓଡ଼ିଶା ସରକାର ଏପର୍ଯ୍ୟନ୍ତ ଜାଣି ପାରିନାହାନ୍ତି । ଉପର ଉଦନ୍ତୀ ଓ ତଳ ଉଦନ୍ତୀରେ ଜଳସେଚନ ପ୍ରକଳ୍ପ ପାଇଁ ଓଡ଼ିଶା ପୂର୍ବରୁ କେନ୍ଦ୍ରୀୟ ଜଳ କମିଶନଙ୍କ ନିକଟରେ ଫେରାଦ ହୋଇଥିଲା । ହେଲେ ଏ ନେଇ ଅନୁମତି ମିଳିନାହିଁ । ଫଳରେ ପ୍ରକଳ୍ପ କାର୍ଯ୍ୟକାରିତାରେ ଅନିଶ୍ଚିତତା ଦେଖାଦେଇଛି । ଏଭଳି ପରିସ୍ଥିତିରେ ଛତିଶଗଡ଼ ପକ୍ଷରୁ ବ୍ୟାରେଜ୍ ନିର୍ମାଣ କରାଗଲେ, ଓଡ଼ିଶାରେ ପ୍ରବାହିତ ପ୍ରାୟ ୮୦ କିମି ଉଦନ୍ତୀ ନଦୀର ଜଳସ୍ରୋତ ଶୁଖିଯିବ ଏବଂ ଏହା ଉପରେ ନିର୍ଭର କରୁଥିବା ଚାଷୀ ଓ ଲୋକେ ପାଣି ମୁନ୍ଦିଏ ପାଇବାରୁ ବଞ୍ଚିତ ହେବେ ।

ଛତିଶଗଡ଼ ଗରିଆବନ୍ଧର ଦଣ୍ଡକାରଣ୍ୟ ସଂରକ୍ଷିତ ଜଙ୍ଗଲରୁ



ଉଦନ୍ତୀ ନଦୀ ବାହାରି ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ସେପୁରଠାରେ ତେଲ ନଦୀରେ ମିଶିଛି । ଓଡ଼ିଶାର ନୂଆପଡ଼ା ଜିଲ୍ଲାରେ ୩୧.୨୪ କିମି ଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ପ୍ରାୟ ୫୦ କିମି ନଦୀପଥ ଲମ୍ବିଛି । ଛତିଶଗଡ଼ ସରକାର ଉଦନ୍ତୀ ସୀତାନଦୀ ସଂରକ୍ଷିତ ଜଙ୍ଗଲକୁ ୨୦୦୩ ମସିହାରେ ବ୍ୟାଘ୍ର ଅଭୟାରଣ୍ୟ ରୂପେ ଘୋଷଣା କରିଥିଲେ । ଏଠାରେ ପକ୍ଷୀ ଅଭୟାରଣ୍ୟ ଓ ବଣ ମଇଁଷିଙ୍କ ନିମନ୍ତେ ଉଦନ୍ତୀ ନଦୀରେ ବ୍ୟାରେଜ୍ ନିର୍ମାଣ ପାଇଁ ଛତିଶଗଡ଼ର ବନ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏହି ବ୍ୟାରେଜ୍ କେବଳ ପରୋକ୍ଷରେ ଓଡ଼ିଶାକୁ ଅକଳରେ ପକାଇବା ପାଇଁ ପ୍ରୟାସ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ୧୯୬୫ ମସିହାରୁ ଉଦନ୍ତୀ ନଦୀ ଉପରେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ର ଗୋର୍ଲାଠାରେ ଏକ ବ୍ୟାରେଜ୍ ଏବଂ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ବ୍ଲକ୍ ବୋର୍ଡାଠାରେ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରୟାସ ହୋଇ ବର୍ତ୍ତମାନ ସୁଦ୍ଧା ପୂର୍ଣ୍ଣାଙ୍ଗ ଭାବରେ କାର୍ଯ୍ୟକ୍ଷମ ହୋଇ ପାରିନାହିଁ ।

ଉପର ଉଦନ୍ତୀ ପ୍ରକଳ୍ପ ହେଲେ ନୂଆପଡ଼ା ଜିଲ୍ଲାର ପ୍ରାୟ ୮୫୦୦ ହେକ୍ଟର ଓ କଳାହାଣ୍ଡି ଜିଲ୍ଲାର ବୋର୍ଡାଠାରେ ୯୩୦୦ ହେକ୍ଟର ଜମି ଜଳସେଚିତ ହେବାର ପ୍ରସ୍ତାବ ରହିଛି । ଏହି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଜିଲ୍ଲାର ପ୍ରାୟ ୪ ହଜାର ଏକର ଜମିରେ ଜଳସେଚନ ସୁବିଧା ହୋଇପାରିବ । ୨୦୧୮ ମସିହାରୁ କେନ୍ଦ୍ରୀୟ ଜଳ ଆୟୋଗଙ୍କ ନିକଟରେ ଓଡ଼ିଶା ସରକାର ଫେରାଦ ହୋଇଥିବା ବେଳେ ମହାନଦୀ ଅବବାହିକା ବିବାଦ ଯୋଗୁଁ ଏହାର ଅନୁମତି ମିଳି ପାରୁନାହିଁ । ତେବେ ଏହି ଅନୁମତି ମିଳିବା ପୂର୍ବରୁ ଛତିଶଗଡ଼ ଚାଲାକି କରି ବନ୍ୟଜନ୍ତୁ ସଂରକ୍ଷଣ ପ୍ରକଳ୍ପ ଆଳରେ ଉଦନ୍ତୀ ଉପରେ ବ୍ୟାରେଜ୍ ନିର୍ମାଣ କରିବାକୁ ଉଦ୍ୟମ ଚଳାଇଛି, ଯାହାକି ଓଡ଼ିଶାକୁ ଅସୁବିଧାରେ ପକାଇବାକୁ ଉଦ୍ଦିଷ୍ଟ ବୋଲି ଜଣାପଡୁଛି ।

ଏବେ ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ ହାସଲ କରିବା ଲୋକଙ୍କ ପାଇଁ କାଳ ହୋଇଛି । ବିଶେଷ କରି ଯେଉଁମାନେ ଅଫ୍‌ଲାଇନ୍‌ରେ ଜରିମାନା ଅର୍ଥ ଦେବାକୁ ଚାହୁଁଛନ୍ତି ସେମାନେ ଏବେ ପରିବହନ ବିଭାଗରୁ ପୁଲିସ ବିଭାଗକୁ ଦଉଡ଼ି ଦଉଡ଼ି ନୟାନ୍ତ ହେଉଛନ୍ତି । ଆଉ ଏକ ସମସ୍ୟା ହେଉଛି ଜରିମାନା କଟାଯାଇଥିବା ୨୫ ପ୍ରତିଶତ ଯାନର ମୋବାଇଲ ନମ୍ବର ସେମାନଙ୍କ ଯାନର ନମ୍ବର ସହିତ ସଂଯୁକ୍ତ ନାହିଁ । ସେମାନେ ନିଜ ନିଜ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ଯିବାରୁ ସେମାନଙ୍କୁ ଗାଡ଼ିର ଜରିମାନା ପଇଠ କରିବାକୁ କୁହାଯାଉଛି । ଏହା ମୁଣ୍ଡବ୍ୟଥାର ଆଉ କାରଣ ପାଲଟିଛି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୩୦ ଡିସେମ୍ବର, ୨୦୨୫ | ମଙ୍ଗଳବାର


## ଓଡ଼ିଶା ଏକ୍ସପ୍ରେସ୍

## ଲୋକଙ୍କୁ ଅଧିକ ଅସୁସ୍ଥ କରାଉଛନ୍ତି ସରକାର!

ଅଧିକାଂଶ ରୋଗର ମୂଳ କାରଣ ମାନସିକ ଚାପ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି । ମଣିଷର ବ୍ୟସ୍ତତା ପୂର୍ବ ଅପେକ୍ଷା ଅନେକ ବଢ଼ିଛି । ନିଜ ଅୟସ ଆରାମ ପାଇଁ ଯିଏ ଯେଉଁସବୁ ଅନାବଶ୍ୟକ ଆବଶ୍ୟକତାକୁ ଆପଣାଇନେଉଛି ସେସବୁ ମଧ୍ୟ ଅନେକ ସମୟରେ ମଣିଷର ମୁଣ୍ଡବ୍ୟଥା ବଢ଼ାଉଛି । ଶାରୀରିକ ସମସ୍ୟାକୁ ଡାକି ଆଣୁଛି । ସବୁବେଳେ ଶୀତତାପ ନିୟନ୍ତ୍ରିତ କରିବେଶରେ ରହିଲେ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଛି । ଆଜିକାଲି ତ ଘରଠାରୁ ଆରମ୍ଭ କରି କାର୍ ଏବଂ ଦପ୍ତର ମଧ୍ୟ ଶୀତତାପ ନିୟନ୍ତ୍ରିତ ।

ଆମେ ନିଜେ ଆମ ଅସୁସ୍ଥତାକୁ ବଢ଼ାଇବାବେଳେ ସରକାର ମଧ୍ୟ ଅନେକ ସମୟରେ ଲୋକଙ୍କ ମାନସିକ ଚାପ ବଢ଼ାଇବାରେ ସାହାଯ୍ୟ କରୁଛନ୍ତି, ଫଳରେ ମଣିଷ ଅଧିକ ଅସୁସ୍ଥ ହୋଇପଡୁଛି ।

ଏ ସମ୍ପର୍କିତ କେତୋଟି ଉଦାହରଣ ଦେଉଛି– ରାତାରାତି ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍ ଅଚଳ କରିଦିଆଗଲା। ଲୋକେ ସେ ସମୟରେ କିଭଳି ଏହାକୁ ବଦଳାଇବେ ସେଇ ଚିନ୍ତାରେ ମୁଣ୍ଡବ୍ୟଥା ବଢ଼ିଲା । କାରଣ ବଦଳାଇବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ଲୋକେ କି ଦହଗଞ୍ଜ ହୋଇଛନ୍ତି ସେତେବେଳେ ଆପଣମାନଙ୍କୁ ବେଶ୍ ଜଣାଥିବ ।

ଆଜିଯାଏଁ ୧୦ ପ୍ରତିଶତ ଲୋକଙ୍କ ପାଖରେ ଏକ ନିର୍ଭୁଲ ଆଧାରକାର୍ଡ ନଥିବ । ଯେତେଥର ସଂଶୋଧନ କରିବେ ସେତେଥର ଆଉ ଏକ ଭୁଲ୍ ଆପଣଙ୍କ ନଜରରେ ପଡ଼ିବ । ବନାନ ଅସୁଦ୍ଧି କଥା ନକହିବା ଭଲ । ଗୋଟେ ନିର୍ଭୁଲ ଆଧାର କାର୍ଡ ପାଇବା ପାଇଁ ଆପଣଙ୍କୁ ହୁଏତ ଏକାଧିକ ଥର ଆଧାର କେନ୍ଦ୍ରକୁ ଦୌଡିବାକୁ ପଡ଼ିବ । ଶେଷରେ ହତାଶ ମଧ୍ୟ ହୋଇପାରନ୍ତି । ଏହା ମଧ୍ୟ ଆପଣଙ୍କ ମାନସିକ ଚାପ ବଢ଼ାଇବ, ଯଦି ଆପଣ ଟିକେ ସଚେତନ ମଣିଷ ହୋଇଥିବେ ।

ଆପଣଙ୍କର କୌଣସି ଭୁଲ୍ ନଥାଇ ମଧ୍ୟ ଆପଣ ସରକାରୀ କାମରେ ହଇରାଣ ହୋଇପାରନ୍ତି । ସବୁପ୍ରକାର ଦେୟ ନିଷ୍ପାର ସହିତ ପଇଠ କରିବା ପରେ ମଧ୍ୟ ବାକିଆ ଅଛି ବୋଲି ନୋଟିସ୍ ଆସିପାରେ । ସରକାରୀ ଅଫିସ୍‌ର ତ୍ରୁଟି ପାଇଁ ଆପଣଙ୍କୁ ଦରଖାସ୍ତ ଦେଇ ଅନୁରୋଧ କରିବାକୁ ପଡ଼ିବ ସଂଶୋଧନ କରିବା ପାଇଁ । ଏସବୁ ଯେ ମାନସିକ ଚାପ ବଢ଼ାଉଛି ଏଥିରେ ସାମାନ୍ୟ ସନ୍ଦେହ ନାହିଁ ।

ସରକାର ସବୁବେଳେ କ୍ୟାସଲେସ୍ ନେଣଦେଣକୁ ପ୍ରୋତ୍ସାହିତ କରୁଛନ୍ତି । କିନ୍ତୁ ସାଇବର ଅପରାଧୀଙ୍କୁ ଧରିବା କ୍ଷମତା ଏପର୍ଯ୍ୟନ୍ତ ସାଇବର ପୋଲିସ ପାଖରେ ନାହିଁ । ସାଇବର ଅପରାଧୀମାନେ ମଧ୍ୟ ଅନ୍‌ଲାଇନ୍‌ରେ ଦେୟ ପଇଠ କରିବାକୁ ସୂଚନା ଦେଉଛନ୍ତି, ତେଣୁ ଉପଭୋକ୍ତାଟିଏ କେମିତି ଜାଣିବ ଏ ନୋଟିସ୍ କାହାର? ବିଦ୍ୟୁତ୍ ବିଭାଗ ନାମରେ ବେଶିଭାଗ ଏହିଭଳି ମେସେଜ ଆସୁଛି ମୋବାଇଲ୍‌କୁ । ତେଣୁ ଟିକେ ସତର୍କ ନହେଲେ ଠକିଯିବାର ଭୟ ରହୁଛି । ତେଣୁ ଏହା ମଧ୍ୟ ମାନସିକ ଚାପ ବଢ଼ାଉଛି ।

ଆମେ ରାଜ୍ୟରେ କୁହନ୍ତୁ କି ଦେଶରେ, ଏବେ ବରିଷ୍ଠ ନାଗରିକ ଏବଂ ଗାଁଗହଳିର ଅପାଠୁଆ ଲୋକମାନେ ସ୍ମାର୍ଟଫୋନ୍ ସହିତ ସେତେଟା ପରିଚିତ ହୋଇପାରି ନାହାନ୍ତି । କିନ୍ତୁ ଆଜିକାଲି ସବୁ ଅନ୍‌ଲାଇନ୍‌ରେ କରିବାକୁ କୁହାଯାଉଛି । ବରିଷ୍ଠ ନାଗରିକ କିମ୍ବା ଗାଁ ଗହଳିର ଅପାଠୁଆ ଲୋକମାନେ ନାତି ନାତୁଣୀ କିମ୍ବା ସାଇପଡ଼ିଶାର ପିଲାଙ୍କ ଉପରେ ନିର୍ଭର କରୁଛନ୍ତି । ଫଳରେ ଅନେକ ସମୟରେ ସେମାନେ ଠକାମୀର ଶିକାର ହେଉଛନ୍ତି । ପିଲାମାନେ ବାପା ମା'ଙ୍କ ପେନସନ ଟଙ୍କା ଏଟିଏମ୍‌ରୁ ହଡ଼ପ କରୁଛନ୍ତି । ତେଣୁ ଏକ ଅତ୍ୟାଧୁନିକ ପଦ୍ଧତି ସହିତ ସବୁଲୋକଙ୍କୁ ଅଭ୍ୟସ୍ତ କରାନଯାଇ ଯଦି ଏହାର ବ୍ୟବହାରକୁ ସେମାନଙ୍କ ଉପରେ ଲଦି ନିଆଯାଏ ତା'ହେଲେ ଏହାର ଫଳ ନିଶ୍ଚିତ ଭାବରେ ଖୁବ୍ ଦୟନୀୟ ଯେ ହେବ ଏକଥା ନକହିବା ଭଲ । ଏସବୁ ମଧ୍ୟ ବରିଷ୍ଠ ନାଗରିକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି ।

ଏବେ ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ ହାସଲ କରିବା ଲୋକଙ୍କ ପାଇଁ କାଳ ହୋଇଛି । ବିଶେଷ କରି ଯେଉଁମାନେ ଅଫ୍‌ଲାଇନ୍‌ରେ ଜରିମାନା ଅର୍ଥ ଦେବାକୁ ଚାହୁଁଛନ୍ତି ସେମାନେ ଏବେ ପରିବହନ ବିଭାଗରୁ ପୁଲିସ ବିଭାଗକୁ ଦଉଡ଼ି ଦଉଡ଼ି ନୟାନ୍ତ ହେଉଛନ୍ତି । ଆଉ ଏକ ସମସ୍ୟା ହେଉଛି ଜରିମାନା କଟାଯାଇଥିବା ୨୫ ପ୍ରତିଶତ ଯାନର ମୋବାଇଲ ନମ୍ବର ସେମାନଙ୍କ ଯାନର ନମ୍ବର ସହିତ ସଂଯୁକ୍ତ ନାହିଁ । ସେମାନେ ନିଜ ନିଜ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ଯିବାରୁ ସେମାନଙ୍କୁ ଗାଡ଼ିର ଜରିମାନା ପଇଠ କରିବାକୁ କୁହାଯାଉଛି । ଏହା ମୁଣ୍ଡବ୍ୟଥାର ଆଉ କାରଣ ପାଲଟିଛି ।

ଆଉ ଏକ ମୁଣ୍ଡବ୍ୟଥାର କାରଣ ହେଉଛି–ଟାଟା କମ୍ପାନୀର ଅତିରିକ୍ତ ସିକ୍ୟୁରିଟି ଦେୟ ପଇଠ ପାଇଁ ଉପଭୋକ୍ତାଙ୍କୁ ଦିଆଯାଇଥିବା ନୋଟିସ୍ ।

ଓଡ଼ିଶା ଗରିବ ରାଜ୍ୟ ବୋଲି ମାଗଣା ଏବଂ ଟଙ୍କିକିଆ ଚାଉଳ ଦିଆଯାଉଛି । ଅନ୍ୟପଟେ ଅତ୍ୟାବଶ୍ୟକ ସେବା ପାଇଁ ଅତିରିକ୍ତ ବିଦ୍ୟୁତ୍ ଜମା ନଦେଲେ ବିଦ୍ୟୁତ୍ ସଂଯୋଗ କାଟିଦିଆଯିବ ବୋଲି କୁହାଯାଉଛି । ଏହା ଲୋକଙ୍କ ମୁଣ୍ଡବ୍ୟଥାକୁ ଅଧିକ ବଢ଼ାଇଛି ।

ସରକାରଙ୍କ ଚାପ ଅଧିକ କ୍ଷତିକାରକ ଲୋକଙ୍କ ପାଇଁ, କାରଣ ଏହା ପଛରେ ଜେଲ୍– ଜରିମାନାର ଭୟ ମଧ୍ୟ ରହିଛି । ତେଣୁ ଲୋକଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରେ ସରକାରଙ୍କ ଅବଦାନକୁ ଅସ୍ୱୀକାର କରିହେବନି ।

# 'ଧନ୍ଦା ପାଇଁ ଚାନ୍ଦା'ର କ୍ରୋନୋଲୋଜି



## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ

ତୁଷାରକାନ୍ତ

ଡବଲ ଇଞ୍ଜିନର ଅନ୍ୟତମ ରାମରାଜ୍ୟ ଛତିଶଗଡ଼ରେ ଦିନେପୂର୍ବରୁ ତିଆରି ହୋଇଥିବା ଜାତୀୟ ରାଜପଥ ଏତେ ଉନ୍ନତ ମାନରଥିଲା ଯେ, ତା ପରଦିନ ଲୋକେ ସେଥିରେ ବ୍ୟବହୃତ ହୋଇଥିବା କଂକ୍ରିଟକୁ ଅତି ସହଜରେ ଖୋଳିନେବାକୁ ସମର୍ଥ ହୋଇ ସେଭଳି କରିଥିଲେ ।

ମୋ ବଡଭିଶୋଇଙ୍କ ଜେଜେବାପା ୧୦୪ ବର୍ଷ ତଳେ ଟାଟା କମ୍ପାନୀର ଯେଉଁ ଲୁହା କଡ଼ି ଓ ବରଗା ବ୍ୟବହାର କରି ଉଚ୍ଚା ଉଚ୍ଚା ଦୁଇ ମହଲା ଘର କରିଥିଲେ, ସେଗୁଡିକରେ ଏପର୍ଯ୍ୟନ୍ତ କଳଙ୍କି ଲାଗିନାହ । ହାଓଡା ପୋଲ ବି ଠିଆ ହୋଇଛି ।

'WELL DONE ABBA' ହିନ୍ଦି ସିନେମା 'ଜମିରେ ଜଳସେଚନ ପାଇଁ ସରକାରୀ ଯୋଜନାରେ ତିଆରି ଜଳକୂପ (କୂଅ–DUG WELL) ଚୋରି' ଉପରେ ପର୍ଯ୍ୟବେସିତ । (ଇଣ୍ଟରନେଟ ଜରିଆରେ ଆପଣ ଏହି ବଢିଆ ହାସ୍ୟରସାତ୍ମକ ସିନେମାଟିକୁ ଦେଖି ପାରିବେ ।)

ଛତିଶଗଡ଼ର ଏଭଳି ରାସ୍ତା ବାବଦରେ ଗୁଗଲବାବା (ଇଣ୍ଟରନେଟ)ଙ୍କୁ ପଚାରନ୍ତେ, ସେ ଜଣାଇଥିଲେ ଯେ 'The incident where villagers in Chhattisgarh were filmed taking away concrete from a newly constructed national highway due to poor quality and lack of curing occurred around early September 2025.

The incident involved locals on a freshly laid road, reportedly repurposing the material for household use. The footage, which went viral, highlighted concerns about both the quality of the infrastructure project (specifically the lack of sufficient curing time) and a lack of civic responsibility.

A separate, more recent incident of a road scam on NH-43 in Pathalgaon, Jashpur district, where a newly built road broke apart within two days, was reported around December 7, 2025. In that case, officials had the substandard layer of the road removed with a JCB machine for reconstruction.

ସରକାରୀ କର୍ମଚାରୀ, ସାମ୍ବାଦିକଙ୍କ ଭିତରୁ ଯେଉଁ କତିପୟ ଆମର ଏହି ଦେଶରେ ଦୁର୍ନୀତିକୁ ବିରୋଧ କରନ୍ତି, ସେମାନଙ୍କ ଅବସ୍ଥା ଯାହା ହୁଏ, ସେଥିରୁ ୪ଟି ଉଦାହରଣ ତଳେ ସ୍ଥାନିତ ଅଛି (୧) ଆଇଆଇଟିରୁ ଉତ୍ତୀର୍ଣ୍ଣ ତଥା ଜାତୀୟ ରାଜପଥରେ ନିଯୁକ୍ତ ଇଞ୍ଜିନିୟର ସତ୍ୟେନ୍ଦ୍ର ଦୁବେ, ବିହାର ପ୍ରଦେଶର ଗୟାଠାରେ ଜାତୀୟ ରାଜପଥ ବିଭାଗରେ ନିଯୁକ୍ତଥିବା ସମୟରେ, ସେଠାରେ ଚାଲୁଥିବା ଦୁର୍ନୀତି ବାବଦରେ ଗୋଟିଏ ଚିଠି ଜରିଆରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବାଜପେୟୀଜୀଙ୍କ କାର୍ଯ୍ୟାଳୟକୁ ଜଣାଇ, ନିଜ ଜୀବନପ୍ରତି ଭୟ ଆଶଙ୍କାରେ ସେହି ଚିଠିଟି ଯେପରି ଦୁର୍ନୀତି କରୁଥିବାଙ୍କ କାନରେ ନପଡେ, ସେଥିପାଇଁ ଅନୁରୋଧ କରିଥିଲେ । କିନ୍ତୁ ତାହା ଦୁର୍ନୀତିଗ୍ରସ୍ତଙ୍କୁ ଜଣାଇ ଦିଆଯିବାପରେ, ତା୨୭.୧୧.୨୦୦୩ ରିଖରେ ତାଙ୍କୁ ଗୁଳି ମରାଯାଇ ହତ୍ୟା କରାଯାଇଥିଲା । (୨) ଆଇଆଇଟି ଶିକ୍ଷାପ୍ରାପ୍ତ ଇଞ୍ଜିନିୟର ତଥା ଇଣ୍ଡିଆନ ଅଏଲ କର୍ପୋରେସନରେ କାର୍ଯ୍ୟରତ ମଞ୍ଜୁନାଥ, ତେଲଟାଙ୍କିଗୁଡିକରେ ଚାଲିଥିବା ହେରଫେର ବାବଦରେ ଉପରିସ୍ଥଙ୍କୁ ଜଣାଇ ତା।୧୯.୧୧.୨୦୦୫ରିଖରେ ଗୁଳିମାଡ଼ରେ ପ୍ରାଣ ହରେଇଥିଲେ । (୩) ମଧ୍ୟପ୍ରଦେଶରେ କାର୍ଯ୍ୟରତ ଆଇପିଏସ ନରେନ୍ଦ୍ର କୁମାର ତା ୮.୩.୨୦୧୩ରିଖରେ ଅବୈଧ ବାଲି ଚାଲାଣକୁ ଧରିବା ସମୟରେ ତାଙ୍କ ଉପରେ ବାଲିଭରା ଟ୍ରାକ୍ଟର ଚଢ଼େଇ ଦିଆଯାଇ ତାଙ୍କୁ ହତ୍ୟା କରାଯାଇଥିଲା । ସେତେବେଳକୁ ତାଙ୍କର ଆଇଏଏସ ସହଧର୍ମିଣୀ ଗର୍ଭବତୀ ଥିଲେ । ଏବେ ବି ଦେଶସାରା ବାଲିଚୋରି ଚାଲିଛି କିନ୍ତୁ ନରେନ୍ଦ୍ର କୁମାରଙ୍କ ହତ୍ୟା ପରେ ତାଙ୍କ ଔରସରୁ ଜନ୍ମିତ ପୁଅଟି ବାପାଙ୍କ ମୁହଁ ଦେଖି ପାରିଲେ ନାହିଁ । (୪) ଏ ସବୁଥିରୁ ଶିକ୍ଷା ନନେଇ ଛତିଶଗଡ଼ର ଯୁବ ସାମ୍ବାଦିକ ମୁକେଶ ଚନ୍ଦ୍ରାକର ବସ୍ତର ଅଞ୍ଚଳର ରାସ୍ତାକାମରେ ଦୁର୍ନୀତି ବିଷୟରେ ନିଜ ୟୁଟ୍ୟୁବ୍ ଭିଡିଓ ଜରିଆରେ ଜଣେଇଥିଲେ । ୨୦୨୫ ମସିହାର ପ୍ରଥମ ଦିବସ ତା୧.୧.୨୦୨୫ରିଖରେ ତାଙ୍କ ଶବ ଗୋଟିଏ ସଦ୍ୟନିର୍ମିତ ପାଇଖାନା ଟାଙ୍କିରୁ ମିଳିଥିଲା ।

ସମଗ୍ର ବିଶ୍ୱରେ ଏମାନଙ୍କ ସଂଖ୍ୟା କିଛି କମ ନୁହେଁ । 'ଟିକିଏ ନଇଁ ପଡ଼ିବାରୁ ଆରମ୍ଭକରି ଆଣ୍ଠାଅ କୁହାଗଲେ ଗୁରୁଣ୍ଡୁଥିବା'ଙ୍କ ଭରପୁର ଏହି ଦେଶରେ ଏମାନେ ସତରେ କେଉଁ ଧାତୁରେ ଗଢା ହୋଇଥିଲେ କେଜାଣି, କିଛି ପରିବର୍ତ୍ତନ ହେବାର ନଥିଲେ ମଧ୍ୟ ଏମାନେ ନିଜ ଜୀବନକୁ ପାଣି ଛଡ଼େଇ ନିଜ ପରିବାରର ଯଥେଷ୍ଟ କ୍ଷତି କରାନ୍ତି ।

**ଏବଂ, ଏଭଳି କାହିଁକି?**

ଆମ ଦେଶରେ ୧୯୯୦ ମସିହା ପାଖାପାଖି ଖୋଲାବଜାର, ଘରୋଇକରଣ ଓ ବୈଶିକରଣ (Liberisation, Privatisation Globalization-LPG)ର ପ୍ରଚଳନପରେ । ଶାସନରେ ବସିବାକୁ ହେଲେ ଭୋଟ ଅକ୍ତିଆର କରିବାକୁ ଅଜସ୍ର ଅର୍ଥର ଆବଶ୍ୟକତା ହେଉଛି । ଅଜସ୍ର ପରିମାଣର ଚାନ୍ଦା ପ୍ରଦାନକାରୀ ଯେ ନିଜ ନିଜର ଧନ୍ଦା ବଢେଇବାକୁ ତଥା ଚାନ୍ଦା ପରିମାଣର ବହୁ ଅଧିକ ଗୁଣ ଆଦାୟ କରିବାକୁ ଶାସନରେ ଥିବା ଦଳକୁ ମେଞ୍ଚାଏ (huge amount) ତ ନିରପେକ୍ଷତା ଦେଖାଇହେବାକୁ ବିରୋଧୀ ଦଳଗୁଡ଼ିକୁ କେଞ୍ଚାଏ (very small amount) ପରିମାଣର ଚାନ୍ଦା ଦିଅନ୍ତି, ତାହା ଇଲେକ୍ଟୋରାଲ ବଣ୍ଡ ବାବଦରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପ୍ରଦାନ ପରେ ଜଣାପଡିଥିଲା, ଯାହାକୁ 'ଧନ୍ଦା ପାଇଁ ଚାନ୍ଦା' ନାମରେ ନାମିତ କରାଯାଇଛି ।

'ଇଲେକ୍ଟୋରାଲ ଟ୍ରଷ୍ଟ , ୧୯୬୧ ମସିହାର ଆୟକର ଧାରା– Income Tax Act - 1961' ଆଧାରରେ ଗଠିତ ହୋଇଥାଏ । ଏହା ବିଭିନ୍ନ ଭାରତୀୟ କମ୍ପାନୀ, ବାଣିଜ୍ୟିକ ଅନୁଷ୍ଠାନ (Forms), Hindu Undivided Family ତଥା ଜନତାଙ୍କ ଠାରୁ ଚାନ୍ଦା ଆଦାୟ କରି ବିଭିନ୍ନ ରାଜନୈତିକ ଦଳଗୁଡିକୁ ଦେଇଥାଏ । ଟ୍ରଷ୍ଟଗୁଡିକ ପାଉଥିବା ସମୁଦାୟ ଚାନ୍ଦାର ୯୫ % ବିଭିନ୍ନ ରାଜନୈତିକ ଦଳଗୁଡିକୁ ଦେଇ, ୫%କୁ ନିଜ ନିଜର ଖର୍ଚ୍ଚପାଇଁ କରିଥାଆନ୍ତି । ଏଗୁଡିକର ପ୍ରଚ୍ଛଦପଟରେ ବଡ଼ ବଡ଼ କର୍ପୋରେଟ ସଂସ୍ଥା ରହିଥାଆନ୍ତି ।

୨୦୨୪ ମସିହାରେ ଲୋକସଭା ତଥା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ହୋଇଥିଲା । ତେଣୁ ୨୦୨୩–୨୪ ଆର୍ଥିକ ବର୍ଷପାଇଁ ଇଲୋକଟରାଲ ଟ୍ରଷ୍ଟ ଜରିଆରେ ବିଭିନ୍ନ ଦଳକୁ ଦିଆଯାଇଥିବା ୨୧୮୦ କୋଟି ଟଙ୍କାର ଚାନ୍ଦା,୨୦୨୪–୨୫ ଆର୍ଥିକ ବର୍ଷରେ ପାଖାପାଖି ୩୮୦୦.୩୭ କୋଟି ଟଙ୍କାକୁ ବଢ଼ିଯାଇଥିଲା । ଏଥିରୁ ବିଜେପିକୁ ୩୧୧୨.୫୦ କୋଟି ଟଙ୍କା (୮୨% ) ମିଳିଥିବା ସ୍ଥଳେ, କଂଗ୍ରେସକୁ ମିଳିଥିଲା ମାତ୍ର ୨୯୮.୭୭ କୋଟି ଟଙ୍କା (ପାଖାପାଖି ୮%) ।

ତା।୨.୦୧.୨୦୧୮ରିଖରେ 'ଇଲୋକଟୋଲାର ବଣ୍ଡ ଜରିଆରେ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦିଆଯିବାର ଆଇନ' କେନ୍ଦ୍ର ସରକାରଙ୍କ ଗେଜେଟରେ ପ୍ରକାଶିତ ହୋଇଥିଲା । ସେହି ଦିନଠାରୁ ତା।୧୫.୪.୨୦୨୪ରିଖରେ ସୁପ୍ରିମକୋର୍ଟଙ୍କ ତରଫରୁ ଏହାକୁ 'ଅସାମ୍ବିଧାନିକ, ଅଗଣତାନ୍ତ୍ରିକ' କୁହାଯାଇ ଏହାର ପ୍ରଚଳନକୁ ଖାରିଜ କରାଯିବା ପର୍ଯ୍ୟନ୍ତ ପାଖାପାଖି ୧୬,୪୮୮.୨୧କୋଟି ଟଙ୍କାର ବଣ୍ଡ ବିକ୍ରି ହୋଇଥିଲା । ଏଥିରୁ ବିଜେପିକୁ ପାଖାପାଖି ୮୨୫୦.୭୫ କୋଟି ଟଙ୍କା (୫୦.୦୪ %), କଂଗ୍ରେସକୁ ପାଖାପାଖି ୧୯୫୧.୬୭କୋଟି ଟଙ୍କା (୧୧.୮୪%) ମିଳିଥିଲା । ଅନ୍ୟାନ୍ୟ ଦଳଗୁଡିକୁ ୬୨୮୫.୭୯ କୋଟି ଟଙ୍କା (୩୮.୧୨%) ଚାନ୍ଦା ମିଳିଥିଲା ।

'ଇଲେକ୍ଟୋରାଲ ବଣ୍ଡ' ବ୍ୟବସ୍ଥା ବନ୍ଦ ହେବାପରେ, 'ଇଲେକ୍ଟୋରାଲ ଟ୍ରଷ୍ଟ' ଜରିଆରେ ବିଭିନ୍ନ ରାଜନୈତିକ ଦଳଗୁଡିକୁ,୨୦୨୪–୨୫ ଆର୍ଥିକ ବର୍ଷପାଇଁ ମିଳିଥିବା ସମୁଦାୟ ୩,୮୧୧.୩୭ କୋଟି ଟଙ୍କାରୁ, ବିଜେପି ୩୧୧୨.୫୦ କୋଟି ଟଙ୍କା (୮୧,୬୫%) ପାଇଥିବା ସ୍ଥଳେ, କଂଗ୍ରେସ ପାଇଛି ୨୯୮.୭୭ କୋଟି ଟଙ୍କା (୭.୭୦%), ଯାହା ଇଲେକ୍ଟୋରାଲ ବଣ୍ଡ ଜରିଆରେ ବିଜେପି ପାଇଥିବା ୪୭.୫% ତୁଳନାରେ ବିଜେପି ପାଇଁ ଯଥେଷ୍ଟ ଅଧିକ ଓ ଇଲେକ୍ଟୋରାଲ ବଣ୍ଡ ଜରିଆରେ କଂଗ୍ରେସ ପାଇଥିବା ୧୧% ତୁଳନାରେ କମ । (ଇଲେକ୍ଟୋରାଲ ଟ୍ରଷ୍ଟ ବଡ଼ ବଡ ପୁଞ୍ଜିପତିମାନଙ୍କର ପୃଷ୍ଠପୋଷକତାରେ ଗଢା ଯାଇଥାଏ । ଏଗୁଡ଼ିକ ବିଭିନ୍ନ ଭାରତୀୟ କର୍ପୋରେଟ, ବ୍ୟବସାୟୀକ ଫାର୍ମ ଓ ଧନୀଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରି ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନୀ ଚାନ୍ଦା ଦେଇଥାଆନ୍ତି । ଯେଉଁଦଳ କେନ୍ଦ୍ରରେ ଶାସନରେ ଥାଏ, ସେହି ଦଳକୁ ସିଂହଭାଗ ଚାନ୍ଦା ମିଳିଥାଏ ।)

୨୦୨୪ ମସିହାରେ ଲୋକସଭା ତଥା ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଇତ୍ୟାଦି ରାଜ୍ୟର ବିଧାନସଭା ନିର୍ବାଚନ ହୋଇଥିଲା । ୨୦୨୩–୨୪ ଆର୍ଥିକ ବର୍ଷରେ ବିଜେପି ପାଇଥିବା ଚାନ୍ଦା ତୁଳନାରେ ୨୪୨୪–୨୫ ପାଇଁ ଦୁଇଗୁଣ ଅଧିକ ପାଇଥିବାସ୍ଥଳେ, ୨୦୨୩–୨୪ରେ କଂଗ୍ରେସର ଚାନ୍ଦା ପରିମାଣ, ୨୦୨୪–୨୫ରେ ଚାରିଭାଗରୁ ଭାଗେକୁ ଖସି ଆସିଥିଲା । (The Indian EXPRESSର ଏଭଳି ଚାନ୍ଦାର ପରିମାଣ ସହିତ ଇଣ୍ଟରନେଟରୁ ଉପଲବ୍ଧ ଅନ୍ୟାନ୍ୟ ସୂତ୍ରରୁ ମିଳୁଥିବା ଚାନ୍ଦାର ପରିମାଣରେ କିଛି କିଛି ଅମେଳ ରହୁଛି ।)

୨୦୨୪–୨୫ ମସିହାରେ ଇଲେକ୍ଟୋରାଲ ଟ୍ରଷ୍ଟ ଚାନ୍ଦା ସହିତ ନିର୍ବାଚନ କମିଶନଙ୍କ ହିସାବରେ ରହିଥିବା ବିଜେପିର ସମୁଦାୟ ଚାନ୍ଦାର ପରିମାଣ ହେଉଛି ୬,୬୫୪ କୋଟି ଟଙ୍କା, ଯେଉଁଥିରେ ସେରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ୧୦୦ କୋଟି, ରୁଙ୍ଗଟା ଗ୍ରୁପ ୯୫ କୋଟି ଟଙ୍କା, ବଜାଜ ଗ୍ରୁପ ୭୪ କୋଟି ଟଙ୍କା, ଆଇଟିସି ଗ୍ରୁପ ୭୨.୫ କୋଟି ଟଙ୍କା, ହିରୋ ଇଣ୍ଟରପ୍ରାଇଜର୍ସ ୭୦ କୋଟି ଓ ବେଦାନ୍ତ ଗ୍ରୁପର ୬୫ କୋଟି ଟଙ୍କା ରହିଛି ।

୨୦୨୩–୨୪ ମସିହାରେ ବିଜେପିକୁ ମିଳିଥିବା ୨୨୪୩ କୋଟି ଟଙ୍କାର ଏହା ତିନିଗୁଣ । ଏହି ସମୟରେ କଂଗ୍ରେସକୁ ସମୁଦାୟ ୫୨୨.୧୩ କୋଟି ଟଙ୍କା ମିଳିଥିଲା, ଯାହା ୨୦୨୩–୨୪ ଆର୍ଥିକ ବର୍ଷରେ ମିଳିଥିବା ୧,୧୨୯ କୋଟି ଟଙ୍କାର ଅଧାରୁ ବି କମ ।

ତା।୧୫.୪.୨୦୨୪ରିଖରେ ସୁପ୍ରିମକୋର୍ଟଙ୍କ କର୍ତ୍ତୃକ 'ଇଲେକ୍ଟୋରାଲ ବଣ୍ଡ ଯୋଜନା'କୁ ଖାରିଜ କରାଯିବାପରେ, ଯଶସ୍ୱୀ ମୋଦିଜୀ କହିଥିଲେ 'ଏହା ଏକ ସଫଳ ଯୋଜନା ଥିଲା, ଯାହାକୁ ଆହୁରି ଭଲ କରାଯାଇ ପାରିଥାଆନ୍ତା । କିନ୍ତୁ ଏହାର ସମ୍ପୂର୍ଣ୍ଣ ଉଚ୍ଛେଦ ଉପରେ ଲୋକେ ଦିନେ ନା ଦିନେ ମନସ୍ତାପ କରିବେ' । ତେଣୁ ଅନ୍ୟାନ୍ୟ ଦଳରାଜନେତାମାନେ, ଦୂରଦ୍ରଷ୍ଟା ମୋଦିଜୀ କହିଥିବା 'ମନସ୍ତାପ କରିବେ'ର ଶୀକାର ହେବା ହିଁ ଅବଧାରିତ ।

ପୁନଃଶ୍ଚ, ତା୮.୫.୨୦୨୪ରିଖରେ ତେଲେଙ୍ଗାନାର କରିମନଗରରେ ଅନୁଷ୍ଠିତ ଗୋଟିଏ ନିର୍ବାଚନୀ ସଭାରେ ମୋଦିଜୀ କହିଥିଲେ ଯେ, 'କଂଗ୍ରେସ ଦଳକୁ ଅମ୍ବାନୀ ଓ ଆଦାନୀ ଟେମ୍ପୋ ଭର୍ତ୍ତିକରି ନିର୍ବାଚନ ଖର୍ଚ୍ଚ ପଠାଉଛନ୍ତି' । ଉଭୟ 'ଇଲେକ୍ଟୋରାଲ ବଣ୍ଡ ଏବଂ ଇଲେକ୍ଟୋରାଲ ଟ୍ରଷ୍ଟ' ଜରିଆରେ ବିଭିନ୍ନ ରାଜନୈତିକ ଦଳଗୁଡିକୁ ଦିଆଯାଇଥିବା ଚାନ୍ଦାରେ ଏହି ଦୁଇ 'ରାଷ୍ଟ୍ରୀୟ ମିତ୍ରରାଷ୍ଟ୍ରୀୟ ଶେଠ'ଙ୍କ ନାମ ନଥିବାରୁ, ସେମାନେ ଯେ ପ୍ରମାଣ ନରଖିବାକୁ ଟେମ୍ପୋଗାଡି ଭିତରେ ନୋଟ ଭର୍ତ୍ତିକରି ଦିଅନ୍ତି, ଏହା ସ୍ୱୟଂ ମୋଦିଜୀ କହିଥିବାରୁ, ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ । ବିଭିନ୍ନ ରାଜନୈତିକ ଦଳଗୁଡିକୁ ତରଫରୁ ନିର୍ବାଚନ କମିଶନଙ୍କୁ ଦିଆଯାଉଥିବା ହିସାବ ଆଧାରରେ ସତରେ କ'ଣ ଦଳୀୟ ନିର୍ବାଚନ ଖର୍ଚ୍ଚ ତଥା ଦୈନିକ ଖର୍ଚ୍ଚ ହୋଇଥାଏ? ଯେଉଁପ୍ରକାର ଥାଟାଟର ଖର୍ଚ୍ଚ ଆମେ ଦେଖିବାକୁ ପାଉଛେ, ତାହା ତ ହିସାବରେ ଥିବା ଚାନ୍ଦାର ପରିମାଣର ଶହ ଶହ ଗୁଣ । ଅତଏବ, ଆହୁରି ଯଥେଷ୍ଟ ଟଙ୍କା ଯେ କେବଳ ଆଦାନୀ ଓ ଅମ୍ବାନୀ ନଗଦ ଟଙ୍କା ଆକାରରେ ଟେମ୍ପୋରେ ଭର୍ତ୍ତିକରି କଂଗ୍ରେସକୁ ଦିଅନ୍ତି (ଯାହା ମୋଦିଜୀ କହିଥିଲେ), ତାହା ନୁହେଁ । ବିଭିନ୍ନଦଳର ବାହାରକୁ ଦିଶୁଥିବା ଖର୍ଚ୍ଚ ଭିତିରିଆ ଖର୍ଚ୍ଚ (ବିଶେଷକରି ଭୋଟ ସମୟରେ) ଆଧାରରେ ସବୁ କର୍ପୋରେଟ ହାଉସ, ପୁଞ୍ଜିପତି, ବ୍ୟବସାୟୀ ତଥା ବିଦେଶର କେହି କେହି ଟେମ୍ପୋ ଭର୍ତ୍ତି ନଗଦଟଙ୍କା ଯେ ସେମାନଙ୍କୁ ଦେଉଛନ୍ତି, ତାହା ଜଳ ଜଳ ଦିଶୁଛି । ମୋଦିଜୀଙ୍କର 'କେବଳ ଆଦାନୀ ଓ ଆଦାନୀ କଂଗ୍ରେସକୁ ଏଭଳି ନଗଦ ଟଙ୍କା ଦିଅନ୍ତି' ଭଳି ଆରୋପ କେବଳ ଉଦାହରଣ ଛଳରେ ।

ତେଣୁ, ଖାସ ଏଥିପାଇଁ ତ ଏଭଳି ହିସାବ ମିଳୁଥିବାମିଳୁନଥିବା ଚାନ୍ଦାର ଦାତାଗଣ, ସେମାନଙ୍କର ସମୂଳସୁଧ ଅଂଶଟି ନେଇଯିବା ପରେ, ସରକାରଙ୍କ ତହବିଲରେ ଯେତିକି ବଳେ, ସେଥିରେ ଆଜି ତିଆରି ରାସ୍ତା କାଲିକି ଭୁଶୁଡି ପଡିବା, ଧୋଇ ହୋଇଯିବା ଆମ ସମୟର ବାସ୍ତବିକତା ଯଦିଓ ୧୬୩୯ ମସିହାରୁ ୧୬୪୮ ଭିତରେ ତିଆରି ହୋଇଥିବା 'ଲାଲ କିଲ୍ଲା', ୧୯୩୬ ରୁ ୨୯୪୩ ଭିତରେ ତିଆରି ହୋଇଥିବା 'ହାଓଡା ପୋଲ' ତଥା ବହୁତ ପୁରୁଣା ପୋଲ, ସୌଧ ଇତ୍ୟାଦି ସେମିତି ରହିଛନ୍ତି ।

*ମୋ. ୮୮୯୫୮୫୭୩୧୮*

# ଶ୍ରୀ ରମଣ ମହର୍ଷି

■ହେମନ୍ତ କୁମାର ପରିଡ଼ା■

ରମଣ ମହର୍ଷି ୧୮୭୯, ଡିସେମ୍ବର ୩୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଅନ୍ୟନାମ ଥିଲା 'ଭେଙ୍କଟରମଣ' । ସେ ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ । ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଭଲ ନଥିବାରୁ ମାତ୍ର ୧୨ ବର୍ଷ ବୟସରୁ ସେ ତାଙ୍କ ଭାଇ ଓ ଭଉଣୀଙ୍କ ସହ ଦାଦାଙ୍କ ପାଖରେ ପରିପାଳିତ ହୋଇଥିଲେ । ପିଲାଦିନରୁ ସେ ଫୁଟବଲ୍, କୁସ୍ତି, ସନ୍ତରଣ ଆଦି ବ୍ୟାୟାମ ବେଶ୍ ଆଗ୍ରହ ରଖିଥିଲେ । ବାଲ୍ୟକାଳରୁ ସେ କୌଣସି ଧର୍ମ ପୁସ୍ତକ ପଢ଼ି ନଥିଲେ । ହେଲେ ସେ ନିଜ ଜୀବନୀ ପୁସ୍ତକରେ ଲେଖିଥିଲେ 'ଅପରିପକ୍ୱ ବୟସରେ ଅରୁଣାଚଳ ମୋର ମନକୁ ଆଶ୍ଚର୍ଯ୍ୟାଭିଭୂତ କରିଦେଲା' । ସେ ଏହାର କିଛି ଅର୍ଥ ବୁଝିବା ପୂର୍ବରୁ ନିଜ ମନକୁ ନିଶ୍ଚଳ କରି ଦେଇଥିଲେ । ସେହିଦିନରୁ ତାଙ୍କ ମଧ୍ୟରେ ଚେତନାର ସ୍ରୋତ ପ୍ରବାହିତ ହେଲା । ୧୮୯୭, ଅଗଷ୍ଟ ୨୯ରେ ରମଣ ଗୃହ ତ୍ୟାଗ କଲେ । ତାଙ୍କ ପ୍ରଭୁ ଥିଲେ ଅରୁଣାଚଳ । ସେ ନିଜକୁ ପ୍ରଭୁ ଅରୁଣାଚଳଙ୍କୁ ସମର୍ପିତ କରିଥିଲେ ।

ଭାରତୀୟ ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ ରମଣ ମହର୍ଷି ଯେଉଁ ଗୂଢ଼ ଦ୍ୱାର ମାର୍ଗ ଦେଖାଇଛନ୍ତି ତାହା ଯୁଗ ଯୁଗ ପାଇଁ ଅମର। ଏକ ପ୍ରସଙ୍ଗରେ ଉଲ୍ଲେଖ ଅଛି ସେ ପରମ ପିତାଙ୍କ ସନ୍ଧାନରେ ଯାତ୍ରା କରିବା ପୂର୍ବରୁ ଯେଉଁ ଚିଠି ତାଙ୍କ ପରିବାର ପାଇଁ ଲେଖି ଯାଇଥିଲେ ତାହା ଥିଲା ''ମୁଁ ପରମପିତାଙ୍କ ସନ୍ଧାନରେ ତାଙ୍କର ନିର୍ଦ୍ଦେଶରେ ଯାତ୍ରା ଆରମ୍ଭ କରୁଛି। ତେଣୁ ଏହି କାର୍ଯ୍ୟ ନିମି କେହି ଦୁଃଖ ନକରିବା ପାଇଁ ଓ ମତେ ସନ୍ଧାନ କରିବା ଉଦ୍ଦେଶ୍ୟରେ କିଛି ଅର୍ଥବ୍ୟୟ ନ କରିବା ନିମି ମୁଁ ଅନୁରୋଧ କରୁଛି। କଲେଜ ଦରମା ଦିଆଯାଇ ନାହିଁ। ଏଥି ସହିତ ଦୁଇ ଟଙ୍କା ରହିଲା।'' ପଲ୍ ବ୍ରନ୍ ନାମକ ଜଣେ ପାଶ୍ଚାତ୍ୟ ସାମ୍ବାଦିକ, ସାହିତ୍ୟିକ ଓ ସମାଲୋଚକ ମହର୍ଷିଙ୍କୁ ଥରେ ପ୍ରଶ୍ନ କଲେ, ବର୍ତ୍ତମାନ ଏହି ସଭ୍ୟ ଜଗତ୍ ଦାରୁଣ ସନ୍ଧିକ୍ଷଣର ସମ୍ମୁଖୀନ ହୋଇଛି। ତେବେ ଏହାର ଭବିଷ୍ୟତ କ'ଣ? ମହର୍ଷି ଉତ୍ତର ଦେଲେ, ଭବିଷ୍ୟତ ବିଷୟରେ ଚିନ୍ତା କରିବାର କି ଆବଶ୍ୟକତା ଅଛି? ବର୍ତ୍ତମାନ ସମ୍ପର୍କରେ ତୁମର ଜ୍ଞାନ ବା କଅଣ? ଭବିଷ୍ୟତର ଭାରତ ଭବିଷ୍ୟତ ଉପରେ ଛାଡ଼ିଦିଅ।

ସେହିଦିନ ଠାରୁ ଜୀବନର ଅନ୍ତିମ ଦିବସ ପର୍ଯ୍ୟନ୍ତ ସେ ମଦୁରାଇରେ ବାସ କଲେ । ମଦୁରାଇକୁ ଯାତ୍ରା କରିବାର ଛଅ ସପ୍ତାହ ପୂର୍ବରୁ ସେ ନିଜ ମାମୁଁଙ୍କ ଘରର ପ୍ରଥମ ମହଲାରେ ବସିଥିଲେ । ହଠାତ୍ ମନ ମଧ୍ୟରେ ମୃତ୍ୟୁର ଭୟ ଉଦ୍ରେକ ହେଲା ତାଙ୍କର । ସେ ମୃତ୍ୟୁ ମୁଖରେ ପଡ଼ିଥିବାବେଳେ ତାଙ୍କ ସହ ତାଙ୍କର କୌଣସି ବନ୍ଧୁ ପରିଜନ କି ଡାକ୍ତର ପରାମର୍ଶ କରୁନଥିଲେ । ଏହି ମୃତ୍ୟୁଭୟ ହିଁ ରମଣ ମହର୍ଷିଙ୍କୁ ଦିବ୍ୟଦୃଷ୍ଟି ପ୍ରଦାନ କଲା । ଏହାପରେ ମହର୍ଷି ରମଣ ନିଜ ଜୀବନକୁ ସମ୍ପୂର୍ଣ୍ଣ ଧ୍ୟାନମଗ୍ନ ରହି ବିତାଇଥିଲେ । ଧ୍ୟାନ ହିଁ ତାଙ୍କ ଠାରେ ଚିରଶାନ୍ତି ଉଦ୍ରେକ କଲା । ସେ ଈଶ୍ୱରାଲୋକରେ ସଦା ଉଦ୍ଭାସିତ ହୋଇଥିଲେ । ସମଗ୍ର ବିଶ୍ୱ ତାଙ୍କ ନିକଟରେ ଏକ ଥିଲା । ସେ ଉପନିଷଦର ଜୀବନ୍ତ ପ୍ରତୀକ ଥିଲେ । ରମଣ ମୌନ ରହୁଥିଲେ ବି ମନୁଷ୍ୟମାନଙ୍କ ହୃଦୟକୁ ତାଙ୍କର ସନ୍ଦେଶ ପ୍ରେରଣ କରୁଥିଲେ । ତାଙ୍କର ବାଣୀ ଥିଲା 'ନିଜକୁ ଚିହ୍ନ' । ମହର୍ଷିଙ୍କ ବାମ ବାହୁରେ ଏକ ଦୁରାରୋଗ୍ୟ ଆବୁ ହୋଇଥିଲା । ଏହି ରୋଗରୁ ମୁକ୍ତି କରିବାକୁ ମହର୍ଷିଙ୍କୁ ଚାରିଥର ଅସ୍ତ୍ରୋପଚାର କରାଯାଇଥିଲା । ହେଲେ ୧୯୫୦, ଏପ୍ରିଲ ୧୪ରେ ଯେତେବେଳେ ଆକାଶରେ ଏକ ଉଲ୍‌କାର ଆବିର୍ଭାବ ହୋଇଥିଲା ସେତେବେଳେ ମହର୍ଷି ରମଣ ଏହି ପାର୍ଥିବ ଜଗତରୁ ବିଦାୟ ନେଇଥିଲେ ।

ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି, ସେକ୍ଟର–୧୦, ସିଡିଏ, କଟକ

## ଶାମ୍ବ ଦଶମୀ

ଡ. ତପନ କୁମାର ପାଳ

ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଋଷି ଦୁର୍ବାସାଙ୍କ ଦ୍ୱାରା ଅଭିଶପ୍ତ ହୋଇ କୁଷ୍ଠ ବ୍ୟାଧିଗ୍ରସ୍ତ ହେଲେ । ଏହି ରୋଗରୁ ମୁକ୍ତି ପାଇବା ପାଇଁ ସେ ପୁରୋହିତ ଗୌରମୁଖ ଓ ଦେବଋଷି ନାରଦଙ୍କ ପରାମର୍ଶ କ୍ରମେ କଳିଙ୍ଗର ସମୁଦ୍ର କୂଳରେ ଭଗବାନ ବିଷ୍ଣୁଙ୍କ ଆରାଧନା କଲେ । ସେହି ଦିନ ଥିଲା ପୌଷ ମାସ ଶୁକ୍ଳପକ୍ଷ ଦଶମୀ ତିଥି । ଶାମ୍ବ ଚନ୍ଦ୍ରଭାଗା ନଦୀ କୂଳରେ ତପସ୍ୟା କରି ସୂର୍ଯ୍ୟ ନାରାୟଣଙ୍କର ଏକ ମଣି ବିଗ୍ରହ ପାଇଲେ । ସୂର୍ଯ୍ୟଙ୍କ ସେହି ବିଗ୍ରହ ପୂଜା କରି ଶାମ୍ବ ଦୁରାରୋଗ୍ୟରୁ ମୁକ୍ତ ହେଲେ । ସେହି ଦିନଟି ଥିଲା ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥି । ଶାମ୍ବ ନିଜର ମୁକ୍ତି ଯୋଗୁଁ ସମଗ୍ର କଳିଙ୍ଗରେ ସୂର୍ଯ୍ୟ ପୂଜା ବିଧିର ପ୍ରଚାର କରାଇଲେ । ପ୍ରଥମେ ସେ ଚନ୍ଦ୍ରଭାଗା ନଦୀ କୂଳରେ ଏକ ମନ୍ଦିର ତିଆରି କରାଇ ପୌଷ ଶୁକ୍ଳ ଦଶମୀ (ଶାମ୍ବ ଦଶମୀ) ତିଥିରେ ମର୍ତ୍ତ୍ୟ ଲୋକରେ ସୂର୍ଯ୍ୟ ପୂଜାର ପ୍ରଥା ପ୍ରଚଳିତ କରାଇଥିଲେ । ଏହାପରେ ସୂର୍ଯ୍ୟ ଦେବଙ୍କ ଆଦେଶକ୍ରମେ ଶାକ ଦ୍ୱୀପରୁ ମଗ ବ୍ରାହ୍ମଣଙ୍କୁ ଅଣାଇ ଶାମ୍ବ ସୂର୍ଯ୍ୟ ନାରାୟଣଙ୍କୁ ସନ୍ତୁଷ୍ଟ କରାଇଥିଲେ । ସେହି କାଳରୁ ଶାମ୍ବ ଦଶମୀରେ ସୂର୍ଯ୍ୟଙ୍କର ବ୍ରତ ପାଳନ ଏବଂ ପୂଜାର ପ୍ରଚଳନ ରହିଛି । ଗ୍ରହ ଜାଗ ସଂସ୍କାରରେ ଗ୍ରନ୍ଥରେ ଉଲ୍ଲେଖଂ ଅଛି 'ଜାତଂ ସୂର୍ଯ୍ୟ କଳିଙ୍ଗେଷୁ' । ଅର୍ଥାତ୍ ସୂର୍ଯ୍ୟଙ୍କର ଜନ୍ମସ୍ଥାନ କଳିଙ୍ଗ ଦେଶ । କୋଣାର୍କ ସମେତ ଖିଚିଙ୍ଗର ସୂର୍ଯ୍ୟ ମନ୍ଦିର, ଗଞ୍ଜାମର ବୁଗୁଡ଼ା, ଭଦ୍ରକର ପାଳିଆ ଏବଂ ଖୋର୍ଦ୍ଧାର ବିରଞ୍ଚି ନାରାୟଣ ମନ୍ଦିର ଓଡ଼ିଶାର ପ୍ରାଚୀନ ସୂର୍ଯ୍ୟ ମନ୍ଦିର ଗୁଡ଼ିକ ମଧ୍ୟରୁ ଅନ୍ୟତମ । ଶାମ୍ବ ଦଶମୀରେ ଓଡ଼ିଶାର ଘରେ ଘରେ ସୂର୍ଯ୍ୟ ପୂଜା ହୋଇଥାଏ । ବିଶେଷ କରି ଉପକୂଳ ଓଡ଼ିଶାରେ ଏହି ପର୍ବର ଲୋକପ୍ରିୟତା ଅଧିକ । ପ୍ରତ୍ୟୁଷରୁ ଘରର ମହିଳାମାନେ ଉଠି ସୂର୍ଯ୍ୟ ପୂଜା କରିଥାନ୍ତି । ଏହି ଅବସରରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । ଘରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଗୋଟିଏ ଲେଖାଏଁ ବ୍ୟଞ୍ଜନ ବଢ଼ାଯାଇ ପ୍ରଥମେ ସୂର୍ଯ୍ୟଙ୍କ ପାଖରେ ଭୋଗ ଲଗାଯାଇଥାଏ ।

ମୋ. : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ଓଡ଼ିଶାରେ ସୂର୍ଯ୍ୟପୂଜା, ଶାମ୍ବ ଦଶମୀ ଓ ସୂର୍ଯ୍ୟ ରଥଯାତ୍ରା

■ ରାଜରଶ୍ମୀ ଦାସ ■

ପବିତ୍ର ଦେବଭୂମି ତଥା ବାରମାସରେ ତେର ପର୍ବର ଯାତ୍ରାକୁ ନେଇ ଓଡ଼ିଆଙ୍କ ଘରେ ଘରେ ଅନେକ ପୂଜା, ମହୋତ୍ସବ, ସଂକ୍ରାନ୍ତି, ପାର୍ବଣ ପୂଜିତ ହୋଇଥାଏ । ତେବେ ସୂର୍ଯ୍ୟ ପୂଜା ଓ ଶାମ୍ବ ଦଶମୀର ସ୍ଥାନ ଏ କ୍ଷେତ୍ରରେ କିଛିଟା ସ୍ୱତନ୍ତ୍ରତା ରଖିଛି । ଭଗବାନ ସୂର୍ଯ୍ୟ ବିଭିନ୍ନ ନାମରେ ନାମିତ । ତାଙ୍କର ବିଭିନ୍ନ ନାମ ହେଉଛି ଭାସ୍କର, ଆଦିତ୍ୟ, ପ୍ରଭାକର, ଦିବାକର, ସହସ୍ରାଂଶୁ, ତ୍ରିଲୋକ–ଲୋଚନ, ଦେବଦେବେଶ ଛାୟାରମଣ, ଦିନକର, ଦ୍ୱାଦଶାତ୍ମକ, ତ୍ରିବିକ୍ରମ । ପୁରାଣକାରମାନେ ସୂର୍ଯ୍ୟ ପୂଜା, ଏହାର ତାତ୍ପର୍ଯ୍ୟତା ଓ ପ୍ରାସଙ୍ଗିକତାକୁ ନେଇ ଲେଖିଛନ୍ତି – 'ରବିବାର ଦିନ ସୂର୍ଯ୍ୟପୂଜା ମନାସିଣ, ବ୍ରତ କଲେ ଲକ୍ଷ୍ମଦେବୀ ହରଷ ହୋଇଣ । ସେହିଦିନୁ ପୁତ୍ରକାମ୍ୟ ପତିବ୍ରତା ନାରୀ, ରବିବାର ଦିନ ବ୍ରତ କରନ୍ତି ବିଚାରି । ମନର କାମନା ସର୍ବ ହୁଅଇ ପୂରଣ, ସ୍ନାନ ଯେ କରେ ସେହି ମାଘ ସପ୍ତମୀ ଦିନ ।

ସୂର୍ଯ୍ୟ ରଥଯାତ୍ରା କୋଣାର୍କରେ ପାଳିତ ହେଉଥିବା ଏକ ବହୁ ପୁରାତନ ରଥଯାତ୍ରା। ଶାମ୍ବ ଦଶମୀ ତିଥିରେ ସୂର୍ଯ୍ୟ ଦେବତାଙ୍କର ଚଳନ୍ତି ପ୍ରତିମା ମିତ୍ରାଦିତ୍ୟ, ସୂର୍ଯ୍ୟ ରଥରେ ରଥାରୂଢ଼ ହୋଇ ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା କରି ମାଘ ମାସର ଶୁକ୍ଳ ସପ୍ତମୀ ତିଥିରେ ପ୍ରତ୍ୟାବର୍ତ୍ତନ କରନ୍ତି। ଶାମ୍ବ ଦଶମୀ ତିଥିରେ ପ୍ରାତଃ ସ୍ନାନ କରି ମିତ୍ରାଦିତ୍ୟଙ୍କୁ ରଥରେ ଦର୍ଶନ କଲେ ରୋଗ, ଶୋକ ଓ ଭୟରୁ ମୁକ୍ତି ମିଳିବା ସହିତ ପୁନର୍ଜନ୍ମ ହୋଇନଥାଏ ବୋଲି କପିଳ ସଂହିତାରେ ଉଲ୍ଲେଖ ଅଛି। କୋଣାର୍କର ଅର୍କତୀର୍ଥ ମୈତ୍ରାୟାଖ୍ୟ ବନ, ପଦ୍ମକ୍ଷେତ୍ର ଓ କାଶ୍ୟପ ମୁନିଙ୍କ ପୁତ୍ର ମିତ୍ରାଦିତ୍ୟଙ୍କ ଜନ୍ମଭୂମି ଦ୍ୱାପର ଯୁଗରେ ମୈତ୍ରେୟ ମୁନିଙ୍କ ଆଶ୍ରମ ଥିଲା। ମୈତ୍ରେୟ ମୁନି କୃଷ୍ଣଙ୍କର ଜଣେ ଶୁଭେଚ୍ଛୁ ଥିବା ଭାଗବତ କୁହେ। କୃଷ୍ଣ ନିଜର ପୁତ୍ର ଶାମ୍ବଙ୍କୁ କୁଷ୍ଠରୋଗରୁ ମୁକ୍ତି କରିବା ପାଇଁ ମୈତ୍ରେୟଙ୍କ ଆଶ୍ରମକୁ ପଠାଇଥିଲେ। ଶାମ୍ବ ସୂର୍ଯ୍ୟଙ୍କୁ ଆରାଧନା କରିବା ପାଇଁ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ ସମୟରେ ମିତ୍ରାଦିତ୍ୟଙ୍କର ଏକ ସୁନ୍ଦର ମୂର୍ତ୍ତି ପାଇଥିଲେ। ଏହି ମୂର୍ତ୍ତିକୁ ବିଶ୍ୱକର୍ମା ତିଆରି କରିଥିଲେ ଏବଂ ଏହାକୁ ଦେବତା, ଦାନବ, ମାନବମାନେ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇ ପୂଜା କରୁଥିଲେ। ଶାମ୍ବ ଏହି ମୂର୍ତ୍ତିକୁ କୋଣାର୍କରେ ପୂଜା କରିବା ସହିତ ସୂର୍ଯ୍ୟ ରଥଯାତ୍ରା ପ୍ରଚଳିତ କରିଥିବା ଜଣାଯାଏ।

ସମୟାନୁକ୍ରମେ ଓଡ଼ିଶାର ରାଜା ପୁରନ୍ଦର କେଶରୀ ଓ ଲାଙ୍ଗୁଳା ନରସିଂହ ଦେବ ଏହି ପରମ୍ପରାକୁ ବଜାୟ ରଖିଥିଲେ। ପରବର୍ତ୍ତୀ ଅବସ୍ଥାରେ ସୂର୍ଯ୍ୟ ମନ୍ଦିର ଭାଙ୍ଗି ଯିବାରୁ ପୂଜାର୍ଚ୍ଚନା ବନ୍ଦ ହେବା ସହିତ ସୂର୍ଯ୍ୟ ରଥଯାତ୍ରା ମଧ୍ୟ ବନ୍ଦ ହୋଇଯାଇଥିବା ମାଦଳା ପାଞ୍ଜିରୁ ସୂଚନା ମିଳେ। ପୁନର୍ବାର ୧୯୯୮ ମସିହାରେ ଅନନ୍ତ ଅବଧୂତ ମଠର ଦିବଂଗତ ମହନ୍ତ ଆର୍ତ୍ତତ୍ରାଣ ଦାସ ଏହି ରଥଯାତ୍ରାକୁ ପ୍ରଚଳନ କରିଥିଲେ। ୧୯୯୮ ମସିହାରୁ ପ୍ରତିବର୍ଷ ଶାମ୍ବ ଦଶମୀରେ ସୌର ବ୍ରାହ୍ମଣ ପରିଷଦ, ଗାୟତ୍ରୀ ପରିବାର ଓ ଅବଧୂତ ମଠ ମହନ୍ତଙ୍କ ଦ୍ୱାରା ଏହି ସୂର୍ଯ୍ୟ ରଥଯାତ୍ରା ପାଳିତ ହୋଇ ଆସୁଛି । ପରମ୍ପରା ଅନୁଯାୟୀ ମୈତ୍ରେୟ ଋଷିଙ୍କ ଆଶ୍ରମ ତଥା ଶାମ୍ବଙ୍କ ସାଧନା ପୀଠ ଅନନ୍ତ ଅବଧୂତ ମଠରେ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଅନୁଷ୍ଠିତ ହୋଇ ଶାମ୍ବ ଦଶମୀ ପୂର୍ବଦିନ ସୂର୍ଯ୍ୟାସ୍ତ ପୂର୍ବରୁ ପୂର୍ଣ୍ଣାହୁତି ଦିଆଯାଇଥାଏ। ସକାଳ ୬ ଟାରୁ ଉଦୟକାଳୀନ ସୂର୍ଯ୍ୟଙ୍କୁ କାକରାଭୋଗ, ଅର୍କବଟ ପୂଜାର୍ଚ୍ଚନା, କୋଣାର୍କ ମନ୍ଦିର ପୂଜାବିଧାନ ଅନୁଯାୟୀ ୧୦୮ ରଥର ପାର୍ଶ୍ୱଦେବୀ ଓ ସପ୍ତାଶ୍ୱଙ୍କୁ ପୂଜା ପରେ ଅନନ୍ତ ଅବଧୂତ ମଠରୁ ସୂର୍ଯ୍ୟଦେବଙ୍କୁ ରଥାରୂଢ଼ କରାଯାଇଥାଏ। ପ୍ରତ୍ୟୁଷରୁ ମଠ ମହନ୍ତ ରଥ ଉପରେ ଛେରାପହଁରା କରିବା ପରେ ଉପସ୍ଥିତ ସାଧୁସନ୍ଥ, ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗା ଅଭିମୁଖେ ରଥ ଟାଣିନିଅନ୍ତି । ସୂର୍ଯ୍ୟରଥ ବାହାରି ସେହିଦିନ ଚନ୍ଦ୍ରଭାଗା ତୀର୍ଥ ନିକଟରେ ପହଞ୍ଚିବା ପରେ ତୀର୍ଥ ପୁଷ୍କରିଣୀରେ ସ୍ନାନ କରନ୍ତି । ସ୍ନାନାନ୍ତେ ସେଠାରେ ଥିବା ଛୋଟାରାମ ବାବାଙ୍କ ଆଶ୍ରମରେ ୨୭ଦିନ ଧରି ନକ୍ଷତ୍ରରେ ସୂର୍ଯ୍ୟଙ୍କର ଚଳନ୍ତି ପ୍ରତିମା ମିତ୍ରାଦିତ୍ୟଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ମାଘ ସପ୍ତମୀ ପର୍ଯ୍ୟନ୍ତ ଜାରି ରହେ। ମାଘ ସପ୍ତମୀ ତିଥିରେ ଜନ୍ମଭୂମି ଅନନ୍ତ ଅବଧୂତ ମଠକୁ ବାହୁଡ଼ି ଆସିଥାଆନ୍ତି।

ସୂର୍ଯ୍ୟ ମଣ୍ଡଳରେ ତାର ହୁଏ ଶେଷ ଘର, ଦେବତାଏ ପୁଜୁଥାନ୍ତି ତାହାର ପୟର ।' ସୂର୍ଯ୍ୟ ପୁରାଣ ପାଠ ଦ୍ୱାରା ଜଣଙ୍କୁ ଶହେ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ହୋଇଥାଏ । କେବଳ ସେତିକି ନୁହେଁ ଅପୁତ୍ରିକ ଦୋଷ ଓ ଯମ ଭୟରୁ ମଧ୍ୟ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ପୌଷ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଏହି ଶାମ୍ବ ଦଶମୀ ଅନୁଷ୍ଠିତ ହୋଇଥାଏ । ସକଳ ଶକ୍ତି ଓ ସକଳ ଆଶୀର୍ବାଦର ପ୍ରତୀକ ଭଗବାନ ସୂର୍ଯ୍ୟଦେବଙ୍କ କୃପା ପାଇବା ପାଇଁ ଏହି ଦିନରେ ବେଶ୍ ଭକ୍ତି ଆଡ଼ମ୍ବରର ସହିତ ପୂଜା ପାଠ ସମାପିତ ହୋଇଥାଏ । ଓଡ଼ିଆଣୀମାନେ ଏହି ଦିନରେ ନୂଆ ନୂଆ ପ୍ରକାରର ପିଠା, ପଣା ଓ ସୁସ୍ୱାଦୁ ପ୍ରସ୍ତୁତ କରି ଘରେ ସମସ୍ତଙ୍କୁ ନୈବେଦ୍ୟ ପରେ ଆପ୍ୟାୟିତ କରିଥାଏ । ଯଦିଓ ଆଜିର ସୂଚନା ପ୍ରଯୁକ୍ତିର ଯୁଗରେ ତଥାକଥିତ ହାଇଟେକ୍ ଚିନ୍ତା ଲୋକମାନଙ୍କୁ କିଛି ପର୍ବ ପର୍ବାଣୀ ପ୍ରତି ବିମୁଖତା ସୃଷ୍ଟି କରିଛି ତଥାପି ଶାମ୍ବ ଦଶମୀରେ ସୂର୍ଯ୍ୟପୂଜାର ସ୍ୱତନ୍ତ୍ରତା ଯୁଗେ ଯୁଗେ ରହି ଆସିଛି । ତେବେ ଯାହାହେଉନା କାହିଁକି ପ୍ରତିଟି ଓଡ଼ିଆଙ୍କ ଜନଜୀବନରେ ଚିର ଦିନ ପାଇଁ ଶାମ୍ବ ଦଶମୀ ସେମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ରହିଥିବ । ପ୍ରତି ଓଡ଼ିଆଙ୍କ ଚିନ୍ତା ଓ ଚେତନାରେ ଏହାର ସ୍ଥାନ ଯୁଗେ ଯୁଗେ ଭକ୍ତିଭାବ ସୃଷ୍ଟି ସହ ଭଗବାନ ସୂର୍ଯ୍ୟଦେବଙ୍କ ପ୍ରତି ନିଜ ସମର୍ପିତ ଚିନ୍ତନକୁ ଆହୁରି ଜାଜ୍ୱଲ୍ୟମାନ କରି ତୋଳିବ ।

ପ୍ଲଟ ନଂ–୧୦୮୭/ଡ଼ି, ସେକ୍ଟର–୬, କଟକ

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ






# ଶାମ୍ବ ଦଶମୀ ଓ ଓଡ଼ିଶାରେ ସୂର୍ଯ୍ୟପୂଜା

ଓଡ଼ିଆ ସଂସ୍କୃତି ଓ ଦୈନନ୍ଦିନ ଜୀବନ ଯାତ୍ରାରେ ଶାମ୍ବ ଦଶମୀ ଘରେ ଘରେ ପରିଚିତ । ବାସ୍ତବରେ ସୂର୍ଯ୍ୟ ପୁରାଣର ଏକ ଅଂଶ ବିଶେଷ ହେଉଛି ଶାମ୍ବ ପୁରାଣ । ଯେଉଁଥିରେ ସବିଶେଷ ଭାବରେ ଶାମ୍ବ ଦଶମୀର ତାତ୍ପର୍ଯ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି । ସୃଷ୍ଟି-ସ୍ଥିତି ଓ ପ୍ରଳୟର ଆଦିଦେବତା ଭାବରେ ସୂର୍ଯ୍ୟଦେବ ସାରା ପୃଥିବୀରେ ଅନାଦି କାଳରୁ ପୂଜିତ । ଗୀତାର ଦଶମ ଅଧ୍ୟାୟରେ ବର୍ଣ୍ଣିତ ରହିଛି ଯେ, 'ଆଦିତ୍ୟା ନାଂ ଅହଂ ବିଷ୍ଣୁଃ ଜ୍ୟୋତିଷାଂ ରବିରୁଂଶୁମାନ୍' । ଯଥାର୍ଥରେ ସୂର୍ଯ୍ୟ ବନ୍ଦନାରେ ଉପାସକମାନେ ମୁକ୍ତ କଣ୍ଠରେ ଗାନ କରିଥାନ୍ତି 'ନମଃ ସର୍ବତ୍ରେ ଜଗଦେକ ଚକ୍ଷୁଷେ ଜଗତ୍-ପ୍ରସୂତି-ସ୍ଥିତି-ନାଶ-ହେତବେ, ତ୍ରୈମୟାୟ ତ୍ରିଗୁଣାତ୍ମାଧାରିଣେ ବିରଞ୍ଚି-ନାରାୟଣ-ଶଙ୍କରାତ୍ମନେ ନମଃ' ।





**ଭା**ରତର ପୁରାଣ ଓ ମହାକାବ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ କେବଳ ରାମାୟଣ, ମହାଭାରତ ନୁହେଁ ନୀଳାଦ୍ରି ମହୋଦୟ ଠାରୁ ଶାମ୍ବପୁରାଣ ଓ ମତ୍ସ୍ୟପୁରାଣଠାରୁ ଅଗ୍ନିପୁରାଣ ପର୍ଯ୍ୟନ୍ତ ସମସ୍ତ ମହାପୁରାଣରେ ସୂର୍ଯ୍ୟଦେବଙ୍କ ପ୍ରଶସ୍ତି ସବିଶେଷ ବର୍ଣ୍ଣିତ ରହିଛି । ଆମ ଓଡ଼ିଶାର କୋଣାର୍କର ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ଭାରତବର୍ଷରେ ଅନ୍ୟଏକ ପ୍ରସିଦ୍ଧି ଲାଭ କରିଥିବା ସୂର୍ଯ୍ୟପୂଜା ପୀଠ ଭାବରେ ସମଗ୍ର ବିଶ୍ୱରେ ନାମ ରଖିଛି । ଐତିହାସିକ ତଥ୍ୟ ଅନୁଯାୟୀ ପନ୍ଦରଶହ ଶତାବ୍ଦୀ ବେଳକୁ ଜଗନ୍ନାଥ ଧର୍ମ ଓ ଆଧ୍ୟାତ୍ମିକ ସଂସ୍କୃତିରେ ପଞ୍ଚଦେବତାର ଯେଉଁ ଉପାସନା କରାଯାଇଥିଲା ସେଥିରୁ ଜଣାପଡ଼ିଛି ଯେ, ତେରଶହ ଶତକ ବେଳକୁ ଭାରତବର୍ଷରେ ସୂର୍ଯ୍ୟ ପୂଜାର ବ୍ୟାପକତା ବୃଦ୍ଧି ପାଇଥିଲା । ପଞ୍ଚଦେବତାର ଉପାସନା କରାଯାଇ ସୂର୍ଯ୍ୟ ଉପାସକମାନେ ମୁକ୍ତ କଣ୍ଠରେ ଗାନ କରନ୍ତି- 'ଗଣେଶ ଭାସ୍କର ବିଷ୍ଣୁ ଶିବ ଦୁର୍ଗା ତଥୈବ ଚ, ପଞ୍ଚଦେବ ସ୍ମରେନିତ୍ୟ ସର୍ବ ପାତକ ଦହନମ୍' ।

ଓଡ଼ିଶାର ଗଙ୍ଗବଂଶୀ ରାଜା ଲାଙ୍ଗୁଳା ନରସିଂହ ଦେବ ତେରଶହ ଶତାବ୍ଦୀରେ ଚନ୍ଦ୍ରଭାଗା କୂଳର ମୈତ୍ରୀ ବନରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା କରିଯାଇଛନ୍ତି । ଅର୍କକ୍ଷେତ୍ର କୋଣାର୍କ ଓ ଶାମ୍ବ ଦଶମୀର ମୁଖସାକ୍ଷୀ ଭାବରେ ଓଡ଼ିଶରେ ସୂର୍ଯ୍ୟପୂଜାର ମୁଖ୍ୟ ଆକର୍ଷଣର କ୍ଷେତ୍ର ହେଉଛି ଏହି ବିଶ୍ୱପ୍ରସିଦ୍ଧ କ୍ଷେତ୍ରଟି । କେବଳ ସେତିକି ନୁହେଁ ଆଧ୍ୟାତ୍ମିକ ଭାବଧାରା ବ୍ୟତିରେକ ଓଡ଼ିଆ ସାହିତ୍ୟକୁ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ ମାଦଳା ପାଞ୍ଜି, ନୃସିଂହ ପୁରାଣ, ବୈଦେହିଶ ବିଳାସ ଓ ବିଦଗ୍ଧ ଚିନ୍ତାମଣି ଆଦିରେ ସୂର୍ଯ୍ୟଦେବଙ୍କ ସ୍ତୁତି ଲିଖିତ ରହିଛି । ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ତଥ୍ୟ ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣଙ୍କ ଜାମ୍ବବତୀଙ୍କ ଗର୍ଭଜାତ ପୁତ୍ର ହେଉଛନ୍ତି ଶାମ୍ବ । ତେବେ ଅଭିଶାପ ଗ୍ରସ୍ତ ହୋଇ କୁଷ୍ଠ ବ୍ୟାଧିଗ୍ରସ୍ତ ହୋଇଥିବା ଶାମ୍ବ ସୂର୍ଯ୍ୟପୂଜା କରି ଆରୋଗ୍ୟ ଲାଭ କରିଥିଲେ । ବିଶିଷ୍ଟ ଗବେଷକ ମୃତ୍ୟୁଞ୍ଜୟ ନାୟକଙ୍କ ତଥ୍ୟ ଅନୁଯାୟୀ ଶାମ୍ବ ପୁରାଣ ହେଉଛି ଏକ ଉପପୁରାଣ ଏଥିରେ ସୃଷ୍ଟି ତତ୍ତ୍ୱଠାରୁ ସୂର୍ଯ୍ୟମଣ୍ଡଳ, ସୂର୍ଯ୍ୟପରାଗଠାରୁ ଯୋଗସାଧନାର ପଦ୍ଧତି ଓ ଆଚାରବିଚାର ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ।

ପୌଷମାସ ଶୁକ୍ଳ ପକ୍ଷର ଦଶମୀ ଦିନଟିକୁ ଶାମ୍ବ ଦଶମୀ ଭାବରେ ପ୍ରତିଟି ଓଡ଼ିଆ ଘରେ ବେଶ୍ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଥାଏ । ପରିବାରର ସନ୍ତାନ ସନ୍ତତିମାନଙ୍କ ସର୍ବବିଧ ମଙ୍ଗଳ କାମନା କରି ମା'ମାନେ ସୂର୍ଯ୍ୟଦେବଙ୍କ ପୂଜା କରିଥାନ୍ତି । ସୂର୍ଯ୍ୟ ଉପାସନା ପରେ ସୂର୍ଯ୍ୟପୁରାଣ, ଶାମ୍ବପୁରାଣ ଆଦି ପାଠ କରାଯାଇଥାଏ । ଶାମ୍ବ ଦଶମୀର ଲୋକାଚାର ଦିଗ ସହ ଏହାର ଧର୍ମ ଦର୍ଶନ ଓ ଦୈନନ୍ଦିନ ଜୀବନ ଚିତ୍ର ବେଶ୍ ଆଧ୍ୟାତ୍ମିକ ଭାବଧାରା ସମ୍ପନ୍ନ । ଓଡ଼ିଆ ମାଟି ପାଣି ପବନରେ ଏହି ଧାର୍ମିକ ଓ ସାମାଜିକ ଦୃଷ୍ଟିକୋଣ ଆଧ୍ୟାତ୍ମିକ ଭିତ୍ତିଭୂମିକୁ ପରିପୃଷ୍ଟ କରିଛି ।



ଶାମ୍ବଦଶମୀ ଏକ ବ୍ରତ ଯାହା ସୂର୍ଯ୍ୟଙ୍କ ମହିମାକୁ ପ୍ରକଟିତ କରିଥାଏ । ଏହା ପୌଷମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଅନୁଷ୍ଠିତ ହୋଇଥାଏ । ଭଗବାନ ସୂର୍ଯ୍ୟଦେବ ହେଉଛନ୍ତି ପ୍ରତ୍ୟକ୍ଷ ଦେବତା । ଗ୍ରୀକ୍ ପୌରାଣିକ କଥାରେ ଭଗବାନ ସବିତ୍ର ଦେବଙ୍କୁ ଆପୋଲୋ ବୋଲି ସମ୍ବୋଧନ କରାଯାଇଛି । ବୈଦିକ ଯୁଗରୁ ଭାରତବର୍ଷରେ ସୂର୍ଯ୍ୟପୂଜା ଆରମ୍ଭ ଥିବା ଋକ୍‌ବେଦରୁ ଜଣାପଡ଼େ । ଅଥର୍ବବେଦରେ ସୂର୍ଯ୍ୟଙ୍କ ମହିମାରେ କୁହାଯାଇଛି-ସୂର୍ଯ୍ୟୋମେ ଚକ୍ଷୁର୍ବାତଃ ପ୍ରାଣୋନ୍ତରୀକ୍ଷମାତ୍ମା ପୃଥିବୀ ଶରୀରମ୍ । ଅର୍ଥାତ୍ ସୂର୍ଯ୍ୟ ହିଁ ମୋର ନେତ୍ର, ବାୟୁ ମୋର ପ୍ରାଣ, ଅନ୍ତରୀକ୍ଷ ମୋର ଆତ୍ମା ତଥା ପୃଥିବୀ ମୋର ଶରୀର ଅଟେ । ବୈଦିକ ଯୁଗ ପରବର୍ତ୍ତୀ ରଚନା ବ୍ରାହ୍ମଣ୍ୟ, ଆରଣ୍ୟକ ଓ ଉପନିଷଦମାନଙ୍କରେ ସୂର୍ଯ୍ୟ ବ୍ରହ୍ମ ଭାବରେ ଉପାସିତ । ଛାନ୍ଦୋଗ୍ୟ ଉପନିଷଦରେ ଆଦିତ୍ୟୋ ବ୍ରହ୍ମେତି ବୋଲି କୁହାଯାଇଛି । ରାମାୟଣ ବର୍ଣ୍ଣନା ଅନୁସାରେ ବଶିଷ୍ଠଙ୍କ ପରାମର୍ଶକ୍ରମେ ପ୍ରଭୁ ଶ୍ରୀରାମ ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରି ରାବଣକୁ ଜୟ କରିଥିଲେ । ମହାଭାରତରେ ଧର୍ମରାଜ ଯୁଧିଷ୍ଠିର ସୂର୍ଯ୍ୟୋଷ୍ଟତ୍ତୋର ଶତନାମ ପାଠ କରି ସୂର୍ଯ୍ୟଙ୍କୁ ସନ୍ତୁଷ୍ଟ କରିଥିଲେ । ଅଗ୍ନି, ଗରୁଡ, କୁମ୍ଭ, ବିଷ୍ଣୁ, ସ୍କନ୍ଦ ପ୍ରଭୃତି ପୁରାଣମାନଙ୍କରେ ଭଗବାନ ସୂର୍ଯ୍ୟଦେବଙ୍କ ଅଶେଷ ମହିମା ଗାନ କରାଯାଇଛି । କୁର୍ମପୁରାଣରେ ସୂର୍ଯ୍ୟ ଅଦିତିଙ୍କଠାରୁ ଜନ୍ମଲାଭ କରିବା ପ୍ରସଙ୍ଗ ବର୍ଣ୍ଣିତ । କୁମ୍ଭପୁରାଣ, ଶାମ୍ବ ପୁରାଣରେ ସୂର୍ଯ୍ୟ ଶ୍ୱେତଦ୍ୱୀପରେ , ବିଷ୍ଣୁ କୁଶଦ୍ୱୀପରେ, ମହେଶ୍ୱର ପୁଷ୍କଦ୍ୱୀପରେ ଏବଂ ବ୍ରହ୍ମା ଶାକଦ୍ୱୀପରେ ଭାସ୍କର ଭାବରେ ଉପାସିତ ହେବା କଥା କୁହାଯାଇଛି ।

ଶାମ୍ବଦଶମୀ ପାଳନ ମୂଳରେ ରହିଛି ପୌରାଣିକ କିମ୍ବଦନ୍ତୀ । ଭଗବାନ ଶ୍ରୀକୃଷ୍ଣ ଏବଂ ଜାମ୍ବବତୀଙ୍କ ପୁତ୍ର ହେଉଛନ୍ତି ଶାମ୍ବ । ନିଜର କୃତକର୍ମ ଲାଗି କୁଷ୍ଠ ବ୍ୟାଧିଗ୍ରସ୍ତ ହେବାପରେ ଭଗବାନ ସୂର୍ଯ୍ୟଦେବଙ୍କ ଅପାର କରୁଣାରୁ ସେ ରୋଗମୁକ୍ତ ହୋଇଥିବା କଥାର ଦୃଷ୍ଟାନ୍ତ ରହିଛି । ଶାମ୍ବ ଥିଲେ ଅତୀବ ସୁନ୍ଦର । ନିଜର ସୌନ୍ଦର୍ଯ୍ୟ ପାଇଁ ସେ ଗର୍ବ କରୁଥିଲେ । ଏମିତି କି ସେ ନାରଦଙ୍କୁ ଅପମାନିତ କରିବାକୁ ପଛାଇ ନଥିଲେ । ଏଥିପାଇଁ ନାରଦ କୂଟ ରଚିଲେ । ତାଙ୍କୁ ରୈବତକ ପର୍ବତକୁ ପଠାଇଲେ । ସେଠାରେ ଦେବକନ୍ୟାମାନେ ସ୍ନାନରତ ଥିଲେ । ଶାମ୍ବଙ୍କର ସୁକୁମାର ତନୁ ଓ ରୂପଲାବଣ୍ୟରେ ସେମାନେ କାମନାସକ୍ତ ହୋଇଗଲେ ଓ ଆଲିଙ୍ଗନ କଲେ । ହଠାତ୍ ସେ ଦୃଶ୍ୟ ଶ୍ରୀକୃଷ୍ଣଙ୍କ ଦୃଷ୍ଟିଗୋଚର ହେଲା । ସେ କ୍ରୋଧ ପରବଶ ହୋଇ ଶାମ୍ବକୁ ଆଭିଶାପ ଦେଲେ । ତାଙ୍କର ସେହି ସୁନ୍ଦର ସ୍ୱାସ୍ଥ୍ୟ କୁଷ୍ଠ ବ୍ୟାଧିଗ୍ରସ୍ତ ହୋଇଗଲା । ପରେ ନାରଦଙ୍କ ପରାମର୍ଶକ୍ରମେ ସେ ମୈତ୍ରେୟବନ କୋଣାର୍କକୁ ଆସି ତପସ୍ୟା କରି ସୂର୍ଯ୍ୟଙ୍କୁ ସନ୍ତୁଷ୍ଟ କରିଥିଲେ । ସେ ସୂର୍ଯ୍ୟମନ୍ଦିର ନିର୍ମାଣ ପାଇଁ ଶାମ୍ବଙ୍କୁ ପରାମର୍ଶ ଦେଲେ ।



ସ୍ନାନ ସମୟରେ ସୂର୍ଯ୍ୟଙ୍କ ଏକ ପ୍ରତିମୂର୍ତ୍ତି ମଣିବିଗ୍ରହ ପାଇ ଶାମ୍ବ ସେଠାରେ ମନ୍ଦିର ନିର୍ମାଣ କରିଥିଲେ । କାଲ୍ପୀ ଓ ମୁଲତାନଠାରେ ମଧ ତାଙ୍କ ଦ୍ୱାରା ମନ୍ଦିର ନିର୍ମାଣ କରାଯାଇଥିଲା । ଶାମ୍ବ ପୌଷ ଶୁକ୍ଳପକ୍ଷ ଦଶମୀ ଦିନ ସୂର୍ଯ୍ୟଙ୍କ ମଣିବିଗ୍ରହ ସ୍ଥାପନ କରିଥିବାରୁ ଏହା ଶାମ୍ବ ଦଶମୀ ଭାବରେ ପାଳିତ ହୋଇଆସୁଛି । କ ନାରଦଙ୍କ ପରାମର୍ଶକ୍ରମେ ରୁକ୍ମିଣୀ ଏହି ଉପାସନା କରିଥିଲେ ।

ଭାରତବର୍ଷରେ ବିଭିନ୍ନ ସମୟରେ ସୂର୍ଯ୍ୟମନ୍ଦିର ତିଆରି ହେବାର ଦୃଷ୍ଟାନ୍ତମାନ ରହିଅଛି । ଜୈନମାନେ ସେମାନଙ୍କ କାରୁକାର୍ଯ୍ୟରେ ସୂର୍ଯ୍ୟଦେବଙ୍କୁ ଅବସ୍ଥାପିତ କରିଥିଲେ । ଖ୍ରୀ.ପୂ. ପ୍ରଥମ ଶତକରେ ଖଣ୍ଡଗିରିର ଅନନ୍ତଗୁମ୍ଫାର ସୂର୍ଯ୍ୟପ୍ରତିମା, ବୁଦ୍ଧଗୟାର ଖମ୍ବମୂର୍ତ୍ତି, ମଧ୍ୟପ୍ରଦେଶର ଦଶରଥପୁର, କାଠିଆୱାଡ଼ାର ଗୋପ, କନୌଜ, ଉଜ୍ଜୟିନୀ, ପ୍ରଭାସ ଆଦି କ୍ଷେତ୍ରର ସୂର୍ଯ୍ୟମନ୍ଦିର ସୂର୍ଯ୍ୟ ଉପାସନାର ବଳିଷ୍ଠ ପ୍ରମାଣ ଦିଏ ।

ସୌରଶକ୍ତିର ରୋଗ ନିରାକରଣ ଗୁଣକୁ ବିଶ୍ୱାସ କରି ଓଡିଶାର ତଥା ଭାରତ ଭୂଖଣ୍ଡରେ ଉପାସକମାନେ ସୂର୍ଯ୍ୟଦେବଙ୍କୁ ପୁତ୍ର ଶାମ୍ବ ସୂର୍ଯ୍ୟାଲୋକରେ ସୂର୍ଯ୍ୟନାରାୟଣଙ୍କ ମୂର୍ତ୍ତି ପୂଜା ପ୍ରଚଳନ କରିଥିବାରୁ ଏହି ତିଥିକୁ ଶାମ୍ବଦଶମୀ ରୂପେ ପାଳନ କରାଯାଏ । ବୈଦିକ ଶାସ୍ତ୍ରରେ ସୂର୍ଯ୍ୟଦେବ ହେଉଛନ୍ତି ନ୍ୟାୟ, ସତ୍ୟ, ଧର୍ମ ଓ ପ୍ରାଣର ପ୍ରତୀକ । ସମସ୍ତ ବୈଦିକ କର୍ମରେ ସର୍ବପ୍ରଥମେ ସୂର୍ଯ୍ୟପୂଜା ହେବାର ବିଧିବିଧାନ ରହିଛି । ଆଲୋକର ଦେବତା ସୂର୍ଯ୍ୟ ଦେବତାଙ୍କ ପ୍ରତୀକ ସଦୃଶ ଜଂଘାଦେବତାଙ୍କୁ ମଧ ପୂଜା ଅର୍ଚ୍ଚନ କରାଯାଏ । ଶାମ୍ବଦଶମୀ ତିଥିରେ ସୂର୍ଯ୍ୟଙ୍କୁ ପୂଜା ଅର୍ଚ୍ଚନା କଲେ ସକଳ ପାପରୁ ମୁକ୍ତି ମିଳିବା ସହ ଶରୀର ପୂର୍ଣ୍ୟମୟ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଶ୍ରୀଜଗନ୍ନାଥ ଦାରୁ ରୂପେ ପୂଜା ପାଉଥିବା ବେଳେ ତାଙ୍କ କଟିଠାରୁ ତଳଭାଗ ଜଂଘ ସଦୃଶ୍ୟ ହୋଇଥିବାରୁ ତାଙ୍କୁ ଜଂଘ ଦେବତା ରୂପେ ପୂଜା କରାଯାଏ । ଶାମ୍ବଦଶମୀରେ ସୂର୍ଯ୍ୟପୂଜା ପାଇଁ ଏକ ମହତ୍ ପର୍ବ ହିସାବରେ ପାଳନ କରାଯାଏ। ମାଘସପ୍ତମୀ ସୂର୍ଯ୍ୟଙ୍କର ଜନ୍ମତିଥି ।

ଶାମ୍ବଦଶମୀ ସୂର୍ଯ୍ୟ ପୂଜା ପାଇଁ ଏକ ମହତ୍ ପର୍ବ ହିସାବରେ ପାଳନ କରାଯାଇଥାଏ। ଏତଦ୍‌ବ୍ୟତୀତ ବର୍ଷର ବାରମାସରେ ସୂର୍ଯ୍ୟଙ୍କୁ ଅଲଗା ଅଲଗା ନାମରେ ପୂଜା କରିବାର ବିଧି ପ୍ରଚଳିତ ହୋଇଅଛି। ଯେପରିକି ଚୈତ୍ର ମାସରେ ଧାତା, ବୈଶାଖ ମାସରେ ଅର୍ଯ୍ୟମା, ଜ୍ୟେଷ୍ଠ ମାସରେ ମିତ୍ର, ଆଷାଢ଼ରେ ବରୁଣ, ଶ୍ରାବଣରେ ଇନ୍ଦ୍ର, ଭାଦ୍ରବରେ ବିବସ୍ୱାନ, ଆଶ୍ୱିନରେ ପୁଷା, କାର୍ତ୍ତିକରେ କ୍ରତୁ, ମାର୍ଗଶିରରେ ଅଂଶୁ, ପୌଷରେ ଭଗ, ମାଘରେ ତ୍ୱଷ୍ଟା ଏବଂ ଫାଲ୍‌ଗୁନରେ ବିଷ୍ଣୁ ନାମରେ ସୂର୍ଯ୍ୟଦେବଙ୍କୁ ଉପାସନା କରାଯାଏ । ସେହିପରି ବିଭିନ୍ନ ସ୍ଥାନରେ ସୂର୍ଯ୍ୟଙ୍କୁ ବିଭିନ୍ନ ନାମରେ ପୂଜା କରାଯାଏ । ଯଥା:-ପଶ୍ଚିମବଙ୍ଗରେ ସୂର୍ଯ୍ୟଙ୍କ ନାମ ଜିଙ୍ଗାଦିତ୍ୟ, ମୁର୍ଶିଦାବାଦରେ କୁଶାଦିତ୍ୟ ଓ ସୋମଦିତ୍ୟ ଓ କୋଣାର୍କରେ ମୈତ୍ରାଦିତ୍ୟ।

ଗ୍ରୀସ୍ ଓ ମେକ୍ସିକୋରେ ମଧ ସୂର୍ଯ୍ୟ ପୂଜାର ପ୍ରଚଳନ ରହିଥିବାର ଜଣାଯାଇଛି । ଆଦିମ ଅଧିବାସୀମାନେ ସୂର୍ଯ୍ୟଙ୍କୁ ଧର୍ମର ଦେବତା ଓ ପୃଥିବୀକୁ ଧରିତ୍ରୀ ମାତା ରୂପେ ପୂଜା କରି ଆସୁଛନ୍ତି ।

ଶାମ୍ବ ପୁରାଣରେ ବର୍ଣ୍ଣିତ ଅଛି ଯେ, ଶ୍ରୀକୃଷ୍ଣଙ୍କର ଅଷ୍ଟପଚ୍ଛ ମହିଷୀ ମଧ୍ୟରୁ ଜାମ୍ବବତୀଙ୍କ ଗର୍ଭରୁ ଶାମ୍ବ ଜନ୍ମ ହୋଇଥିଲେ। ସେ ନିଜର ସୁନ୍ଦର ରୂପ ପାଇଁ ନିଜକୁ ଅତ୍ୟନ୍ତ ଗର୍ବିତ ମନେ କରୁଥିଲା । ଦେବଦେବୀ ମୁନିଋଷି ପ୍ରତି ତାଙ୍କର ଆଚରଣ ଭଲ ହେଉନଥିଲା। ତାଙ୍କର ଏହି ଆଚରଣରେ କ୍ଷୁବ୍ଧ ହୋଇଥିଲେ ଶ୍ରୀକୃଷ୍ଣ ଏବଂ କୃଷ୍ଠ ରୋଗରେ ଆକ୍ରାନ୍ତ ହେବାପାଇଁ ଅଭିଶାପ ଦେଇଥିଲେ। ଫଳସ୍ୱରୂପ ଶାମ୍ବ ଦୁଃସାଧ୍ୟ କୁଷ୍ଠରୋଗରେ ଆକ୍ରାନ୍ତ ହେଲେ । ପରବର୍ତ୍ତୀ ସମୟରେ ନାରଦଙ୍କ ପରାମର୍ଶ କ୍ରମେ ଚନ୍ଦ୍ରଭାଗା ନଦୀକୂଳ ସ୍ଥିତ ମୈତ୍ରେୟବନରେ ବାରବର୍ଷ ପର୍ଯ୍ୟନ୍ତ ତପସ୍ୟା କରି ସୂର୍ଯ୍ୟଦେବଙ୍କର ଦର୍ଶନ କଲେ ଏବଂ ସୂର୍ଯ୍ୟଦେବଙ୍କ କୃପାରୁ ପୂର୍ବ ସୌନ୍ଦର୍ଯ୍ୟ ଫେରିପାଇଲେ। ତେଣୁ ହିନ୍ଦୁ ନାରୀମାନେ ନିଜ ନିଜର ସନ୍ତାନ ସନ୍ତତିଙ୍କ ସୁଖ, ଶାନ୍ତି, ମଙ୍ଗଳ ଓ ନିରୋଗ କାମନା କରି ପୌଷମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ସୂର୍ଯ୍ୟନାରାୟଣଙ୍କ ଠାରେ ପୂଜା ଅର୍ଚ୍ଚନା କରିଥାନ୍ତି ।ସୂର୍ଯ୍ୟ ବିଶ୍ୱବ୍ରହ୍ମାଣ୍ଡର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହା ଏକ ସକଳଶକ୍ତିର ମୂଳ ଆଧାର। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହା ମଧ ସତ୍ୟ ଅଟେ। ଓଁକାର ସ୍ୱରୂପ ସୂର୍ଯ୍ୟଙ୍କ ଠାରୁ ଏହି ଜୀବଜଗତ ସୃଷ୍ଟି ବୋଲି ସମସ୍ତେ ବିଶ୍ୱାସ କରନ୍ତି। ସିଏ ହେଉଛନ୍ତି ଜୀବଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟର ପ୍ରତୀକ। ତାଙ୍କରି ପାଇଁ ଦିନରାତି ଓ ଋତୁ ପରିବର୍ତ୍ତନ ସମ୍ଭବ ହୁଏ। ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତ ସୂର୍ଯ୍ୟଙ୍କ କିରଣ ବିନା ବଞ୍ଚିବା କଷ୍ଟକର। ମନୁଷ୍ୟର ସମସ୍ତରୋଗ କୁ ସୂର୍ଯ୍ୟ ବିନାଶ କରିଥାନ୍ତି। ଆମ୍ଭମାନଙ୍କୁ ଅସତ୍ ରୁ ସତ୍‌କୁ, ଅନ୍ଧାକାରରୁ ଆଲୋକକୁ ଏବଂ ମୃତ୍ୟୁରୁ ଅମରତ୍ୱକୁ ନେଇଯିବା ପାଇଁ ଆମ୍ଭେ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରିଥାଉ ।







# ଭାରତରେ ସୂର୍ଯ୍ୟ ଉପାସନା

**ସୂ**ର୍ଯ୍ୟ ସୌର ଜଗତ ସୃଷ୍ଟିର କାରଣ । ସେ ସକଳ ଶକ୍ତିର ଆଧାର। ତାଙ୍କ ଯୋଗୁଁ ଋତୁ ପରିବର୍ତ୍ତନ, ଦିନରାତି ଓ ଜୀବ ଜଗତ ସମ୍ଭବ ହୋଇଅଛି। ତାଙ୍କ ବିନା ଏ ସୃଷ୍ଟି କଳ୍ପନାତୀତ । ଏହା ବୈଜ୍ଞାନିକ ସତ୍ୟ ।

ବ୍ରହ୍ମ ବୈବର୍ତ୍ତ ପୁରାଣ ମତେ ସୂର୍ଯ୍ୟ ହିଁ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ସେ ନିଜେ ପରଂବ୍ରହ୍ମ, : ଜଗତ ପିତା, ଧର୍ମ ଦେବତା । ଏଣୁ ହିନ୍ଦୁମାନେ ସ୍ନାନସାରି ସୂର୍ଯ୍ୟଙ୍କୁ ଜଳଦାନ ପୂର୍ବକ ନମସ୍କାର କରନ୍ତି ।

ସକାଳୁ ସନ୍ଧ୍ୟା ଯାଏଁ ସୂର୍ଯ୍ୟଙ୍କର ଏହି ଗତି, ଆଲୋକ ଓ ତେଜଶକ୍ତି ଆଧାର ରୂପେ କାର୍ଯ୍ୟ କରି ଆସୁଛି । ଏଣୁ ସୂର୍ଯ୍ୟଙ୍କୁ ଏ ଜାତି ଆଦିମ ଯୁଗରୁ ସୂର୍ଯ୍ୟ ନାରାୟଣ ରୂପେ ପୂଜା କରି ଆସିଛି ।

ସୂର୍ଯ୍ୟ ଉପାସନାରୁ ଧର୍ମର ଆଦ୍ୟ ଅଭିବ୍ୟକ୍ତି ଘଟିଛି ବୋଲି ମ୍ୟାକ୍‌ସ୍‌ମୁଲର କୁହନ୍ତି । ଅତୀତରେ ମିଶର୍ ଜାପାନ ଓ ମେକ୍‌ସିକୋରେ ସୂର୍ଯ୍ୟଉପାସନାର ବିସ୍ତାର ଘଟିଥିଲା । ସେତେବେଳେ ସେ କେବଳ ଧର୍ମ ଦେବତା ନଥିଲେ, ଜ୍ୟୋର୍ତିବିଦ୍ୟା ଓ ଗଣିତ ବିଦ୍ୟାର ଥିଲେ ଆଧାର । ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ମିଶରରେ ସୂର୍ଯ୍ୟ ଉପାସନାକୁ ଆଧାରକରି ଉନ୍ନତ ଧର୍ମ ପ୍ରଚଳନ ଥିଲା । ବୈଦିକ ଯୁଗରେ ସୂର୍ଯ୍ୟ ପ୍ରଧାନ ଆରାଧ୍ୟ ଦେବତା ଥିଲେ । ତାଙ୍କୁ ତ୍ରିକାଳ ସଂଧ୍ୟାରେ : ପ୍ରାତଃ, ମଧ୍ୟାହ୍ନ ଓ ସଂଧ୍ୟାରେ ଜଳ, ପୁଷ୍ପ ଏବଂ ଚନ୍ଦନ ଇତ୍ୟାଦି ଅର୍ଘ୍ୟ ପ୍ରଦାନ କରାଯାଉଥିଲା । ସକାଳ ସୂର୍ଯ୍ୟଙ୍କୁ ବ୍ରହ୍ମା, ମଧ୍ୟାହ୍ନ ସୂର୍ଯ୍ୟଙ୍କୁ ମହେଶ୍ୱର ଓ ସଂଧ୍ୟା ସୂର୍ଯ୍ୟଙ୍କୁ ବିଷ୍ଣୁ ରୂପେ ଅର୍ଥାତ୍ ସୃଷ୍ଟି ସଂହାର ଓ ପାଳନ କର୍ତ୍ତା ରୂପେ ବିଚାର କରାଯାଉଥିଲା ।

ପୁରାଣରୁ ଜଣାଯାଏ ଯେ ସୂର୍ଯ୍ୟଙ୍କ ଉପାସନା କରି ଯଧିଷ୍ଠିର ଏକ ଅକ୍ଷୟ ଖାଦ୍ୟ ପାତ୍ର ଲାଭ କରିଥିଲେ । ହର୍ଷବର୍ଦ୍ଧନଙ୍କ ସଭାକବି ମୟୂର ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଏକ ଶତକ ରଚନା କରି କୁଷ୍ଠ ରୋଗରୁ ମୁକ୍ତ ହୋଇଥିଲେ ବୋଲି କିମ୍ବଦନ୍ତୀ କୁହେ ।

ଆଧୁନିକ ସମୟରେ ଭାରତକୁ ସୂର୍ଯ୍ୟ ପୂଜା ପାରସ୍ୟରୁ ଆସିଥିବାର ଜଣାଯାଏ । ଏହା ପ୍ରଥମେ ଉତ୍ତର ଭାରତରେ ପ୍ରବେଶ କଲା ଓ ଭାରତୀୟ ହିନ୍ଦୁମାନେ ଏହାକୁ ଏକ ଭାରତୀୟ ଉପାସନା ପଦ୍ଧତି ରୂପେ ଗ୍ରହଣ କରି ନେଇଥିଲେ । ଭବିଷ୍ୟ ପୁରାଣମତେ କୃଷ୍ଣଙ୍କ ପୁତ୍ର ଶାମ୍ବ, ଶକ ଦ୍ୱୀପରୁ (ଇରାନ୍ ବା ମୁଲତାନ) 'ମଗ' ନାମଧାରୀ ବ୍ରାହ୍ମଣମାନଙ୍କୁ ଆଣି କୋଣାର୍କ ଚନ୍ଦ୍ରଭାଗାରେ ସୂର୍ଯ୍ୟ ଉପାସନା ନିମନ୍ତେ ରଖାଇଥିଲେ। ଏହା ବିହାରରେ ଏକ ଶିଳାଲିପିରେ ଖୋଦିତ ହୋଇଛି । ଏବେ ମଧ୍ୟ ଏହି 'ମଗ' ନାମଧାରୀ ବ୍ରାହ୍ମଣମାନେ ରାଜପୁତନା ଓ ଉତ୍ତର ପ୍ରଦେଶରେ ଦେଖାଯାଆନ୍ତି । କୁଶାଣ ରାଜତ୍ୱ କାଳରେ ସୂର୍ଯ୍ୟ ଉପାସନା ଭାରତରେ ପ୍ରବେଶ କରିଥିବାର କେହି ମତ ଦିଅନ୍ତି। ହର୍ଷବର୍ଦ୍ଧନ ଏବଂ ତାଙ୍କ ପୂର୍ବ ତିନି ପୁରୁଷ ଆଦିତ୍ୟ ଭକ୍ତ ଭାବେ ଅଭିହିତ ହୋଇଥିବାର ଜଣାଯାଏ । ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀ ବେଳକୁ ଏହା ରାଜଧର୍ମରେ ପରିଣତ ହୋଇଥାଇପାରେ । ଉତ୍ତର ଭାରତରେ ମଣ୍ଡସର, ଇନ୍ଦୋର, ମୁଲତାନ ଏବଂ କାଶ୍ମୀର ଓ ଗୋଆଲିଅରରେ ଯଥାକ୍ରମେ ୫ମ ଓ ୬ଷ୍ଠ ଶତାବ୍ଦୀରେ ସୂର୍ଯ୍ୟ ମନ୍ଦିରମାନ ଥିବାର ପ୍ରମାଣ ମିଳିଛି । ୧୧ଶ ଶତାବ୍ଦୀରେ ପାଟନା ଏବଂ ତ୍ରୟୋଦଶ ଶତାବ୍ଦୀରେ ଓଡ଼ିଶାରେ ସୂର୍ଯ୍ୟ ମନ୍ଦିରମାନ ନିର୍ମିତ ହୋଇଛି ।

ଓଡ଼ିଶାରେ ସୌର ଧର୍ମର ସ୍ୱତନ୍ତ୍ର ଗୋଷ୍ଠୀ ଥିବାର ଜଣାଯାଏ ନାହିଁ ଅଥଚ ସେ ଓଡ଼ିଶା ଧର୍ମଦେବତା, ପ୍ରତ୍ୟହ ତିନିଥର ତାଙ୍କୁ ତିଳତର୍ପଣ କରାଯାଏ ଏବଂ ତା' ସହିତ ଶ୍ରାଦ୍ଧ ଓ ଶୁଦ୍ଧିକ୍ରିୟାରେ ତାଙ୍କୁ ତିଳ ତର୍ପଣ କରାଯାଏ । ତାଙ୍କ ପାଇଁ ବିଭିନ୍ନ ବ୍ରତ : ରବିବାର ବ୍ରତ, ରବି ନାରାୟଣ ବ୍ରତ, ଶାମ୍ବ ଦଶମୀ ବ୍ରତ ଇତ୍ୟାଦି ପାଳିତ ହୁଏ। ଶାମ୍ବ ଦଶମୀ ସୂର୍ଯ୍ୟ ପୂଜାରେ ଓଡ଼ିଶାରେ ମୁଖ୍ୟ ପର୍ବ । ଏହିଦିନ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ସକାଳେ ପିଠା, ମଧ୍ୟାହ୍ନରେ ଘଡ଼ଘଡ଼ିଆ ତରକାରୀ ଏବଂ ସଂଧ୍ୟାରେ ମିଷ୍ଟାନ୍ନ ସମର୍ପଣ କରାଯାଏ ।

ଶାମ୍ବ ପୁରାଣରେ କୋଣାର୍କର ସୂର୍ଯ୍ୟ ମନ୍ଦିର ଓ ସୂର୍ଯ୍ୟଙ୍କ ପୂଜାପଦ୍ଧତି ବିଷୟରେ ବର୍ଣ୍ଣିତ ହୋଇଛି । ଏହିମତେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ କୁଷ୍ଠ ରୋଗରୁ ମୁକ୍ତି ଲାଭ ନିମନ୍ତେ ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ମୈତ୍ରେୟ ବନରେ ଚନ୍ଦ୍ରଭାଗା ନଦୀ କୂଳରେ ସୂର୍ଯ୍ୟ ଉପାସନା କରିଥିଲେ ଓ ଆରୋଗ୍ୟ ପରେ ଏଠାରେ ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଇ ଥିଲେ। ଏହା ବୋଧହୁଏ ମର୍ତ୍ତ୍ୟଲୋକରେ ସୂର୍ଯ୍ୟଙ୍କର ମୂର୍ତ୍ତି ପୂଜାର ପ୍ରଥମ କାହାଣୀ । ସୂର୍ଯ୍ୟ ପୂଜାର ପ୍ରଚାର ଓ ପ୍ରସାର ନିମନ୍ତେ ଶାମ୍ବ ପ୍ରଥମେ ଓଡ଼ିଶାର ଚନ୍ଦ୍ରଭାଗା ନିକଟରେ , ୨ୟଟି ଯମୁନା ନଦୀ ଏବଂ ତୃତୀୟ ପଞ୍ଜାବର ଚେନାବ ନଦୀ (ମୂଳତାନ, ପାକିସ୍ତାନ) କୂଳରେ ସୂର୍ଯ୍ୟ ମନ୍ଦିରମାନ ନିର୍ମାଣ କରିଥିଲେ। ଏହି କ୍ରମରେ ଭାରତରେ ସୌରଧର୍ମ ଓ ପୂଜାର କ୍ରମଶଃ ପ୍ରସାର ହେଲା । ଆମ ଓଡ଼ିଶାରେ ଭଦ୍ରକର ପାଳିଆ ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱର ଖଣ୍ଡିଗିରର ଅନ୍ତ ଗୁମ୍ଫା ଖୋଦିତ ସୂର୍ଯ୍ୟମୂର୍ତ୍ତି ଏବଂ ମୟୁରଭଞ୍ଜର ଖିଚିଂ ଇତ୍ୟାଦି ସୂର୍ଯ୍ୟ ମୂର୍ତ୍ତିମାନ ଉଲ୍ଲେଖନୀୟ । ଅନେକ ମନ୍ଦିରରେ ସୂର୍ଯ୍ୟ ଦିଗପାଳ ରୂପେ ଖୋଦିତ । ଯଥା ବୋଇତାଳ ମନ୍ଦିର ଏବଂ ଚଉରାଶୀ ବରାହୀ ମନ୍ଦିର ଇତ୍ୟାଦି ।



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩୦ ଡିସେମ୍ବର ୨୦୨୫ । ମଙ୍ଗଳବାର


## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି




**କୋରାପୁଟ,୨୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ସ୍ଥାନୀୟ ସଦଭାବନା ସଭା ଗୃହ ପରିସରରେ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଗୋଷ୍ଠୀ ଗତ ଭାବେ ୮ଟି ଏବଂ ବ୍ୟକ୍ତିଗତ ୨୦ଟି ମୋଟ ୨୮ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ତଥା ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଦୁଇଟି ଅଭିଯୋଗର ତୁରନ୍ତ ସମାଧାନ କରିବା ସହ ଅନ୍ୟ ଅଭିଯୋଗ ଗୁଡିକୁ ଯଥା ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ ।

## କଂଗ୍ରେସର ପ୍ରତିଷ୍ଠା ଦିବସ

**ରାଜନଗର,୨୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ନିର୍ବାଚନମଣ୍ଡଳୀ ତରଫରୁ ଭାରତୀୟ ଜାତୀୟ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ମା'ମାଟିଆ ମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ରାଜନଗର ବିଧାନସଭା ପାର୍ଥୀ ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ ଉତ୍ସବ ପାଳିତ ହୋଇଛି । ଏଥିରେ କଂଗ୍ରେସ ନେତା ପ୍ରମୋଦ ସ୍ୱାଇଁ, ବିଚିତ୍ର ନାୟକ, ଗୌରାଙ୍ଗ ମହାରଣା, ହେମନ୍ତ ମିଶ୍ର, ବୀରକିଶୋର ସ୍ୱାଇଁ, ଧୀରେନ୍ଦ୍ର ମହାକୁଡ଼, ସଞ୍ଜୟ ପତି, କଳ୍ପତରୁ ସ୍ୱାଇଁ, ଉପେନ୍ଦ୍ର ସ୍ୱାଇଁ, ଲକ୍ଷ୍ମଣ ସାହୁ, ବନମାଳୀ ପ୍ରଧାନ, ବୈଦ୍ୟନାଥ ରାଉତ, ନିରଞ୍ଜନ ମହାରଣା, ପ୍ରମୋଦ ରାଉତ, ପ୍ରଦୀପ ରାଉତ, ପଞ୍ଚାନନ ପ୍ରଧାନ, ଭାସ୍କର ପ୍ରଧାନ, ସତ୍ୟ ରାଉତ, ଦେବପ୍ରସାଦ ପାଣି, ବ୍ରହ୍ମାନନ୍ଦ ସେଠି, ରୋହିତ ରାଉତ ଯୋଗ ଦେଇ କଂଗ୍ରେସର ଦେଶ ପାଇଁ ଥିବା ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ କଂଗ୍ରେସ ଦଳର ସାଙ୍ଗଠନିକ ସ୍ଥିତିକୁ ମଜବୁତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ସ୍ମୃତି ଉତ୍ସବ

**ମାହାଙ୍ଗା,୨୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଆ ଭାଷାର ଅବକ୍ଷୟମୁଖୀ ସମୟରେ ଏହି ଭାଷାକୁ ବଞ୍ଚାଇ ରଖିବା ପାଇଁ ଯେଉଁ ମହାମୁନିଷୀମାନେ ସଂଗ୍ରାମ କରିଯାଇଛନ୍ତି ସେମାନଙ୍କ ମଧ୍ୟରେ ପ୍ୟାରୀମୋହନ ଆଚାର୍ଯ୍ୟ ହେଉଛନ୍ତି ଅନ୍ୟତମ । ସେ ଥିଲେ ଓଡିଆ ଭାଷା ସାହିତ୍ୟ ଆନ୍ଦୋଳନର କ୍ରାନ୍ତିକାରୀ ବିପ୍ଳବୀ ଜନନାୟକ ତଥା ଓଡିଆ ଜାତି ଇତିହାସର ପ୍ରଥମ ରଚୟିତା ବୋଲି ବିଶିଷ୍ଟ ବକ୍ତାମାନେ ମାହାଙ୍ଗା ବ୍ଲକ ପଶୁଲୁଣ୍ଡା ସ୍ଥିତ ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟା ନିକେତନ ପରିସରରେ ୧୪୪ତମ ସ୍ମୃତି ଉତ୍ସବରେ ମତପୋଷଣ କରିଛନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତବାସ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ, ସୁସାହିତ୍ୟିକ ପ୍ରଫେସର ଜନାର୍ଦ୍ଦନ ରାଉତ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତାରିଣୀ ପ୍ରସାଦ ପୁହାଣ, ସମ୍ମାନିତ ଅତିଥିଭାବେ ସରପଂଚ ରାଜକିଶୋର ବଳ, ସମିତିସଭ୍ୟ ସୁରେନ୍ଦ୍ର କୁମାର ମହାନ୍ତି, ବିଦ୍ୟାଳୟ ଆଲୁମିନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଦେବାତ୍ମା ପ୍ୟାରୀମୋହନଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋଚନା କରିବା ସହ ତାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରିୟଙ୍କା ପ୍ରିୟଦର୍ଶିନୀ ଶତପଥି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କମଚାରୀ ସର୍ବଶ୍ରୀ ଅରୁନ୍ଧତୀ ସାହୁ, ମମତା ମହାପାତ୍ର, ମହସିନା ମୁସ୍ତାକ, ସ୍ମୃତି ସୋନମ, ମାନସ ରଞ୍ଜନ ପ୍ରଧାନ, କ୍ଷେତ୍ରମୋହନ ସାହୁ, ଜଗଦିଶ ପ୍ରସାଦ ମହାନ୍ତି, ହରିହର ଜେନାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଗୁଲନଗରରେ ପଞ୍ଚାୟତ ସ୍ତରୀୟ ବ୍ରାହ୍ମଣସଭା

**କେନ୍ଦ୍ରାପଡା,୨୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗୁଲନଗର ସ୍ଥିତ ପ୍ରଭୁ ତ୍ରିନାଥ ମନ୍ଦିର ପରିସରରେ ପଣ୍ଡିତ ରାଜୀବ ଲୋଚନ ଦାଶଙ୍କ ସଭାପତିତ୍ୱରେ ଏକ ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବେଦପାଠ କରିଥିଲେ । କେନ୍ଦ୍ରାପଡା ବ୍ଲକର ସଂଯୋଜକ ପଣ୍ଡିତ ହରେକୃଷ୍ଣ ପତି । ଅତିଥି ଭାବେ ଯୋଗ ଦେଇଥିଲେ କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣ ମହାସଭାର ବରେଣ୍ୟ ସଂପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର ପଣ୍ଡିତ ମିଶ୍ର ବ୍ରାହ୍ମଣ ସଭାର ଗଠନ ଓ ଆଭିମୁଖ୍ୟ ଉପରେ ବିଶଦଃ ଆଲୋକ ପାତ କରିଥିଲେ । ଅନ୍ୟତମ ଅତିଥି ଭାବରେ କେନ୍ଦ୍ରପଡା ନଗର ବ୍ରାହ୍ମଣ ସଭାର ସଂପାଦକ ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ ଯୋଗଦେଇ ସମାଜର ହିତ ପାଇଁ ବ୍ରାହ୍ମଣମାନଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ସଂଯୋଜକ ଲକ୍ଷ୍ମୀଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ନୂତନ ବର୍ଷ ୨୦୨୬ ଜାନୁୟାରୀ ୫ ତାରିଖରେ ଗୋପାଳଜୀୟୁ ମନ୍ଦିର ପରିସରରେ କେନ୍ଦ୍ରାପଡା ବ୍ଲକ ଓ କେନ୍ଦ୍ରାପଡା ନଗରର ବ୍ରାହ୍ମଣମାନଙ୍କର ଏକ ମିଳିତ ବୈଠକ ଅପରାହ୍ନ ୩ଘଟିକା ସମୟରେ ହେବା ପାଇଁ ସର୍ବ ସମ୍ମତି କ୍ରମେ ସ୍ଥିର କରାଗଲା । ଉକ୍ତ ସଭାରେ ପିତାମ୍ବର କର, ପ୍ରଶାନ୍ତ କର, ଅଭୟ ଦାଶ, ତପନ ଦାଶ, ଗୋବିନ୍ଦ ରଥ, ଭୂବନ ମୋହନ କର, ନୀଳମାଧବ ମିଶ୍ର, ଜିତେନ୍ଦ୍ର ଦାଶ, ଉପେନ୍ଦ୍ର ପତି ମନ୍ମଥ ଚକ୍ରବର୍ତ୍ତୀ, ରବିନ୍ଦ୍ର ଦାଶ, ଲକ୍ଷ୍ମୀକାନ୍ତ ଦାଶ, ରାଜବ କର ଯୋଗଦେଇଥିଲେ ।

## ବଳଦେବ ହାଇସ୍କୁଲର ବନ୍ଧୁମିଳନ

**କେନ୍ଦ୍ରାପଡା,୨୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଟାଉନ୍ ସ୍ଥିତ ବଳଦେବ ହାଇସ୍କୁଲର ୧୯୭୯ ମାଟ୍ରିକ ବ୍ୟାଚ ପୁରାତନ ଶିକ୍ଷାର୍ଥୀମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ବୁଧବାର ଦାନପୁର ନିକଟ ମା' ରାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଜ୍ଞାନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉକ୍ତ ଖ୍ୟାତାନାମା ହାଇସ୍କୁଲରେ ପାଠପଢି ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ଉକ୍ତ ବିଦ୍ୟାଳୟକୁ ସହଯୋଗ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ଶିକ୍ଷା ଅନୁଷ୍ଠାନର ଭିତ୍ତିଭୂମିର ବିକାଶ, ଆବଶ୍ୟକ ଆଧୁନିକ ପାଠ ଉପକରଣ ଯୋଗାଣ, ଶୈକ୍ଷିକ ଗୁଣବତ୍ତାର ବିକାଶ ଏବଂ ପ୍ରୋତ୍ସାହନ ସଂପର୍କରେ ଅକ୍ଷୟ ସାହୁ, ବିଜୟ ସାହୁ, ଅମର ସାହୁ, ଶରତ ବେହୁରା, କାର୍ତ୍ତିକ ରାଉତ, ଉମା ମହାପାତ୍ର, ଶଙ୍କର ବାରିକ, କାର୍ତ୍ତିକ ସାହୁ, ବଳିଆ ପଣ୍ଡା, ଜୟନ୍ତ ଦାସ ପ୍ରମୁଖ ଦୃଷ୍ଟିପାତ କରିଥିଲେ । ପୁରାତନ ଛାତ୍ର ବନ୍ଧୁମାନଙ୍କ ମଧ୍ୟରୁ ନିକଟରେ ପରଲୋକ ଘଟିଥିବା ସାଥି ମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରାଯାଇଥିଲା । ଏପରି ଦୁଃସ୍ଥିତ ସମୟେ ଦିବଂଗତ ସାଥିର ଶୋକାକୁଳ ପରିବାରକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ନିଷ୍ପତ୍ତି କରାଯାଇଥିଲା । ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହେଉଥିବା ଶିକ୍ଷାର୍ଥୀଙ୍କୁ ପୁରସ୍କାର ସହ ଅଧିକ ଉଚ୍ଚ ଶିକ୍ଷା ପାଇବା ଦିଗରେ ସହାୟତା କରାଯିବାକୁ ସ୍ଥିର କରାଯାଇଥିଲା । ପୁରାତନ ଛାତ୍ର ତଥା ସୁସଂଗଠକ ନିତ୍ୟାନନ୍ଦ ବେହେରା ଏହି ବନ୍ଧୁ ମିଳନ ଉତ୍ସବର ସଂଯୋଜନା କରିଥିବା ବେଳେ ସାଥି ଗୌରିଶଙ୍କର ମହାପାତ୍ର ଦମ୍ପତିଙ୍କ ଉପସ୍ଥିତ ଉତ୍ସବକୁ ବେଶ୍ ଉତ୍ସାହ ପୂର୍ଣ୍ଣ କରିଥିଲା ।

## ଦମ୍ ଦେଖାଇଲେ ବିଜେଡି ବ୍ଲକ ସଭାପତି

**ବ୍ୟାସନଗର,୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



କୋରେଇ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ପହଙ୍ଗା ପଞ୍ଚାୟତ ରାଉତରାପୁର ଗ୍ରାମରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଜନୀତି କେବଳ କ୍ଷମତା ପାଇଁ ନୁହେଁ ଲୋକଙ୍କ ସେବା ପାଇଁ ହେବା ଉଚିତ ବୋଲି ବିଜେଡ଼ି କର୍ମୀଙ୍କ ଅନୁରୋଧ ରକ୍ଷା କରି ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ସାଧାରଣ ସଭାରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ରସୁଲପୁର ବ୍ଲକର କୋରେଇ ନିର୍ବାଚନ ମଣ୍ଡଳୀ ପହଙ୍ଗା ପଂଚାୟତର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ବିଜୟ ଘଡେଇଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବରେ ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବ ପ୍ରସାଦ ଦାସ ଯୋଗ ଦେଇ କୋରେଇ ମାଟି ଅତୀତ ଇତିହାସର ମୁକସାକ୍ଷୀ । ପହଙ୍ଗା ହଉଛି ସ୍ୱର୍ଗତ ଅଶୋକ ଦାସଙ୍କ ରାଜନୈତିକ ଏକୁଡିଶାଳ ଏଠି ବିରୋଧୀଙ୍କ ସ୍ଥାନ ନାହିଁ ବୋଲି କହିବା ସହିତ ସବୁ ବିଦ୍ୱେଷ ଭାବକୁ ଭୁଲି ଭାଇଚାରାରେ ଦଳକୁ ମଜଭୁତ କରି ଏହାର ଜବାବ ଦେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପଂଚାୟତର ସମସ୍ତ ମୁରବୀ ଏବଂ କର୍ମୀମାନଙ୍କୁ ମୁଖ୍ୟଅତିଥି ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ବୈଠକରେ ପଂଚାୟତର ୩ ହଜାରରୁ ଉର୍ଦ୍ଧ୍ୱ ମହିଳା, ପୁରୁଷମାନେ ଯୋଗ ଦେଇଥିବା ବେଳେ ଏଥିରେ ପଂଚାୟତ ସରପଞ୍ଚ ଲୋପାମୁଦ୍ରା ଘଡେଇ, ଜିଲ୍ଲା ମହିଳା ଉପସଭାପତି ତପସ୍ୱିନୀ ଶତପଥି, ପୂର୍ବତନ ଯୁବ ଛାତ୍ର ଉପସଭାପତି ପ୍ରତାପ କୁମାର ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଅଜିତ ଘଡେଇ, ବିଶ୍ୱରଂଜନ ସାହୁ, ରାକେଶ ମହାନ୍ତି, ଶ୍ରୀକାନ୍ତ ପ୍ରଭୃତି ଯୁବ ସଂଗଠକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ ବିଜେଡ଼ି ଦଳର ଏହି ବୈଠକକୁ ନେଇ ରାଜନୈତିକ ମହଲରେ ଝଡ଼ ସୃଷ୍ଟି ହୋଇଥିବା ଦେଖା ଦେଇଛ ପହଙ୍ଗା ପଞ୍ଚାୟତରେ ଅନୁଷ୍ଠିତ ବିଜେଡି ସାଂଗଠାନିକ ବୈଠକରେ ଶହ ଶହ ଲୋକ ଯୋଗଦାନ କରିଥିବା ଦେଖିବାକୁ ମିଳିଛି । ନିଜ ପଞ୍ଚାୟତ ପହଙ୍ଗା ତଥା ରସୁଲପୁର ବ୍ଲକକୁ ଅତି ଉତ୍ତମ ଭାବରେ ବିଜେଡି ସଂଗଠନକୁ ବ୍ୟାପକ କରିବାରେ ବ୍ଲକ ବିଜେଡି ସଭାପତି ବିଜୟ ଘଡେଇଙ୍କ ଅବଦାନ ରହିଥିବା ପ୍ରତିଫଳିତ ହୋଇଛି । ପୂର୍ବ ଅପେକ୍ଷା ପହଙ୍ଗା ପଞ୍ଚାୟତରେ ବିଜେଡି ସଂଗଠନ ଦିନକୁ ଦିନ ବୃଦ୍ଧି ପାଉଥିବା ଯୋଗୁଁ ବିରୋଧୀ ମହଲରେ ହଇଚ଼ଇ ସୃଷ୍ଟି ହୋଇଛି । ଯାହା କେବଳ ବିଜେଡି ନେତା ତଥା ବିଜୟ ପାଇଁ ସମ୍ଭବ ହୋଇଛି । ଏହି ବିଜେଡି ସାଙ୍ଗଠନିକ ବୈଠକରେ ପହଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ ଦାସ ଓ ପ୍ରକାଶ ନାୟକ ପରସ୍ପର ମଞ୍ଚ ଉପରେ କୋଳାକୋଳି ହୋଇ ଆଗକୁ କିପରି ବିଜେଡି ଦଳକୁ ଆଗେଇ ନେବେ ସେଥିପାଇଁ ଦୃଢ ସଂକଳ୍ପ ନେଇଥିଲେ । ଏହି ଦୁଇ ନେତା ଆଗକୁ ଆସି ଦଳ ପାଇଁ କାର୍ଯ୍ୟ କଲେ ଦଳ ପାଇଁ ବହୁ ଶୁଭ ସଙ୍କେତ ବୋଲି ବ୍ଲକ ବିଜେଡି ସଭାପତି ବିଜୟ ଘଡେଇ କହିଛନ୍ତି ।

## ଦିଲ୍ଲୀ ଫେରିଗଲେ ସିଇସି

**ଭୁବନେଶ୍ୱର,୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଦିଲ୍ଲୀ ଫେରି ଯାଇଛନ୍ତି । ପିତାଙ୍କ ସ୍ୱାସ୍ଥ୍ୟ ଖରାପ ହେବା ଖବର ଶୁଣିବା ପରେ ସେ ତୁରନ୍ତ ଦିଲ୍ଲୀ ଫେରି ଯାଇଛନ୍ତି । ଫଳରେ ସୋମବାର ହେବାକୁଥିବା ତୃତୀୟ ଦିନର ବୁଥ୍ସ୍ତରୀୟ ଅଧିକାରୀଙ୍କ ସହ ବୈଠକ ସମେତ ଅନ୍ୟ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି । ଜରୁରୀକାଳୀନ ପରିସ୍ଥିତିରେ ରବିବାର ସନ୍ଧ୍ୟାରେ ସେ ଦିଲ୍ଲୀ ଫେରିଯାଇଛନ୍ତି । ଜରୁରୀକାଳୀନ ଭିତ୍ତିରେ ପ୍ରତ୍ୟାବର୍ତ୍ତନ କରୁଥିବା ହେତୁ ଦୁଃଖପ୍ରକାଶ କରିବା ସହିତ ଓଡିଶାର କଳା, ସ୍ଥାପତ୍ୟ, ଆତିଥ୍ୟ, ପ୍ରାକୃତିକ ବିଭବ ତାଙ୍କୁ ବହୁତ ପ୍ରଭାବିତ କରିଛି ବୋଲି ଜ୍ଞାନେଶ କୁମାର କହିଛନ୍ତି । ସେ ପୁଣି ଥରେ ନିଶ୍ଚିତଭାବରେ ଓଡିଶା ଆସିବେ ବୋଲି କହିଛନ୍ତି । ତିନି ଦିନିଆ ଓଡିଶା ଗସ୍ତରେ ଆସି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ପ୍ରଥମେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।

## ଧାନର ମାନ ପରୀକ୍ଷା କଲେ ବିଧାୟକ



**ଟିଟିଲାଗଡ଼,୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟନି ଛଟନିର ଶିକାର ନେଇ ଚାଷୀଙ୍କ ଅସନ୍ତୋଷ ବିଗତ ୫ ଦିନ ହେଲା ବନ୍ଦ ପଡ଼ିଥିବା ବଲାଙ୍ଗୀର ଜିଲ୍ଲାର ଦ୍ୱିତୀୟ ବୃହତ ତଥା ଟିଟିଲାଗଡ଼ ଉପଖଣ୍ଡର ସର୍ବ ବୃହତ ଧାନ ମଣ୍ଡିକୁ ଟିଟିଲାଗଡ଼ ଉପଜିଲ୍ଲାପାଳ କିମ୍ବା ବଲାଙ୍ଗୀର ଜିଲ୍ଲାପାଳ ତ ଦୂରର କଥା ତଳସ୍ତର ଅଧିକାରୀଙ୍କ ପାଦ ମଧ୍ୟ ପଡ଼ିନାହିଁ । ଗତ ୫ ତାରିଖରୁ ବଲାଙ୍ଗୀର ଜିଲ୍ଲାରେ ଧାନ ମଣ୍ଡି ଖୋଲିଥିବା ବେଳେ ଅବ୍ୟବସ୍ଥା ଜାରୀ ରହିଛି । କ୍ୱିଣ୍ଟାଲ ଧାନକୁ ୫ କିଲୋଗ୍ରାମ କଟନି ଛଟନି ପାଇଁ ପ୍ରଶାସନ ଜିଦ ଧରିଥିବା ଅଭିଯୋଗ ହୋଇଛି । ଏହି ପରିପ୍ରେକ୍ଷୀରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ସୋମବାର ଉକ୍ତ ମଣ୍ଡି ପରିଦର୍ଶନ ସହ ନିଜେ ଉପସ୍ଥିତ ରହି ଧାନର ମାନ ପରୀକ୍ଷା କରିଥିଲେ । ପରୀକ୍ଷଣରେ ଚାଷୀ ଧ୍ରୁବ ରଣାଙ୍କ ଧାନର ମାନ ସମ୍ପୂର୍ଣ୍ଣ ଏଫଏକ୍ୟୁ ବୋଲି ଚିହ୍ନଟ ହୋଇଥିଲା । ଏନେଇ ରାଜ୍ୟରେ ପ୍ରଥମଥର ପାଇଁ ଜଣେ ଚାଷୀଙ୍କୁ ତାଙ୍କ ଧାନ ଏଫଏକ୍ୟୁ ବୋଲି ପ୍ରମାଣ ପତ୍ର ପ୍ରଦାନ କରଯାଇଛି ।

ସେହି ପ୍ରମାଣପତ୍ର ପୁଣି ପ୍ରଥମ ଥର ପାଇଁ ଓଡ଼ିଶାରେ ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନ ନିଜ ହସ୍ତରେ ପ୍ରଦାନ କରିଥିଲେ । ଏନେଇ ଚାଷୀ ଧ୍ରୁବଙ୍କ ଧାନ ବିଜେପି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ କ୍ରୟ କରାଯିବ ବୋଲି ମଣ୍ଡି ସମ୍ପାଦକ ବିଘ୍ନେଶ୍ୱର ଭୋଇ ଗଣମାଧ୍ୟମରେ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଅନ୍ୟପକ୍ଷରେ ସମସ୍ତ ଚାଷୀଙ୍କ ଧାନ ବିନା କଟନିରେ କ୍ରୟ କରିବାକୁ ବିଧାୟକ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚାଷୀଙ୍କ ସ୍ୱାର୍ଥ ନେଇ ସଂଘର୍ଷ କରିଆସିଥିବା ବରିଷ୍ଠ ଚାଷୀ ନେତା ବିକାଶ ପାଣିଗ୍ରାହୀ, ଟିଟିଲାଗଡ଼ ବ୍ଲକ ସରପଞ୍ଚ ସଂଘ ସାଧାରଣ ସମ୍ପାଦକ ହୃଷିକେଶ ବାଗ, ଚାଷୀ ନେତା ସୁବାଶ ମହାନନ୍ଦ, ଅଶୋକ ବରୁଆ ବିଧାୟକଙ୍କ ଗସ୍ତ କାଳରେ ଉପସ୍ଥିତ ରହି ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦାବି ରଖିଥିଲେ ।

## ପ୍ୟାରୀମୋହନଙ୍କ ସ୍ମୃତି ଉତ୍ସବ

**ମାହାଙ୍ଗା,୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତ ସ୍ଥିତ ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟା ନିକେତନ ପରିସରରେ ଦେବାତ୍ମା ପ୍ୟାରୀମୋହନଙ୍କ ୧୪୪ତମ ସ୍ମୃତି ଉତ୍ସବ ଓଡିଶା ରାଜ୍ୟ କୃଷକ ଗ୍ରାମ୍ୟ ଶିଳ୍ପ ଉଦ୍ୟୋଗୀ କ୍ଲବ ପକ୍ଷରୁ ଅନୁଷ୍ଠାନର ସଭାପତି ତଥା ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥିଭାବେ ମହିମା ଗବେଷକ ଡଃ ଏକାଦଶୀ ପ୍ରଧାନ କବି ପ୍ରଫୁଲ୍ଲ କୁମାର ସାହୁ, ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ପୀତବାସ ବେହେରା, ବିଜୟ କୁଅଁର ପ୍ରମୁଖ ଯୋଗଦେଇ ଦେବାତ୍ମା ପ୍ୟାରୀମୋହନ ଆମ ରାଜ୍ୟ ତଥା ଦେଶ ପାଇଁ ଯାହା କରି ଯାଇଛନ୍ତି ସେ ସମସ୍ତଙ୍କ ହୃଦୟରେ ଚିରସ୍ମରଣୀୟ ହୋଇ ରହିବେ ବୋଲି କହିବା ସହ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଜିତେନ୍ଦ୍ର ମହାରଣା ସ୍ମାରକୀ ନୂଆଗାଁ ପ୍ରିମିୟର ଲିଗ



**ଖୋର୍ଦ୍ଧା,୨୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ ଉଇଲ କିଶନ ନଗର ଠାରେ ଦୁଇଦିନ ଧରି ଚାଲିଥିବା ଜିତେନ୍ଦ୍ର ମହାରଣା ସ୍ମାରକୀ ନୂଆଗାଁ ପ୍ରିମିୟର ଲିଗ ସିଜିନ-୩ର ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଯୁବ କ୍ରୀଡ଼ାବିତ ସତ୍ୟନାରାୟଣ ସୁନ୍ଦରାୟଙ୍କ ସଂଯୋଜନାରେ ଅତିଥି ରୂପେ ଗ୍ରାମର ସୁଦର୍ଶନ ବିଶ୍ୱାଳ, ଆକାଶ କୁମାର ବିଶ୍ୱାଳ, ଗୋପାଳକୃଷ୍ଣ ପ୍ରଧାନ, ଦୀପକ ସୁନ୍ଦରାୟ ପ୍ରମୁଖ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ । ଗ୍ରାମର ଛୋଟ ବଡ଼ ୧୦୦ ଜଣ ଯୁବକମାନଙ୍କ ଦ୍ୱାରା ୪ଟି ଟିମ ଗଠନ କରାଯାଇ ଏହି ଖେଳ ହୋଇଥିଲା ବେଳେ ଫାଇନାଲ ଖେଳ ଅଁଳାଇ ୱାରିୟରର କ୍ୟାପଟେନ ଧର୍ମେନ୍ଦ୍ର ବିଶ୍ୱାଳ ଓ ଷ୍ଟାର ଇଲେଭେନ ଟିମ କ୍ୟାପଟେନ ସାଗର ବଳିୟାରସିଂହଙ୍କ ଟିମ ମଧ୍ୟରେ ୧୨ ଓଭର ବିଶିଷ୍ଟ ଖେଳ ହୋଇଥିଲା । ଷ୍ଟାର ଇଲେଭେନ ଦଳ ପ୍ରଥମେ ୧୨ ଓଭର ଖେଳି ୬ ଉଇକେଟ ବିନିମୟରେ ୭୫ ରନ କରିଥିଲା ବେଳେ ଜବାବରେ ଅଁଳାଇ ୱାରିୟର ୧୦.୨ ଓଭର ଖେଳି ୭ ଉଇକେଟ ବିନିମୟରେ ଆବଶ୍ୟକ ୭୬ ରନ କରି ଚଳିତ ବର୍ଷର ଚମ୍ପିୟାନ ଟ୍ରଫି ହାସଲ କରିଥିଲେ । ଅତିଥିମାନେ ମା ଅଁଳାଇ ୱାରିୟର ଦଳକୁ ଚମ୍ପିୟାନ ଟ୍ରଫି ଓ ଉପବିଜେତା ଷ୍ଟାର ଇଲେଭେନକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଧର୍ମେନ୍ଦ୍ର ବିଶ୍ୱାଳ, ମ୍ୟାନ ଅଫ ଦି ସିରିଜ ଭାବେ ପ୍ରିତମ ସାହୁ ଛୋଟ ପିଲାଙ୍କ ଭିତରେ ବାହୁଡ଼ା ବିଶ୍ୱାଳ, ଜିତ ସୁନ୍ଦରାୟ, ଡ଼ବୁଲ ପ୍ରଧାନଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରିଥିଲେ । ଅମ୍ପିୟାର ଭାବେ କୃଷ୍ଣଚନ୍ଦ୍ର ସାହୁ, ସଂଜୀବ ବିଶ୍ୱାଳ, ବବୁଲ ପ୍ରଧାନ, ମିହିର ପ୍ରଧାନ, ରିତେଶ ସ୍ୱାଇଁ, ,ପରିଚାଳନା କରିଥିଲା ବେଳେ ଭାଷ୍ୟକାର ଭାବେ ଦିପେଶ ବେହେରା, ପ୍ରଶାନ୍ତ ନାଟୁଆ, ସତ୍ୟବ୍ରତ ଦାସ, ବିଜୟାନନ୍ଦ ବାରିକ, ସହଯୋଗ କରଥିଲେ ।

## ମହିଳା କ୍ଷୁଦ୍ର ଋଣ ସମବାୟ ସମିତିର ସାଧାରଣ ସଭା

**କେନ୍ଦ୍ରାପଡା,୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**




କେନ୍ଦ୍ରାପଡ଼ା ମହିଳା କ୍ଷୁଦ୍ର ଋଣ ସମବାୟ ସମିତିର ୨୧ତମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସମିତି ତା'ର ନୀତି, ନୈତିକତା, ସତ୍ୟ ନିଷ୍ଠତା, ଉତ୍ତମ ଆଚରଣ ଓ କଠିନ ପରିଶ୍ରମ ପାଇଁ ମୁମୂର୍ଷୁ ଅବସ୍ଥାରୁ ଏବେ ଚଳନ୍ତି ଅବସ୍ଥାରେ ପହଞ୍ଚିପାରିଛି ବୋଲି ରବିବାର ଦିନ ଓଳାଶୁଣୀ ମନ୍ଦିର ସଭାକକ୍ଷରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ମତବ୍ୟକ୍ତ କରିଥିଲେ ।

ସମବାୟ ସମିତିର ସଭାପତି ତଥା ବରିଷ୍ଠ ଗାଳ୍ପିକା ଅବନ୍ତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରାପଡା ଶିକ୍ଷକ ମହାସଂଘର ସଂପାଦିକା ଶୈଳରାଣୀ ସାମଲ ଓ ହାଇଦ୍ରାବାଦର କାନାଡ଼ା ବ୍ୟାଙ୍କର ବରିଷ୍ଠ ଡିଭିଜିନାଲ ମ୍ୟାନେଜର ନୀଳାଦ୍ରୀ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦାନକରି ବ୍ୟାଙ୍କରେ ସାଧାରଣ ଲୋକଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ । ସମିତିର କେନ୍ଦ୍ରାପଡା ମୁଖ୍ୟ ଶାଖା ପରିଚାଳକ ସଂଘମିତ୍ରା ରାଉତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅନ୍ୟତମ ନିର୍ଦ୍ଦେଶିକା ମେନକା ଦଣ୍ଡିଆ ଓ ବନଲତା ସାହୁ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

କେନ୍ଦ୍ରାପଡା ଶାଖା ସର୍ବୋଚ୍ଚ ଆୟକାରୀ ଶାଖା ଭାବେ ଚାମ୍ପିୟାନ ଟ୍ରଫି ଗ୍ରହଣ କରିଲାବେଳେ ଚାନ୍ଦୋଳ ଶାଖା ସର୍ବୋଚ୍ଚ ଋଣ ଆଦାୟକାରୀ ଶାଖା ଭାବେ ପୁରସ୍କୃତ ହୋଇଥିଲା । ଏହି ଅବସରରେ ଉତ୍ସର୍ଗୀକୃତ କର୍ମଚାରୀ ଦେବେନ୍ଦ୍ର ନାୟକ, ହରେକୃଷ୍ଣ ସାହୁ ଓ ଶୁଭଲକ୍ଷ୍ମୀ ମହାରଣାଙ୍କୁ ପ୍ରଥମ, ହିମାଂଶୁ ନାୟକ, ସୁଶାନ୍ତ ନାୟକ ଓ ବାଦଶାହ ଖାଁଙ୍କୁ ଦ୍ୱିତୀୟ, କଲ୍ୟାଣୀ ବେହେରା, ଦୀପ୍ତିମୟୀ ରାଉତ, ଶୁଭ୍ରାଂଶୁ ଶେଖର ରାଉତରାୟ, ନୃସିଂହ ଚରଣ ପରିଡା, ପ୍ରଶାନ୍ତ କୁମାର ଲେଙ୍କା ଓ ଶୋଭାରାଣୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । କଲ୍ୟାଣୀ ବେହେରା, ବନଲତା ସାହୁ ଓ ସତ୍ୟବତୀ ଜେନା ସମିତିର ନିର୍ଦ୍ଦେଶିକାଙ୍କ ସହ ଉପଦେଷ୍ଟା ସମାସେବୀ କୃଷ୍ଣ ଚନ୍ଦ୍ର ବଳ, ପତିତପାବନ ସାହୁ ଓ ପ୍ରଶାନ୍ତ କୁମାର ସାହୁଙ୍କ ସମ୍ବର୍ଦ୍ଧନା କରାଯାଇଥିଲା ।

## ଶୁଆଶାରୀ ଶିଶୁ କିଶୋର ପତ୍ରିକାର ରୌପ୍ୟଜୟନ୍ତୀ ସମାରୋହ

**କୋଇଡା,୨୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସୁନ୍ଦରଗଡ଼ ଜିଲ୍ଲା ଟେନସାରୁ ପ୍ରକାଶ ପାଉଥିବା ତ୍ରୈମାସିକ ଶିଶୁ କିଶୋର ପତ୍ରିକା ଶୁଆଶାରୀର ରୌପ୍ୟଜୟନ୍ତୀ ମହୋତ୍ସବ ଟେନସା ସେଲ୍ ଅଧୀନସ୍ଥ ସୋସିଆଲ ସେଣ୍ଟର ଠାରେ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ କୋଇଡା ବିଡିଓ ସମରେନ୍ଦ୍ର କୁମାର ସର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଟେନସା ସରପଞ୍ଚ ଅନୀତା ପୂର୍ତ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବଣାଇ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ବଣାଇ ବିଧାୟକ ଜନାର୍ଦ୍ଦନ ଦେହୁରୀ, ବଡବିଲ ଅତିରିକ୍ତ ତହସିଲଦାର ସନ୍ତୋଷ କର, ପିଟିଏ ଖଣି ପ୍ରବନ୍ଧକ ଟଙ୍କଧର ବେହେରା, ଅରବିନ୍ଦ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକ, ବନ୍ଦଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ଯୋଗଦେଇ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଓଡ଼ିଆ ଶିଶୁ ସାହିତ୍ୟ ଶୁଆ ଶାରୀ ପତ୍ରିକା ଅହରହ ସଂଗ୍ରାମ କରି ଆଜି ୨୫ବର୍ଷ ରେ ପହଁଚି ପାରିଛି ଏହା ଗୌରବର କଥା ବୋଲି ଅତିଥି ମାନେ ଅଭିଭାଷଣ ପ୍ରଦାନ କରିଥିଲେ । ଏହା ଦୁଇ ଦିନ ଧରି ଅନୁଷ୍ଠିତ ହେବ ଏବଂ ଗୀତ, ନାଚ, ରଙ୍ଗୋଲି ସମେତ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ରାଜ୍ୟସ୍ତରୀୟ କବି କଳାକାର ସମାବେଶ ସହିତ ନାଚ, ଗୀତ, ରଙ୍ଗୋଲି, କବିତା ପାଠ ଉତ୍ସବ ପ୍ରତିଯୋଗିତାରେ କୃତୀମାନଙ୍କୁ ମଙ୍ଗଳବାର ସଂମାନିତ କରାଯିବା ନେଇ ଶୁଆଶାରୀ ସମ୍ପାଦକ ସମୀର କୁମାର ପାଢୀ ପ୍ରକାଶ କରିଥିଲେ ।

## ସମାଜ ସଂସ୍କାରକଙ୍କ ଜୟନ୍ତୀ



**ବ୍ରହ୍ମପୁର,୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମହାନ ସମାଜ ସଂସ୍କାରକ ଅନ୍ତର୍ଯ୍ୟାମୀ ବେହେରାଙ୍କ ୧୦୭ତମ ଜୟନ୍ତୀ ସହରର ଉପକଣ୍ଠ ଲାଠି ମୁଖରାସ୍ତା ଆଦର୍ଶ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମଞ୍ଚର ସଭାପତି ଭାଷାତପସ୍ୱି ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଫୋଟଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ଦୀପପ୍ରଜ୍ୱଳନ କରାଯାଇଛି । ସ୍ୱର୍ଗତ ବେହେରାଙ୍କ ସଂକ୍ଷିପ୍ତ ଜୀବନୀ ଶ୍ରୀ ମହାରଣାଙ୍କ ଦ୍ୱାରା ଲିଖିତ କ୍ଷୀଦ୍ର ପୁସ୍ତିକାଅତିଥିମାନେ ଉନ୍ମୋଚନ କରିଥିଲେ । ପ୍ରାରମ୍ଭରଉପ ସଭାପତି ପ୍ରମୋଦ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

ମୁଖ୍ୟଅତିଥି ଭାବେ ଶିକ୍ଷାବିତ ପ୍ରଭାତ କୁମାର ମିଶ୍ର ଯୋଗଦାନ କରି ସମାଜ ସଂସ୍କାରକ ଅନ୍ତର୍ଯମୀ ବେହେରା ମୟୁରଭଞ୍ଜ ଏକ ପଲ୍ଲୀରେ ଜନ୍ମ ଗ୍ରହଣ କରି ଜିଲ୍ଲାର ଆଦିବାସୀଙ୍କ ଉନ୍ନତି ସକାଶେ ଶିକ୍ଷା, ସ୍ୱାସ୍ଥ୍ୟ, ତାଲିମ କେନ୍ଦ୍ର ସମେତ ଅନ୍ୟାନ ସମାଜ ମଙ୍ଗଳ କାର୍ଯ୍ୟରେ ନିଜର ଅର୍ଥ ଜମି ଦାନକରି ସାରା ଅଞ୍ଚଳରେ ମୟୁରଭଞ୍ଜ ଗାନ୍ଧୀ ଭାବେ ପରିଚିତ ସବୁଠାରୁ ଆଶର୍ଯ୍ୟା କୌଣସି ସ୍ଥାନରେ ତାଙ୍କର ନାମ ଲେଖିବାକୁ ମନାକରି ନିଷ୍ପାପର ସେବାର ପରିଚୟ ଦେଇଛନ୍ତି । ସଭାପତି ମହାରଣା ନିଜ ବକ୍ତବ୍ୟରେ କହିଥିଲେ ସ୍ୱର୍ଗତ ବେହେରା ସାରା ଜୀବନ କୁଶଳଦା ଗ୍ରାମ ସମେତ ବହୁ ଅଞ୍ଚଳ ବାସିଙ୍କ ସେବକରୀ ସେ ଅଞ୍ଚଳବାସୀଙ୍କ ହୃଦୟରେ ଚିରସ୍ମରଣୀ ହୋଇଛନ୍ତି । କହିବାକୁ ଗଲେ ସେ ଥିଲେ ବହୁପ୍ରତିଭାର ଅଧିକାରୀ । ଶେଷରେ ସମ୍ପାଦକ ସିମାଞ୍ଚଳ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଚକ୍ଷୁ ପରୀକ୍ଷା ଶିବିର

**ଝାରସୁଗୁଡ଼ା,୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମରାକୁଟା ମେସର୍ସ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ମରାକୁଟା ପଞ୍ଚାୟତ କାର୍ଯ୍ୟାଳୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ରାଉରକେଲା ସ୍ଥିତ ଜେପି ହସ୍ପିଟାଲର ବିଶେଷଜ୍ଞ ଡାକ୍ତର ଏବଂ ସହାୟକ ଶିବିରରେ ସାମିଲ ହୋଇ ଚକ୍ଷୁ ପରୀକ୍ଷା କରିଥିଲେ । ସଭାପତି-ଅପରେସନ ସୌମିତ ପାଲ ଏବଂ ଓ ଏମପିଏଲର ବରିଷ୍ଠ ପରିଚାଳନା ସଦସ୍ୟ, ସରପଞ୍ଚ ଲିଲି ତନ୍ତୀ, ସାମାଜିକ କର୍ମୀ ମହେନ୍ଦ୍ର ଗୁରୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ନର୍ସିଂ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



**ଗୋପ,୨୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ଅଗ୍ରଣୀ ନର୍ସିଂ ଶିକ୍ଷାନୁଷ୍ଠାନଟି ହେଉଛି ଗୋପର ମାଟିଆଖାତ ଠାରେ ସ୍ଥାପିତ ହୋଇଥିବା 'ମୁକ୍ତି ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ । ରବିବାର ଉକ୍ତ ଇନଷ୍ଟିଚ୍ୟୁଟର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁକ୍ତି ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ତାଙ୍କର ଧର୍ମପତ୍ନୀ ସୁପ୍ରଭା ହାଜରା ଯୋଗ ଦେଇଥିଲେ । ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷା ମହତ ସମ୍ପର୍କ ସାମୁହିକ ସୂଚନା ପ୍ରଦାନ କରିଥିଲେ । ଆଦର ଓ ସ୍ନେହଶ୍ରଦ୍ଧା ଦ୍ୱାରା ସେବାର ପରିପୃଷ୍ଟତା ମିଳିଥାଏ । ନର୍ସିଂ ଛାତ୍ରୀଛାତ୍ରଙ୍କର ଶିକ୍ଷା ଶେଷ ପରେ ଜୀବନ ସାରା ସମସ୍ତ ବର୍ଗର ମଣିଷଙ୍କୁ ସେବା ଯୋଗାଇଦେବାର ପ୍ରୟାସ ଜାରି ରଖୁଥାନ୍ତି । ମୁକ୍ତି ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ଗଣେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁପ୍ରଭା ହାଜରା ଯୋଗ ଦେଇ ସମୟକୁ କିପରି ସଦୁପଯୋଗ କରିବା ସହିତ ନୃତ୍ୟଗୀତରେ କେମିତି ଆତ୍ମସନ୍ତୋଷ ମିଳିଥାଏ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଶୁ ସାହିତିକ ପ୍ରକାଶ ଚନ୍ଦ୍ର ଖଟୋଇ, ନର୍ସିଂ କଲେଜର ଅଧ୍ୟକ୍ଷା ମନସିନୀ ପୁଷ୍ଟି, ଆଇଟିଆଇ କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ଦାସ, ସମାଜସେବୀ ରାମକୃଷ୍ଣ ମହାନ୍ତି, ସ୍ଥାନୀୟ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧ ଭାରତୀ ଭୂଷଣ ଉପାଧ୍ୟାୟ, ସଚ୍ଚିଦାନନ୍ଦ ଗୋଛାୟତ, ସୁରେଶ କୁମାର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା ଓ ସେବାର ପାରଦର୍ଶିତା ସଂପର୍କରେ ମତବ୍ୟକ୍ତ କରିଥିଲେ । ଉକ୍ତ ଇନଷ୍ଟିଚ୍ୟୁଟ ପକ୍ଷରୁ ବିଭିନ୍ନ ବିଭାଗରୁ ବିଦାୟୀ ନେଇଥିବା ଓ ନୂତନ ଭାବେ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସହିତ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ଚିକିତ୍ସା ଅବହେଳାରୁ ପ୍ରସୂତୀଙ୍କ ମୃତ୍ୟୁ!

**ନୟାଗଡ,୨୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରସୂତୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା । ନୟାଗଡ ସହରର ଏକ ଘରୋଇ ହସ୍ପିଟାଲରେ ଉତ୍ତେଜନା । ଚିକିତ୍ସା ଅବହେଳାରୁ ପ୍ରସୂତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ପରିବାର ।

ରବିବାର ବୋଦସା ଗାଁର ସୁନିଆ ନାୟକ ନାମକ ପ୍ରସୂତି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଅପରାହ୍ନ ୨ଟା ବେଳେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ । ପରେ ରାତି ୯ଟାରେ ସୁନିଆଙ୍କ ସ୍ୱାସ୍ଥ୍ୟ ଗୁରୁତର ହୋଇଥିଲା । ଡାକ୍ତରଙ୍କୁ ଡାକିବା ପରେ ଆସିନଥିବା ଅଭିଯୋଗ ହୋଇଥିଲା । ସୋମବାର ସକାଳୁ ଆସି ରୋଗୀକୁ ଭୁବନେଶ୍ୱର ନେଇଯିବାକୁ କହିଥିଲେ ଡାକ୍ତର । ସେତେବେଳକୁ ମହିଳାଙ୍କ ମୃତ୍ୟୁ ହୋଇ ସାରିଥିଲା ବୋଲି କହିଛନ୍ତି ପରିବାର । ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ହୋଇଛି ।

## ପ୍ରେସ୍ ମିଡିଆର ବାର୍ଷିକୋତ୍ସବ

**ପାରାଦୀପ,୨୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପାରାଦୀପ ପ୍ରେସ୍ ମିଡ଼ିଆ ପକ୍ଷରୁ ଦଶମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ପାଳିତ ହୋଇଯାଇଛି । ଏହି ଅବସରରେ ନୁଆବଜାର ସ୍ଥିତ ଅଟଳ ବିହାରୀ ବାଜପେୟି ଟ୍ରଷ୍ଟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବରିଷ୍ଠ ସାମ୍ବାଦିକ କର୍ମେଶ୍ୱର ସ୍ୱାଇଁ ସଭାପତିତ୍ୱ କରିଥିଲେ । ପୌରାଧ୍ୟକ୍ଷ ବସନ୍ତ ବାଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସଂଘର ଉପଦେଷ୍ଟା ଚିତ୍ତ ରଂଜନ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ, ଶୁକଦେବ ଜେନା, ଗଙ୍ଗାଧର ରାଉତ, ଧ୍ରୁବ ମହାପାତ୍ର, ବଟକୃଷ୍ଣ ଦାସ, ପ୍ରଶାନ୍ତ ରାଉତ, ଶରତ ରାଉତ, ଅଜିତ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ନିକଟରେ ସ୍ୱର୍ଗାରୋହଣ କରିଥିବା ସଂଘର ଅନ୍ୟତମ ଉପଦେଷ୍ଟା ସୁଧିର ରଂଜନ ଦାଶଙ୍କ ସମେତ ବରିଷ୍ଠ ସାମ୍ବାଦିକ ନିଧିରାମ ମହାରଣା ଓ ରୁଦ୍ର ପ୍ରତାପ ନାୟକଙ୍କ ଅମର ଆତ୍ମାର ଶାନ୍ତି କାମନା କରିବାସହ ସେମାନଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ଓ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ସଂଘର ମୁଖପତ୍ର 'ମୁକ୍ତପୃଷ୍ଠା' ଉନ୍ମୋଚନ ହୋଇଥିଲା । ବିଶେଷକରି ଦେଶରେ ଗଣମାଧ୍ୟମକୁ ଦୁଇ ଭାଗରେ ବିଭକ୍ତ କରି ନିଜର ରାଜନୈତିକ ଜୀବନକୁ ଚରିତାର୍ଥ କରିବାକୁ ଷଡଯନ୍ତ୍ର କରୁଥିବା ରାଜନେତାଙ୍କ ବିରୁଦ୍ଧରେ ଗଣମାଧ୍ୟମମାନେ ସ୍ୱର ଉତ୍ତୋଳନ କରିବାସହ ଦେଶର କୋଟିକୋଟି ଶୋଷିତ ଓ ନିଷ୍ପେଷିତ ଜନତାଙ୍କ ସମସ୍ୟାକୁ ସମାଧାନ କରିବା ପରି ଖବର ପ୍ରକାଶ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା । ଯାହାଦ୍ୱାରା ଦେଶରେ ଗଣତନ୍ତ୍ର ସୁଦୃଢ ରହିପାରିବ ଏବଂ ସରକାର ଦେଶବାସୀଙ୍କୁ ସ୍ୱଚ୍ଛ ଶାସନ ଦେଇପାରିବେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ଏହାସହ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ସଭାରେ ଗଭିର ଉଦବେଗ ପ୍ରକାଶ ପାଇଥିଲା । ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯିବା ସହିତ ଯେକୌଣସି ପରିସ୍ଥିତିରେ ନିଷ୍ଠାରସହ କାର୍ଯ୍ୟ କରିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସମସ୍ତ ସାମ୍ବାଦିକ ଏକତା ହୋଇ କାର୍ଯ୍ୟକଲେ ସମାଜର ଉନ୍ନତି ହେବାସହ ସମସ୍ତ ଖବରଦାତା ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୩୦ ଡିସେମ୍ବର ୨୦୨୫ ● ମଙ୍ଗଳବାର


## ପଞ୍ଚାୟତସ୍ତରୀୟ ଜନଶୁଣାଣି



**ଶେରଗଡ:ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗତ ଅକ୍ଟୋବର ୧୮ ତାରିଖରେ ଆରମ୍ଭ ହୋଇଛି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି। ଏହି କ୍ରମରେ ସୋମବାର ଶେରଗଡ ବ୍ଲକ କୁମାରପାଣି ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଡିଓ ମିସ ତୃପ୍ତିମୟୀ ଜେନା, ଏବିଡ଼ିଓ ସୁଧାଂଶୁ ଶେଖର ତରାଇ, ଅତିରିକ୍ତ ତହସିଲଦାର ସୂର୍ଯ୍ୟ କାନ୍ତ ବୈରୀ ଗଞ୍ଜନ, ଶେରଗଡ ଥାନାଧିକାରୀ ବରେନ୍ଦ୍ର ସିଅଳ, ଶେରଗଡ ଥାନା ଏସଆଇ ପ୍ରଭାତ କୁମାର ଦାସ, ସିଡିପିଓ ମମତାଞ୍ଜଳି ପଣ୍ଡା, ସହକାରୀ ଯନ୍ତ୍ରୀ ରଶ୍ମିତା ଶବର, ବ୍ଲକ ପଞ୍ଚାୟତ ଅଧିକାରୀ ଜି.ରବି କୁମାର, ସରପଞ୍ଚ ଉଦୟନାଥ ପ୍ରଧାନ, କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ମିଶ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହିତ ସ୍ଥାନୀୟ ଜନ ପ୍ରତିନିଧି ଏବଂ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଏହି ଜନଶୁଣାଣୀ ବେଳେ ପଞ୍ଚାୟତରୁ ମୋଟ ୧୯୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ଆବାସ ଲାଗି ୨୩, ସାମାଜିକ ସୁରକ୍ଷା ଭତ୍ତା ୪, ରାସନକାର୍ଡ ସମ୍ବନ୍ଧୀୟ ୧୬୩, ଗାଇ ଗୁହାଳ ୪, ଗୋଷ୍ଠୀଗତ କାର୍ଯ୍ୟ ସମ୍ବନ୍ଧୀୟ ୧, ପିଏମ କିଷାନ ୧, ମଣ୍ଡି ଲାଗି ୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଜନଶୁଣାଣି ସମୟରେ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଚିତ୍ତେଶ୍ୱର ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ

**ବେତନଟୀ:ଏକ୍ସପ୍ରେସ୍ ନ୍ୟୁଜ୍**



ବିଜୁ ଜନତା ଦଳର ଛାତ୍ର ସଂଗଠନ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଚିତ୍ତେଶ୍ୱର ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ଚିତ୍ତେଶ୍ୱର ବେହେରା ଦୀର୍ଘ ଦିନ ଧରି ଛାତ୍ର ରାଜନୀତିରେ ସକ୍ରିୟ ରହିଆସିଛନ୍ତି ଏବଂ ବିଜୁ ଜନତା ଦଳ ସହ ଜଡ଼ିତ ରହିଛନ୍ତି। ୨୦୧୧ ମସିହାରେ ମେଟ୍ରିକ୍ ପାସ୍ କରି ବେତନଟୀ ମହାବିଦ୍ୟାଳୟରେ ଅଧ୍ୟୟନ ଆରମ୍ଭ କରିବା ସମୟରୁ ସେ ରାଜନୀତିରେ ରୁଚି ରଖିଥିଲେ। ଛାତ୍ର ଜନତା ଦଳରେ ସକ୍ରିୟ ଭୂମିକା ନେଇ ୨୦୧୫ ମସିହାରେ ବେତନଟୀ କଲେଜ ନିର୍ବାଚନରେ ସାଧାରଣ ସମ୍ପାଦକ ଭାବେ ବିଜୟୀ ହୋଇଥିଲେ। ଯାହା ତାଙ୍କର ପ୍ରଥମ ରାଜନୈତିକ ସଫଳତା, ୨୦୧୭ ମସିହାରେ ଉତ୍ତର ଓଡ଼ିଶା ଜୋନାଲ କମିଟିର ସମ୍ପାଦକ ଭାବେ ଦାୟିତ୍ୱ ନେଇଥିଲେ। ୨୦୨୦ ମସିହାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ସଭାପତି ପ୍ରାର୍ଥୀଙ୍କ ସହ ବିଶ୍ୱବିଦ୍ୟାଳୟ କନଭେନର ଭାବେ କାର୍ଯ୍ୟ କରିଥିଲେ। ୨୦୨୧ ମସିହାରେ ବିଜୁ ଜନତା ଦଳର ଜିଲ୍ଲା ଡିଜିଟାଲ ସେକ୍ରେଟାରୀ ଭାବେ ନିଯୁକ୍ତ ହୋଇଥିଲେ।

ରାଜନୀତି ସହିତ ସମାଜ ସେବାରେ ମଧ୍ୟ ସକ୍ରିୟ ରହି ଶ୍ରୀ ବେହେରା ୨୦ ଥରରୁ ଅଧିକ ରକ୍ତଦାନ କରି ପ୍ରଶଂସା ଲାଭ କରିଛନ୍ତି। ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇବା ପରେ ଶ୍ରୀ ବେହେରା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ବ୍ରାହ୍ମଣ ମହାସଂଘ ମୟୂରଭଞ୍ଜ ଶାଖାର ନୂତନ କର୍ମକର୍ତ୍ତା



**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ରଘୁନାଥପୁର ସ୍ଥିତ ହରିହର ମନ୍ଦିର ପ୍ରାଙ୍ଗଣରେ ଓଡିଶା ବ୍ରାହ୍ମଣ ମହାସଂଘର ମୟୂରଭଞ୍ଜ ଜିଲ୍ଲା ଶାଖାର ଉଦଘାଟନ ଉତ୍ସବ ଡ଼ଃ ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଓଡିଶା ବ୍ରାହ୍ମଣ ମହାସଂଘର ରାଜ୍ୟ ସଭାପତି ଡ଼ଃ ସଦାନନ୍ଦ ଦୀକ୍ଷିତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପ - ସଭାପତି କୃଷ୍ଣଚନ୍ଦ୍ର ପତ୍ରି ଓ ଯୋଗାଚାର୍ଯ୍ୟ ରାଜେନ୍ଦ୍ର ପାଢୀ ଯୋଗ ଦେଇ ବ୍ରାହ୍ମଣମାନଙ୍କର ବିଭିନ୍ନ ସମସ୍ୟା ଓ ସଂଘର ସାଂଗଠନିକ ଅଭିବୃଦ୍ଧି ବିଷୟରେ ଆଲୋକ ପାତ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯୋଗ ଦେଇଥିବା ଶତାଧିକ ବ୍ରାହ୍ମଣମାନଙ୍କ ପରାମର୍ଶ କ୍ରମେ ବ୍ରାହ୍ମଣ ମହାସଂଘର ମୟୁରଭଞ୍ଜ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ଭାବେ ଅଲଖ ରଞ୍ଜନ ପାଠୀ - ସଭାପତି, କ୍ଷେତ୍ର ମୋହନ ପଣ୍ଡା - ଉପ ସଭାପତି, ଡ଼ା ଆଦିତ୍ୟ କୁମାର ପଣ୍ଡା - ସମ୍ପାଦକ, ଗୋପୀନାଥ କର - ସଙ୍ଗଠନ ସମ୍ପାଦକ, ଦୋଳ ଗୋବିନ୍ଦ ଦାଶ - କୋଷାଧ୍ୟକ୍ଷ ଓ ଅକ୍ଷୟ କୁମାର ମିଶ୍ର, ଗଣେଶ ମିଶ୍ର, କମଳାଂଶୁ ତ୍ରିପାଠୀ, ବିଶ୍ୱେଶ୍ୱର ଦ୍ୱିବେଦୀ, ଅରୁଣ କୁମାର ମହାପାତ୍ର ଓ ରଞ୍ଜନ କୁମାର ପ୍ରହରାଜ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଅଛନ୍ତି। ଉକ୍ତ କମିଟିର ଉପଦେଷ୍ଟା ମଣ୍ଡଳୀରେ ଡ଼ା ମହାଦେବ ଦାଶ, ଅରୁଣ କୁମାର ମିଶ୍ର, ଡଃ ଜଗବନ୍ଧୁ ମିଶ୍ର ଓ ଅଚ୍ୟୁତ ପ୍ରସାଦ ମହାପାତ୍ର ରହିଛନ୍ତି। ଜିଲ୍ଲା ଶକ୍ତି ବାହିନୀର ସଭାନେତ୍ରୀ ଭାବେ ପ୍ରିତିସୁଧା ତ୍ରିପାଠୀ ଓ ସମ୍ପାଦିକା ଭାବେ ଭଗବତୀ ଦାଶ ମନୋନୀତ ହୋଇଛନ୍ତି। ଶେଷରେ ଗୋପୀନାଥ କର ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱା ପୋଡି ୪ ଗିରଫ

**ଧର୍ମଶାଳା:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲା ଧର୍ମଶାଳା ଥାନା ଭଡଙ୍ଗା ଠାରେ ଦୁଇ ଗୋଷ୍ଠି ମଧ୍ୟରେ ମାଡପିଟ ଓ ସ୍କଲ ବୋଝେଇ ହାଇୱା ଗାଡି ପୋଡି ଘଟଣାରେ ପୋଲିସ ଚାରି ଜଣଙ୍କୁ ଗିରଫ କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ରବିବାର ଅପରାହ୍ନରେ ଗାଁ ରାସ୍ତାରେ ସ୍କଲ ବୋଝେଇ ହାଇୱାକୁ ଡ୍ରାଇଭର ରଖିଦେବାକୁ ନେଇ ସ୍ଥାନୀୟ କିଛିଲୋକ ବିରୋଧ କରିଥିଲେ। ଫଳରେ ଦୁଇ ଗୋଷ୍ଠି ମଧ୍ୟରେ ମାଡପିଟ ହେବା ସହ ଉତ୍ୟକ୍ତ ଲୋକେ ହାଇୱା ଗାଡିକୁ ପୋଡି ଦେଇଥିଲେ। ଏନେଇ ଉଭୟ ଗୋଷ୍ଠି ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଧର୍ମଶାଳା ଥାନା ପୋଲିସ ୭୭୦/୨୫ଓ ୭୭୧/୨୫ରେ ଦୁଇ ଗୋଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଉଭୟ ଗୋଷ୍ଠିରୁ ୪ ଜଣଙ୍କୁ ଗିରଫ କରିଥିଲା। ଗିରଫ ୪ ଅଭିଯୁକ୍ତମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଆକାଶ ମହନ୍ତ ହତ୍ୟା ଘଟଣାରେ ଦୁଇ ଗିରଫ

**ବାଲେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଆକାଶ ମହନ୍ତ ହତ୍ୟା ମାମଲାର ପର୍ଦ୍ଦାଫାଶ। ସହଦେବଖୁଣ୍ଟା ପୋଲିସ ହତ୍ୟାକାଣ୍ଡର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସୋମବାର ମାମଲାର ଖୁଲାସା କରିଛି। ଗିରଫ ଦୁଇ ଅଭିଯୁକ୍ତ ରାମ ସିଂ ଓ ତାଙ୍କ ବାନ୍ଧବୀ ମୀନା ଓରଫ ଜେମାମଣୀ ସିଂ ହିଁ ଆକାଶଙ୍କୁ ହତ୍ୟା କରିଥିବା ସ୍ପଷ୍ଟ କରିଛି ପୋଲିସ।

ବାଲେଶ୍ୱର ସିଟି ଡିଏସପି ନିର୍ମଳା ଗୋଛାୟତ କହିଛନ୍ତି, ମୃତ ଆକାଶ ଏବଂ ଦୁଇ ଅଭିଯୁକ୍ତ ସମସ୍ତେ ପରସ୍ପରକୁ ଜାଣିଛନ୍ତି। ଜେମାମଣିଙ୍କର ଦୁଇଟି ପୁଅ ଅଛି ହେଲେ ସେ ସେମାନଙ୍କୁ ବଡ଼ଜାମ୍ବଣୀରେ ଛାଡ଼ି ଯାଜପୁରରେ କାମ କରୁଥିଲେ। ତେବେ ତାଙ୍କର ଅଭିଯୁକ୍ତ ରାମ ଚନ୍ଦ୍ର ସିଂହଙ୍କ ସହିତ ପରକୀୟା ସମ୍ପର୍କ ଥିଲା। ରାମ ଚନ୍ଦ୍ର ସେମାନଙ୍କ ଦୁଇ ପୁଅର ଯତ୍ନ ମଧ୍ୟ ନେଉଥିଲେ। ତେଣୁ ଜେମାମଣି ଅଭିଯୁକ୍ତ ରାମ ଚନ୍ଦ୍ର ସହ ସବୁବେଳେ ଫୋନରେ କଥାବାର୍ତ୍ତା କରୁଥିଲେ।

ତେବେ ଗତ ୨୫ ତାରିଖ ଅପରାହ୍ନରେ ଆକାଶ ମହନ୍ତ ଏବଂ ରାମ ଚନ୍ଦ୍ର ସିଂହ ହୋମଗାର୍ଡ ପରୀକ୍ଷାର ଆଡମିଟ୍ କାର୍ଡ ପାଇଁ ବେତନଟୀ ପିଏସକୁ ଘରୁ ବାହାରିଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ଜଣାପଡ଼ିଥିଲା ରାମଙ୍କ ଆଡମିଟ୍ କାର୍ଡ ରିଜେକ୍ଟ ହୋଇଛି।

ସେହି ଦିନ ଅଭିଯୁକ୍ତ ଜେମାମଣି ସିଂହ ମଧ୍ୟ ବେତନଟୀ ଆସିଥିଲେ। ଆଉ ଆକାଶ ଓ ରାମ ଆଡମିଟ୍ କାର୍ଡ ଆଣିବାକୁ ଯାଇଥିବା ସମୟରେ ଜେମାମଣି ରାମଙ୍କୁ ଯୋଗାଯୋଗ କରିଥିଲେ। ଏହା ପରେ ଆକାଶ ଓ ରାମ ଜେମାମଣିଙ୍କୁ ଆଣିବାକୁ ଯାଇଥିଲେ। ଜେମାମଣିଙ୍କୁ ବେତନଟୀରୁ ମୋଟର ସାଇକେଲ ଆଣିବା ପରେ ସମସ୍ତେ ସୁରଜ ହୋଟେଲକୁ ଯାଇଥିଲେ। ହୋଟେଲରେ ରୁମ୍ ବୁକ୍ ପାଇଁ ଆକାଶ ନିଜର ଏବଂ ତାଙ୍କ ପତ୍ନୀଙ୍କ ଆଧାର କାର୍ଡ ଦେଇଥିଲେ।

ରୁମ୍‌ରେ ସେମାନେ ମଦ୍ୟପାନ କରିଥିଲେ। ଏହି ସମୟରେ ଆକାଶ ରାମ ଚନ୍ଦ୍ର ସିଂଙ୍କୁ ଜେମାମଣିଙ୍କ ସମ୍ପର୍କ ବିଷୟରେ ପଚାରିଥିଲେ। କିନ୍ତୁ ରାମ ସିଂ ଜେମାମଣି ସିଂଙ୍କ ସହିତ ଏପରି କରିବାକୁ ମନା କରିଥିଲେ। ତେବେ କିଛି ସମୟ ପରେ ଆକାଶ, ବଜାରରୁ ଖାଦ୍ୟ ଏବଂ ମଦ୍ୟପାନ କରିବା ପାଇଁ ହୋଟେଲ ରୁମ୍ ଛାଡ଼ି ଚାଲିଯାଇଥିଲେ। ହେଲେ ଫେରିବା ପରେ ସେମାନେ ପୁଣି ମଦ୍ୟପାନ କରିଥିଲେ। ଏହା ପରେ ଆକାଶ ଜେମାମଣି ସିଂଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଥିଲେ। ହେଲେ ଏଥିପାଇଁ ଅଭିଯୁକ୍ତ ରାମ ସିଂ ଆକାଶଙ୍କୁ ମନା କରିଥିଲେ। ଯେଉଁଥିରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା।

ଆଉ ଏଥିରେ ରାଗିଯାଇ ରାମ ସିଂ ଆକାଶଙ୍କ ଛାତିକୁ ଆକ୍ରମଣ କରିଥିଲେ। ଏହା ପରେ ତାଙ୍କ ହାତକୁ ଟି-ସାର୍ଟ ଦ୍ୱାରା ବାନ୍ଧି ଦେଇଥିଲେ। ଏହି ସମୟରେ ଜେମାମଣି ମଧ୍ୟ ରାମ ସିଂଙ୍କୁ ସହାୟତା କରିଥିଲେ। ଏହା ପରେ ରାମ ସିଂ ଆକାଶଙ୍କ ବେକକୁ ଚିପି ଧରିଥିଲେ। ଏଥିରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ହତ୍ୟା ରାମସିଂ ଏବଂ ଜେମାମଣି ସେଠାରେ ଫେରାର ହୋଇଯାଇଥିଲା।

## ହ୍ୟୁମାନ ସାଗର ମୃତ୍ୟୁ ମାମଲା
## ଏତଲାରେ ଥିବା ବ୍ୟକ୍ତି ହେବେ ଜେରା

**:ଏକ୍ସପ୍ରେସ୍ ନ୍ୟୁଜ୍କଟକ**

ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ମା' ସେଫାଳୀ ଦେଇଥିବା ଏତଲା ପ୍ରସଙ୍ଗରେ କଟକ ଡିସିପି ରିଶିକେଶ ଖିଲାରୀ ପ୍ରତିକ୍ରିୟା ରଖିଛନ୍ତି। ଡିସିପି କହିଛନ୍ତି ଏତଲା ଆଧାରରେ ତଦନ୍ତ କରାଯାଉଛି। ଏତଲାରେ ଥିବା ବ୍ୟକ୍ତି ତଦନ୍ତ ପରିସରଭୁକ୍ତ ହେବେ। ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଛି। ରିପୋର୍ଟ ଆସିବା ପରେ ତର୍ଜ୍ୟମା କରାଯିବ ବୋଲି ଡିସିପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମର୍କତନଗର ଥାନାରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମା ସେଫାଳି ୯ ଜଣଙ୍କ ନାଁରେ ଏତଲା ଦେଇଥିଲେ। ସେଫାଳି ଗଣମାଧ୍ୟମରେ କହିଥିଲେ ପୁଅ ହ୍ୟୁମାନଙ୍କୁ ଲିଭର ସିରୋସିସ ହୋଇଥିଲା, ହେଲେ ମାନେଜର ଥରେ ହେଲେ ମତେ କହିନଥିଲା। ସେ ଆହୁରି ମଧ୍ୟ କହିଥିଲେ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ବିଭିନ୍ନ ସମୟରେ ପୁଅ ହ୍ୟୁମାନ ପାଖକୁ ରାତି ଅଧରେ ଆସୁଥିଲା ଏବଂ ଏହି କଥାକୁ ବିରୋଧ କରିଥିଲେ। ସାଗର ସଂଗମ ଲାଇଭ ଗ୍ରୁପର ମାଲିକ ଆବିଦ ନିଜ ସହିତ ଅର୍ପିତାଙ୍କୁ ନେଇ ଆସୁଥିଲା। ଅର୍ପିତା ଦୀର୍ଘ ସମୟ ଘରେ ରହୁଥିଲେ। ମୃତ୍ୟୁ ରହସ୍ୟ ଖୋଲିବାକୁ ମା ସେଫାଳୀ ତାଙ୍କ ଏତଲାରେ ବୋହୁ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର, ଚିକିତ୍ସା କରୁଥିବା ଡାକ୍ତର ଶୁଭେନ୍ଦୁ ମିଶ୍ର, ସହ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ମାନେଜର ଦୀନେଶ ବେହେରା, ମାନେଜର ପ୍ରଶାନ୍ତ ବେହେରା, ସହଯୋଗୀ ଲୁଲୁ ମହାନ୍ତି ଓ ଜଗଦିଶ ମହାନ୍ତିଙ୍କୁ ଅଭିଯୁକ୍ତ କରିଛନ୍ତି। ଏହି କ୍ରମରେ ପୋଲିସ ତଦନ୍ତ ଆରମ୍ଭ କରି ସିସିଟିଭି ଫୁଟେଜ, ବ୍ୟାଙ୍କ ତଥ୍ୟ ଓ ମୋବାଇଲ କଲ ରେକର୍ଡ଼ ମଗାଇଛି।

## ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ନୀତି ସଂପାଦନ ବୈଠକ

**କୋଣାର୍କ:ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ପବିତ୍ର ମାଘସପ୍ତମୀ ବୁଡ ନିମନ୍ତେ କୋଣାର୍କ ଯାତ୍ରୀ ନିବାସ ଠାରେ ଅନୁଷ୍ଠିତ ତ୍ରିଶମ୍ଭୁଙ୍କ ସ୍ନାନ ନୀତି ଓ ମେଳା ପଡିଆକୁ ଯାତ୍ରା ନୀତି ସଂପାଦନ ବୈଠକରେ ନିର୍ଦ୍ଧାରଣ ସବକମିଟି ବୈଠକରେ ପ୍ରଶାସନିକ ବିଫଳତା ଯୋଗୁଁ ନୀତି ନିର୍ଦ୍ଧାରଣ ହୋଇ ନ ପାରିବା ଦୀର୍ଘ ବର୍ଷର ଐତିହ୍ୟ ଓ ପରମ୍ପରା ଭାଙ୍ଗିବା ଘଟଣା କୋଣାର୍କ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତ ସମାଜ, ସେବାୟତ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଐତିହ୍ୟ ଓ ସଂସ୍କୃତି ବିଶାରଦ ଓ କୋଣାର୍କ ଅଞ୍ଚଳର ଜନସାଧାରଣ ମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖବରରୁ ପ୍ରକାଶ ଯେ ଗତ ଡିସେମ୍ବର ମାସ ୧୭ ତାରିଖ ଦିନ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ କୋଣାର୍କ ଯାତ୍ରୀ ନିବାସ ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ତିନି ଠାକୁରଙ୍କ ସେବାୟତ ତ୍ରିଶମ୍ଭୁଙ୍କ ପୀଠରେ ଠାକୁରଙ୍କ ଦେବ ନୀତି, ସେବାୟତ ଓ ବେହେରା ସେବକଙ୍କ ସମାସ୍ୟାର ସମାଧାନ, ମନ୍ଦିର ଚୂନ ଧଉଳା, ପୀଠର ଆଲୋକିକରଣ ଓ ସେବାୟତମାନଙ୍କ ବିଭିନ୍ନ ସମାସ୍ୟାର ସମାଧାନ କରିବା ପାଇଁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନାଙ୍କୁ ତିନି ଠାକୁରଙ୍କ ସେବାୟତମାନଙ୍କୁ ନେଇ ବୈଠକ କରି ନୀତି ସଂପାଦନ ବୈଠକ ପୂର୍ବରୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା ତିନି ଠାକୁରଙ୍କ ସେବାୟତମାନଙ୍କ ସହିତ ସେମାନଙ୍କ ମୌଳିକ ସମାସ୍ୟାର ସମାଧାନ ଓ ଠାକୁରଙ୍କ ଦେବ ନୀତି ନେଇ କୌଣସି ଆଲୋଚନା ନ କରିବାରେ ସୋମବାର କୋଣାର୍କ ଯାତ୍ରୀ ନିବାସ ଠାରେ ଅନୁଷ୍ଠିତ ନୀତି ନିର୍ଦ୍ଧାରଣ ସବକମିଟି ବୈଠକରେ ତିନି ଠାକୁରଙ୍କ ନୀତି ନିର୍ଦ୍ଧାରଣ ହୋଇ ପାରି ନାହିଁ। ଯାହା ଦୀର୍ଘ ବର୍ଷର ଐତିହ୍ୟ ଓ ପରମ୍ପରା ପ୍ରତି କୁଠାରଘାତ ସଦୃଶ ବୋଲି ସେବାୟତ, ବୁଦ୍ଧିଜୀବୀ ଓ ଐତିହ୍ୟ ଓ ସଂସ୍କୃତି ବିଶାରଦମାନେ ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସେବା, ପରିମଳ ବ୍ୟବସ୍ଥା, ଆଲୋକିକରଣ ବ୍ୟବସ୍ଥା, ପାନୀୟ ଜଳଯୋଗାଣ ବ୍ୟବସ୍ଥା, ତୀର୍ଥ ପୁଷ୍କରିଣୀ ଖନନ, ପାର୍କିଂ ବ୍ୟବସ୍ଥା, ଶ୍ରଦ୍ଧାଳୁ ଭକ୍ତ ସମାଜ ପାଇଁ ସୁରକ୍ଷା ବ୍ୟବସ୍ଥା ପାଇଁ ସଶସ୍ତ୍ର ପୋଲିସ ମୁତୟନ, ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ହଜିଲା ଖୋଜିଲା ମଂଚ, ପୂର୍ତ୍ତବିଭାଗ ବିଭାଗ ପକ୍ଷରୁ ବ୍ୟାରିକେଡ ନିର୍ମାଣ ଓ ସେବାକାର୍ଯ୍ୟ ପାଇଁ ୩୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ମୁତୟନ କରିବା ଉପରେ ଆଲୋଚନା ହୋଇଥିଲା। ପୁରୀ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନୀତି ନିର୍ଦ୍ଧାରଣ ସବକମିଟି ବୈଠକରେ କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ଗୋପ ବିଡ଼ିଓ ଛବିରାଣୀ ସାହୁ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଧିତା, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଡ୍ରେନେଜ ବିଭାଗ ଅଧିକ୍ଷକ ଯନ୍ତ୍ରୀ ରମାକାନ୍ତ ମଲ୍ଲିକ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**




କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ମିନି ଷ୍ଟାଡ଼ିୟମରେ ଦୁଇ ଦିନ ଧରି ଚାଲିଥିବା ଦ୍ୱିତୀୟ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଛି। ରାଜ୍ୟ, ଜିଲ୍ଲା ତୀରନ୍ଦାଜ ସଂଘ ଓ ଜିନ୍ଦଲ ଫାଉ ଉଣ୍ଡେସନ ସମନ୍ୱୟ ଏବଂ ସିଦ୍ଧେଶ୍ୱର କ୍ଲବ ସହାୟତାରେ ପ୍ରତିଯୋଗିତାଟି ଅନୁଷ୍ଠିତ ହୋଇଥିଲା ଓ ପ୍ରତିଯୋଗିତାରେ ରାଜ୍ୟର ୧୦, ୧୩ ଓ ୧୫ ବର୍ଷରୁ କମ ବୟସର ପ୍ରତିଯୋଗୀମାନେ ନେଇ ଅଂଶଗ୍ରହଣ କ କରିଥିଲେ। ପ୍ରତିଯୋଗିତାଟ ଗିତାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଇଂ. ଛବି ମଲ୍ଲିବ ଲ୍ଲିକ ଯୋଗଦେଇ ପ୍ରତିଯୋଗି ତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ ସିଦ୍ଧେଶ୍ୱର ସ୍ପୋର୍ଟିଂର ସମ୍ପାଦକଙ୍କ କାର୍ଯ୍ୟଶୈଳୀ, ସମସ୍ତଙ୍କୁ ବିସ୍ମିତ ଏବଂ ଆନନ୍ଦିତ କରିପାରିଛି, ଏହି ଅବସରରେ ଗ୍ରାମର ବୟୋଜ୍ୟେଷ୍ଠ ସେହିପରି ରାଜ୍ୟ ଭାଜପା ଉପସଭାପତି ଯତୀନ ମହାନ୍ତି, ରାଜ୍ୟ ତୀରନ୍ଦା ଦାଜ ସଂଘର ସଭାପତି ପରୀକ୍ଷିତ ମହାରଣା, ସମ୍ପାଦକ ଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଯୋଗଦେଇ ଖେଳାଳିମାନଙ୍କୁ ଆନ୍ତଃରାଜ୍ୟ ପ୍ରତିଯୋଗିତାରେ ସଫଳତା ହାସଲ କରିବା ପାଇଁ ପ୍ରେରଣା ଦେଇଥିଲେ। ପରିଶେଷରେ ସାଂସଦ ଓ ବିଧାୟକଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର ଏବଂ ଧୀରେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟିକୁ କୁରାଙ୍ଗସାଶନ ସିଦ୍ଧେଶ୍ୱର ସ୍ପୋର୍ଟିଂ କ୍ଲବର ସଭାପତି ଧୀରଜ କୁମାର ଜେନା, ସମ୍ପାଦକ ବିଶ୍ୱଜିତ ବେହେରା, ସହସମ୍ପାଦକ ମାୟାଧର ରାଉତରାୟ, କୋଷାଧ୍ୟକ୍ଷ ସାଗର ମହାରଣା ପ୍ରମୁଖ ପରିଚାଳନା କରିଥିବା ବେଳେ କ୍ଲବର ଉପଦେଷ୍ଟା ଅଶୋକ ଜହର ଅଲ୍ଲୀ ଖାଁ, ଅଶୋକ ଜେନା, ସାମାଜିକ କର୍ମୀ କର୍ମୀ ବିଜୟ କୁମାର ସାହୁ, ପ୍ରକାଶ ନାୟକ, ବସନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା।

## ମାରଦା ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ପୋଲସରା:ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲସରା ବ୍ଲକ ମଥୁରା ପଞ୍ଚାୟତ ଅନ୍ତର୍ଗତ ଶରଣ ଶ୍ରୀକ୍ଷେତ୍ର ମାରଦାପୀଠରେ ମାରଦା ମନ୍ଦିରର ୨୯୩ ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଗାୟତ୍ରୀ ପରିବାର, ନିରଞ୍ଜନ ପ୍ରଧାନ ମେମୋରିୟଲ ଚାରିଟେବୁଲ ଟ୍ରଷ୍ଟ ଓ ମାରଦା ମହିମା ପ୍ରଚାର ସମିତିର ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ୧୦୦୮ ଦିପଦାନ ସହ ବେଢା ପରିକ୍ରମା, ନାମସଂକୀର୍ତ୍ତନ, ଏକ କୁଣ୍ଡିୟ ଯଜ୍ଞ ଓ ଅର୍ଣ୍ଣ ଯଜ୍ଞର ଆୟୋଜନ କରାଯାଇଥିଲା। ମାରଦା ପୀଠର କିଭଳି ଉନ୍ନତି ସହ ବିକାଶ ହେବ ସେନେଇ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମାଳତେନ୍ତୁଳିଆ ସରପଞ୍ଚ ଅସ୍ୱତ ରାଉତ, ସମିତିସଭ୍ୟା ସଂଯୁକ୍ତା ପ୍ରଧାନ, ଦୀପକ ପ୍ରଧାନ, ଯଦୁନାଥ ମିଶ୍ର, ପବିତ୍ର ମୋହନ ନାୟକ, କୁଳମଣି ସାହୁ, ମନୋଜ କୁମାର ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ବିକ୍ଷୋଭ




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦାବି କରି ଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ଏହି ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥି ସହିତ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇ ପୋଷ୍ଟକାର୍ଡ଼ ମାଧ୍ୟମରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି କରି ଏକ ସ୍ମାରକପତ୍ର ପ୍ରେରଣ କରିଛନ୍ତି। ଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ, ଶୈଳବାଳା ମହିଳା ମହାବିଦ୍ୟାଳୟ କଟକ ସମେତ ସମଗ୍ର ଓଡ଼ିଶାରେ ଏକ ପୁରାତନ ମହିଳା ମହାବିଦ୍ୟାଳୟ। ଉତ୍କଳଗୌରବ ମଧୁସୂଦନ ଦାସ ନାରୀ ଶିକ୍ଷାର ପ୍ରସାର ଓ ନାରୀମାନଙ୍କୁ ଶିକ୍ଷିତା କରିବା ଉଦ୍ଦେଶ୍ୟରେ ଏହି ମହିଳା ବିଦ୍ୟାଳୟ ସ୍ଥାପନ କରିଥିଲେ। ଏହାର ସ୍ଥାପନା ହେବାର ୧୦୦ରୁ ଉର୍ଦ୍ଧ୍ୱ ବର୍ଷ ଅତିକ୍ରାନ୍ତ ହେବା ପରେ, ଏଯାବତ ଏହି ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ଛାତ୍ରୀମାନେ ଦାବି କରିଛନ୍ତି।

## ପ୍ରିମିୟର ଲିଗରେ ବାହାନଡା ଟାଇଗର ବିଜୟ

**ବେତନଟୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୨ର ନବମ ଦିନରେ ଗୋଟିଏ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୋମବାର ଏଲିମେଟର ମ୍ୟାଚ୍‌ଟି ବାହାନଡା ଟାଇଗର ଓ ଜୟ ଶ୍ରୀରାମ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାହାନଡା ଟାଇଗର ପ୍ରଥମ ବ୍ୟାଟିଙ୍ଗ କରି ୨୪ ଓଭରରେ ସମସ୍ତ ୱିକେଟ ହରାଇ ୧୬୬ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଜୟ ଶ୍ରୀରାମ ଫାଇଟର ୧୭.୫ ଓଭରରେ ସମସ୍ତ ୱିକେଟ ହରାଇ ୧୨୨ ରନ କରି ପରାଜୟବରଣ କରିଛି। ବାହାନଡା ଟାଇଗର ର ଖେଳାଳି ଚନ୍ଦନ ସିଂ ୪ ଓଭରରେ ୨୨ ରନ୍ ଦେଇ ୩ ୱିକେଟ୍ ନେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ୍‌ଙ୍କୁ ପୂର୍ବତନ ଏସି ମୋର୍ଚ୍ଚା ଜିଲ୍ଲା ସଭାପତି ଦିପ୍ତିକାନ୍ତ ସେଠୀ ପୁରସ୍କୃତ କରିଥିଲେ। ଏହି ଖେଳକୁ ଅନୁପ ଦଣ୍ଡପାଟ ଓ କେ ଇନ୍ଦ୍ରଜିତ ପ୍ରସାଦ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ଟିକି ମହାନ୍ତ ଓ ଅନଲାଇନ ସ୍କାର ଭାବରେ ଗୌରବ ନାଥ, ସୋରଜ ନାଥ ପରିଚାଳନା କରିଥିଲେ।






## ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**




ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି, ୩୦୦ ୟୁନିଟ ବିଜୁଳି ଛାଡ଼, କୃଷି ପାଇଁ ଦେୟ ମୁକ୍ତ ବିଜୁଳି ପ୍ରଦାନ, ନୂତନ ମିଟରର ମାନଦଣ୍ଡର ସତ୍ୟତା ଯାଞ୍ଚ ଏବଂ ସ୍ପେସାଲ ସିକ୍ରୋଟି ବାତିଲ ଦାବିରେ ବାଇପାସ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପାର୍ଟି କାର୍ଯ୍ୟାଳୟରୁ ଏକ ବିରାଟ ରାଲି ବାହାରି ସହର ପରିକ୍ରମା କରିବା ପରେ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ଥିଲେ। ଶତାଧିକ ଦଳୀୟ କର୍ମୀ କାର୍ଯ୍ୟାଳୟ ପରିସର ମଧ୍ୟକୁ ଧସେଇ ପଶି ବିଦ୍ୟୁତ ବିଭାଗ ଓ ସରକାରଙ୍କ ବିରୋଧରେ ନାରାବାଜି ଦେଇ ଧାରଣା ରେ ବସିଥିଲେ। ପରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ନଳିନୀ ମହାନ୍ତି ରାଜ୍ୟ ସରକାରଙ୍କ ବେନିୟମ କାର୍ଯ୍ୟକୁ ବିରୋଧ କରିବା ସହ ଜନସାଧାରଣଙ୍କ ଠାରୁ ଅସଦ ଉପାୟରେ କୋଟି କୋଟି ଟଙ୍କା ଲୁଟିନେବା ପାଇଁ ସରକାର ଯେଉଁ ହୀନ ଉଦ୍ୟମ କରିଛନ୍ତି ତାହାକୁ ନେଇ ଆଗାମୀ ଦିନରେ ଦଳ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଶ୍ରୀମହାନ୍ତି ଧମକ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ରାଜ୍ୟ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ନାରୀନେତ୍ର ସବିତା ଚନ୍ଦ୍, ଶର୍ମିଷ୍ଠା ପଣ୍ଡା, ଟାଉନ ସଭାପତି ଅବଦୁଲ ମୋକିତ ଖାଁ,ଭଦ୍ରକ ବ୍ଲକ ସଭାପତି ପୀତବାସ ଧଳ, ବିଦ୍ୟାଧର ଜେନା, ଧାମନଗର ବ୍ଲକ ସଭାପତି ରମେଶ ବେହେରା ପ୍ରମୁଖ ନେତାମାନେ ସରକାରଙ୍କ ମନମୁଖୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବା ସହ ଦଳ ପକ୍ଷରୁ ୪ ଦିଆଯାଇ ଥିବା ଗୋଟି ଦାବି ତୁରନ୍ତ କାର୍ଯ୍ୟକାରୀ କରା ନଗଲେ ଆଗାମୀ ଦିନରେ ଜିଲ୍ଲା କମିଟି ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ନେତାମାନେ ଧମକ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅନୁସୂଚିତ ଜାତି ବିଭାଗର ଜାନକୀ ମଲ୍ଲିକ, ସମ୍ପାଦକ ଶଶିକାନ୍ତ ଜେନା, ସାଧାରଣ ସମ୍ପାଦକ ହରିହର ମଣ୍ଡଳ, ସମ୍ପାଦକ ରଞ୍ଜନ ଜେନା, ଲାଲୁ ଖାଁ, ଭଦ୍ରକର ଯୁବନେତା ଇଲିଆସ ଅଲି ଖାଁ, କାଉନସିଲର ସାହିଲ କାଦ୍ରୀ, ଗଣେଶ ମଲ୍ଲିକ, ବିପିନ ବିହାରୀ ମିଶ୍ର,ନାରୀ ନେତ୍ରୀ ଶେଖ ହାସିନା, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ଯୁବନେତା, ସେକ ସାଦ୍ଦିକ, ବିଜୟ ବାରିକ, ଜ୍ୟୋସ୍ନା ରାଣୀ ଜେନା, ଧରିତ୍ରୀ ଜେନା, ଯୁବ ନେତା ମନୋଜ ମଲ୍ଲିକ, ଖଗେଶ୍ୱର ଜେନା (ଟୁଟୁନା), ହାଡିବନ୍ଧୁ ବିଶ୍ୱାଳ ପ୍ରମୁଖ ନେତାମାନେ ଏହି ପ୍ରତିବାଦ ସଭାରେ ସାମିଲ ହୋଇ ସରକାରଙ୍କ ଏହି ବେନିୟମ କାର୍ଯ୍ୟକୁ ତୀବ୍ର ଭର୍ତ୍ସନା କରିଥିଲେ। ଆୟୋଜିତ ଏହି ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭାରେ ଜିଲ୍ଲାର ସାତ ଗୋଟି ବ୍ଲକର ୫ଶହରୁ ଉର୍ଦ୍ଧ୍ୱ ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇ ଥିଲେ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 30th December, 2025 Tuesday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ହେଲ୍‌ଥ ଟନିକ୍



### କେଉଁ ପକ୍ଷୀ ଉଡ଼ିପାରେ ନାହିଁ

ସେଦିନ କ୍ଲାସରେ ସାର୍ ପିଲାଙ୍କୁ ପଚାରିଲେ- ଆଚ୍ଛା ପିଲାଏ କହିଲ, ଏ ଜୀବଜଗତରେ କିଏ ଉଡ଼ିପାରେ ?

କ୍ଲାସଯାକର ପିଲା କହିଲେ- ସାର୍, ପକ୍ଷୀ ଉଡ଼ିପାରେ।

ସାର୍ ଏବେ ପଚାରିଲେ- ଆଚ୍ଛା କହିଲ, କେଉଁ ପକ୍ଷୀ ଉଡ଼ିପାରେ ନାହିଁ ?

ପିଲାଏ ନିରୁତ୍ତର। ଏତିକିବେଳକୁ ପପୁ ହାତ ଟେକିଲା।

ସାର ତାକୁ ପଚାରିଲେ- ତୁ କହିପାରିବୁ କେଉଁ ପକ୍ଷୀ ଉଡ଼ିପାରେ ନାହିଁ ?

ପପୁ କହିଲା- ହଁ ସାର, ମୁଁ ଜାଣିଛି।

ସାର ପଚାରିଲେ- ତେବେ କହ କେଉଁ ପକ୍ଷୀ ଉଡ଼ିପାରେ ନାହିଁ ?

ପପୁ କହିଲା- ସାର୍, ମଲା ଚଢ଼େଇ ଉଡ଼ିପାରେ ନାହିଁ।

### ଏଏସ୍‌ଡି ନିଷ୍ପତ୍ତି ପ୍ରତ୍ୟାହାର ଓ କୃଷକଙ୍କୁ ମାଗଣା ବିଜୁଳି ଯୋଗାଣ ନକଲେ

# ସରକାରଙ୍କୁ ଶାନ୍ତିରେ ରହିବାକୁ ଦେବନି କଂଗ୍ରେସ

ଭୁବନେଶ୍ୱର,୨୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଟାଟା କମ୍ପାନୀର ଉପଭୋକ୍ତାଙ୍କୁ ବେନିୟମ ସୁରକ୍ଷା ରାଶି ଜମା କରିବା ତଥା ଘରୋଇ ଓ କୃଷିକ୍ଷେତ୍ରକୁ ମାଗଣା ବିଜୁଳି ପ୍ରଦାନ କରିବାକୁ ନେଇ ପାୱାର ହାଉସ ଛକ ନିକଟସ୍ଥ ଟାଟା ପାୱାର ଅଫିସ ଆଗରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ନେତୃତ୍ୱରେ ଓ ପିସିସି ସଭାପତି ତଥା କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ସେଠାରୁ ଏକ ପଦଯାତ୍ରାରେ ଟାଟା ପାୱାର ଅଫିସକୁ ଯାଇ ଅଫିସ ଗେଟରେ ପିସିସି ସଭାପତି ତାଲା ପକାଇଥିଲେ। ବିକ୍ଷୋଭ ପ୍ରଦର୍ଶନ ସଭାରେ ଶ୍ରୀ ଦାସ କହିଲେ ଯେ ଲୋକଙ୍କ ଘରେ ବିଜୁଳୀବତି ଜଳୁ ନଥିବାବେଳେ ସରକାର ଲକ୍ଷଲକ୍ଷ କୋଟି ଟଙ୍କାର ବିଜୁଳି କଳକାରଖାନାକୁ ଅନୁକମ୍ପା ପ୍ରଦର୍ଶନ କରୁଛି। ବିଜୁଳି ଖାଦ୍ୟ ବସ୍ତ୍ର ବାସଗୃହ ଭଳି ବର୍ତ୍ତମାନ ଏକ ମୌଳିକ ଆବଶ୍ୟକତା। ଏହା ଯୋଗାଣ ବନ୍ଦ ହେଲେ ଜୀବନ ଠପ ପଡିଯିବ। କେଉଁ ଗରିବ ଘରେ କିଏ ବେମାରରେ ପଡ଼ିଛି, ଛାତ୍ରଛାତ୍ରୀଙ୍କ ପାଠ ପଢିବା ଅଛି। ତେଣୁ ସରକାର ବିନା ମୂଲ୍ୟରେ ବିଜୁଳି ଯୋଗାଣ କରନ୍ତୁ। ଅନ୍ୟ ରାଜ୍ୟମାନଙ୍କରେ କୃଷକମାନଙ୍କୁ ବିଜୁଳି ଛାଡ଼ ଥିବାବେଳେ ଓଡ଼ିଶାରେ କୌଣସି ଛାଡ଼ ନାହିଁ। ଏଭଳି ସ୍ଥଳେ ରାଜ୍ୟରେ କୃଷିର ଉନ୍ନତି କିଭଳି ହେବ ଏବଂ ଚାଷୀ କିପରି ହସିବ ବୋଲି ସେ ପ୍ରଶ୍ନ ପଚାରିଥିଲେ। ଯେପର୍ଯ୍ୟନ୍ତ ସୁରକ୍ଷା ରାଶି ନେବା ପ୍ରତ୍ୟାହାର ଓ ଘରୋଇ କୃଷକଙ୍କୁ ମାଗଣା ବିଜୁଳି ଯୋଗାଣ ନକରିବେ ପୁରପଲ୍ଲୀ ସବୁଠାରେ ଆନ୍ଦୋଳନ ହେବ। ଶ୍ରୀ ଦାସ ସାଧାରଣ ଜନତାଙ୍କୁ




ନିବେଦନ କରି କହିଥିଲେ ଟାଟା ପାୱାରର ଶୋଷଣ ବିରୁଦ୍ଧରେ ମୁହଁ ଖୋଲନ୍ତୁ, ପ୍ରତିବାଦ କରନ୍ତୁ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଟାଟା ପାୱାର ଅନ୍ୟ ରାଜ୍ୟରେ କମ୍ପାନୀକୁ ୮ ଟଙ୍କାରେ ବିକ୍ରୀ କରୁଥିବା ବେଳେ ଓଡ଼ିଶାରେ ୪ ଟଙ୍କା ୫୦ ପଇସାରେ ଯୋଗାଉଛି ବୋଲି ଅଭିଯୋଗ କରି କହିଥିଲେ। ଓଇଆରସି ଓ ଟାଟା ପାୱାର ମଧ୍ୟରେ ଗୁପ୍ତ ବୁଝାମଣା ଯୋଗୁଁ ସାଧାରଣ ଜନତାଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। କଂଗ୍ରେସର ଦାବୀ ଜନତା ଏବଂ କୃଷକଙ୍କୁ ଅନ୍ୟ ରାଜ୍ୟ ଭଳି ମାଗଣା ବିଜୁଳି ଯୋଗାଣ। ଉପସ୍ଥିତ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଲେ ଯଦି ସରକାର ବିଜୁଳି ମାଗଣାରେ ଦେବେ ନାହିଁ ତେବେ ସରକାରଙ୍କୁ ଶାନ୍ତିରେ ରହିବାକୁ ଦେବୁ ନାହିଁ। ଆନ୍ଦୋଳନ ଭୁବନେଶ୍ୱରରୁ ପଲ୍ଲୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବ।

ଏହି ବିକ୍ଷୋଭ ପ୍ରଦର୍ଶନରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, କିଶୋର ଜେନା, ଅରବିନ୍ଦ ଦାସ, ପବିତ୍ର ସାଉଁଟା, ମନୋରଞ୍ଜନ ଦାଶ, ଶୁଭେନ୍ଦୁ ମହାନ୍ତି, କୈଳାସ ସାହୁ, ଚିନ୍ମୟ ସୁନ୍ଦର ଦାସ, ବିଶ୍ୱଜିତ ଦାଶ, ମାନସ ଆଚାର୍ଯ୍ୟ, ନିରଞ୍ଜନ ନାୟକ, ଅଶୋକ ଦାସ, ପ୍ରଶାନ୍ତ ଚମ୍ପତି, ରଞ୍ଜିତ ପାତ୍ର, ପ୍ରକାଶ ମିଶ୍ର, ରାଜକିଶୋର ବାରିକ, ଜୟଶ୍ରୀ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ତରୁଣ ମିଶ୍ର, କୃଷ୍ଣ ଚନ୍ଦ୍ର ଶଗରିଆ, ମନୋରଞ୍ଜନ ରାଉତରାୟ, ପ୍ରଭାତ ପ୍ରତାପ ସିଂ, ବିଜୟ ଦ୍ୱିବେଦୀ, ସୁଧାଂଶୁ ମହାନ୍ତି, ସୂର୍ଯ୍ୟକାନ୍ତ ଜେନା, ଆଲୋକ ମହାନ୍ତି, ରଜନୀ ମହାନ୍ତି, ଜୟକୃଷ୍ଣ ମଲ୍ଲିଆ, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ମଂଟୁ ମଲ୍ଲିକ, ଦେବୀ ପ୍ରସାଦ ବାହାଲିଆ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୟ ହଜାରେ ଟ୍ରଫି

# ଆନ୍ଧ୍ରକୁ ହରାଇଲା ଓଡ଼ିଶା




କଟକ,୨୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ବିଜୟ ହଜାରେ ଟ୍ରଫିରେ ଓଡିଶାର ଦମଦାର ପ୍ରଦର୍ଶନ। ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଓଡିଶା ହାସଲ କରିଛି କ୍ରମାଗତ ଦ୍ୱିତୀୟ ବିଜୟ। ଡିସେମ୍ବର ୨୬ରେ ସର୍ଭିସେସକୁ ହରାଇଥିବା ଓଡିଶା ଆଜି ଷ୍ଟାର ଖଚିତ ଆନ୍ଧ୍ର ପ୍ରଦେଶକୁ ମାତ ଦେଇଛି। ଆନ୍ଧ୍ର ଟିମରେ ନୀତୀଶ କୁମାର ରେଡ୍ଡୀ, ଏସ୍ ଭରତ, ଶେଖ ରଶିଦ ଓ ରିକୁ ବିହୁଙ୍କ ଭଳି ଖେଳାଳି ଥିଲେ ମଧ୍ୟ ଓଡିଶା ସେମାନଙ୍କୁ ରଗଡି ଦେଇଛି। ଓପନର ଓମ ଟି ମୁଣ୍ଡେଙ୍କ ଦମଦାର ବ୍ୟାଟିଂ ଓ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାରଙ୍କ ଅଲରାଉଣ୍ଡର ପ୍ରଦର୍ଶନ ବଳରେ ଓଡିଶା ୬ ୱିକେଟରେ ଆନ୍ଧ୍ରକୁ ହରାଇ ଦେଇଛି। ଏଥିସହ ୩ ମ୍ୟାଚ୍ ପରେ ପଏଣ୍ଟ ଟେବୁଲର ୨ ନମ୍ବରରେ ପହଞ୍ଚି ଯାଇଛି। ୧ ନଂରେ ପୂର୍ବଭଳି ଦିଲ୍ଲୀ ରହିଛି। ଓଡିଶା ପ୍ରଥମ ମ୍ୟାଚରେ ସ୍ୱସ୍ତିକ ସମାଲଙ୍କ ରେକର୍ଡ ଦୁଇ ଶତକ ସତ୍ତ୍ୱେ ସୌରାଷ୍ଟ୍ର ଠାରୁ ହାରିଥିଲା। ଏବେ ଦଳ କ୍ରମାଗତ ଦୁଇଟି ବିଜୟ ହାସଲ କରିଛି। ଅଲୁର ଠାରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ଓଡିଶାର ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଏହାକୁ ଠିକ ସାବ୍ୟସ୍ତ କରି ରାଜେଶ ମହାନ୍ତି ପ୍ରଥମ ଓଭରରେ ହିଁ ଅଶ୍ୱିନୀ ହେବାର(୨)ଙ୍କୁ କ୍ଲିନବୋଲ୍ଡ କରି ଦେଇଥିଲେ। ଅନ୍ୟତମ ଓପନର ଭରତ(୩୨) ଓ ଶେଖ ରଶିଦ(୨୦) ଯଥାକ୍ରମେ ବାଦଲ ବିଶ୍ୱାଳ ଓ ଗୋବିନ୍ଦ ପୋଦ୍ଦାରଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ୪ନଂରେ ବ୍ୟାଟିଂ କରିବାକୁ ଆସିଥିବା ଆନ୍ଧ୍ର ପ୍ରଦେଶ ଅଧିନାୟକ ନୀତୀଶ କୁମାର ରେଡ୍ଡୀ କେବଳ ୬ ରନ କରିବାକୁ ସକ୍ଷମ ହୋଇଛନ୍ତି। ତାଙ୍କୁ ସମ୍ବିତ ଏସ୍ ବରାଳ ବୋଲ୍ଡ କରି ଓଡିଶାକୁ ବଡ ସଫଳତା ଦେଇଥିଲେ। ଦିଲ୍ଲୀ ବିପକ୍ଷରେ ଶତକ ମାରିଥିବା ରିକୁ ବିହୁ ମଧ୍ୟ କେବଳ ୧୭ ରନ କରି ପାରିଛନ୍ତି। ତାଙ୍କ ୱିକେଟ ଅଧିନାୟକ ବିପ୍ଳବ ନେଇଥିଲେ। ଏମ ହେମନ୍ତ ରେଡ୍ଡୀ ୧୧, କେଏସ୍ ଏନ ରାଜୁ ୨ ଓ ଟି ବିଜୟ ୬ ରନ କରି ଆଉଟ ହେବାରୁ ଆନ୍ଧ୍ର ୧୫୩ ରନରେ ୮ ୱିକେଟ ହରାଇଥିଲା। କିନ୍ତୁ ଏସ୍ ପ୍ରସାଦ ୬୬ ରନ ଓ ୧୦ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ସୌରଭ କୁମାର ୨୬ ବଲରେ ୪୭ ରନ କରିବାରୁ ଆନ୍ଧ୍ର ୪୯.୨ ଓଭରରେ ସମସ୍ତ ୱିକେଟ ହରାଇ ୨୨୧ ରନ କରିବାକୁ ସକ୍ଷମ ହୋଇଥିଲା। ଓଡିଶା ପକ୍ଷରୁ ବିପ୍ଳବ ଓ ଗୋବିନ୍ଦ ୩ଟି ଲେଖାଏ ସଫଳତା ପାଇଥିବା ବେଳେ ରାଜେଶ, ଦେବବ୍ରତ ପ୍ରଧାନ, ସମ୍ବିତ ଓ ବାଦଲ ବିଶ୍ୱାଳ ଗୋଟିଏ ଲେଖାଏ ୱିକେଟ ପାଇଛନ୍ତି। ୨୨୨ ରନର ଟାର୍ଗେଟ ପାଇଥିବା ଓଡିଶା ପ୍ରଥମ ବଲରେ ହିଁ ସ୍ୱସ୍ତିକ ସାମଲଙ୍କୁ ହରାଇଥିଲା। ସନ୍ଦୀପ ପଟ୍ଟନାୟକ (୧୯) ମଧ୍ୟ ସମସ୍ତଙ୍କୁ ନିରାଶ କରିଥିଲେ। ତେବେ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଓ ଅନ୍ୟତମ ଓପନର ମୁଣ୍ଡେ ସ୍ଥିତି ସମ୍ଭାଳିଥିଲେ। ମୁଣ୍ଡେ ୧୧୧ ବଲରେ ୯୧ ଓ ଗୋବିନ୍ଦ ୧୦୫ ବଲରେ ୮୯ ରନ କରି ଓଡିଶାର ବିଜୟକୁ ଏକପ୍ରକାରର ନିଶ୍ଚିତ କରି ଦେଇଥିଲେ। ଦଳୀୟ ସ୍କୋର ୧୯୭ ଥିବା ବେଳେ ଗୋବିନ୍ଦ ଓ ୨୦୬ ରନ ଥିବା ବେଳେ ମୁଣ୍ଡେ ଆଉଟ ହୋଇଥିଲେ ହେଁ ବାକି କାମ ଆଶୀର୍ବାଦ ସ୍ୱାଇଁ ଓ ବିପ୍ଳବ ସାମନ୍ତରାୟ କରିଥିଲେ। ଆଶୀର୍ବାଦ ଶେଷ ଯାଏ ୧୧ ଓ ବିପ୍ଳବ ୭ ରନ କରି ଅପରାଜିତ ରହିବା ସହ ଓଡିଶାକୁ ୬ ୱିକେଟରେ ବିଜୟ ଭେଟି ଦେଇଥିଲେ। ଓଡିଶା ୨୨୨ ରନର ଟାର୍ଗେଟକୁ ୪୩.୪ ଓଭରରେ ହାସଲ କରି ନେଇଛି। ବୋଲିଂରେ ୩ ୱିକେଟ ସହ ବ୍ୟାଟିଂରେ ୮୯ ରନ କରିଥିବା ପୋଦ୍ଦାର ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ଓଡିଶା ଆସନ୍ତା ୩୧ରେ ନିଜର ୪ର୍ଥ ମ୍ୟାଚ୍ ଅନ୍ୟତମ ଷ୍ଟାର ଖଚିତ ଦିଲ୍ଲୀ ବିପକ୍ଷରେ ଖେଳିବ।

# କଟକରୁ ଅପହୃତ ଯୁବକ ସୋନପୁରରୁ ଉଦ୍ଧାର: ୩ ଗିରଫ

କଟକ,୨୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍

କଟକରୁ କିଡ୍‌ନାପ ଓ ସୋନପୁରରୁ ଉଦ୍ଧାର। ତପନ କୁମାର ଶତପଥି ନାମକ ଜଣେ ଯୁବକଙ୍କ ଅପହରଣ ଘଟଣାର କଟକ କମିଶନରେଟ ପୋଲିସ ଆଜି ପର୍ଦ୍ଦାଫାଶ କରିଛି । ଗତ ୨୬ ତାରିଖରେ ଜଗତସିଂହପୁର ଜିଲ୍ଲା ବିରିଡ଼ି ଅଂଚଳର ତପନଙ୍କୁ କଟକ ନୂଆବଜାର ଅଂଚଳରୁ ଅପହରଣ କରାଯାଇଥିଲା । ଅପହରଣକାରୀମାନେ ୨ଲକ୍ଷ ଟଙ୍କା ମୁଣ୍ଡ ଜାମିନ ମାଗିଥିଲେ । ଅପହୃତଙ୍କ ପରିବାର ପକ୍ଷରୁ ସ୍ଥାନୀୟ ମଧୁପାଟଣା ଥାନାରେ ଲିଖିତ ଅଭିଯୋଗ ହେବା ପରେ କଟକ କମିଶନରେଟ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା । ଶେଷରେ ସୋନପୁରରୁ ଅପହୃତ ତପନଙ୍କୁ କମିଶନରେଟ ପୋଲିସ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ



ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲ୍ଲାର ଦିବ୍ୟଲୋଚନ ବେହେରା (୨୮) ଓ ଅଜିତ ମିଶ୍ର (୩୫) ଏବଂ ସୋନପୁର ଜିଲ୍ଲାର ଜମ୍ବେଶ୍ୱର ମିଶ୍ର (୩୬) । ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୩ଟି ମୋବାଇଲ ଫୋନ ଜବତ କରିଛି । ପୋଲିସକୁ ଚକମା ଦେବା ପାଇଁ ଅପହରଣକାରୀମାନେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ । ବଲାଙ୍ଗୀର, ବରଗଡ଼ ଓ ସୋନପୁର ପୋଲିସ ସହାୟତାରେ କଟକ କମିଶନରେଟ ପୋଲିସ ଅପହୃତ ତପନଙ୍କୁ ସୋନପୁରରୁ ଉଦ୍ଧାର କରିଥିଲା ।

ପୋଲିସ ସୂଚନା ମୁତାବକ, ଜଗତସିଂହପୁର ବିରିଡ଼ି ଥାନା ଅଂଚଳର ବାସିନ୍ଦା ତପନ କୁମାର ଶତପଥିଙ୍କୁ ୨୬ ଡିସେମ୍ବର ୨୦୨୫ରେ ଅପହରଣକାରୀମାନେ ସ୍ଥାନୀୟ ନୂଆବଜାର ତାଳଦଣ୍ଡା କେନାଲ ରୋଡ଼ରୁ ବଳପୂର୍ବକ ଅପହରଣ କରି ନେଇ ପ୍ରଥମେ ବଲାଙ୍ଗୀର ଓ ପରେ ବରଗଡ଼ ନେଇଯାଇଥିଲେ । ଏହାଛଡ଼ା ଅଭିଯୁକ୍ତମାନେ ତାଙ୍କ ମୋବାଇଲ ଫୋନକୁ ଛଡ଼ାଇ ନେଇଥିଲେ ଏବଂ ତାଙ୍କ ମୁକ୍ତି ପାଇଁ ତପନଙ୍କ ପରିବାର ସଦସ୍ୟଙ୍କ ଠାରୁ ୨ ଲକ୍ଷ ଟଙ୍କାର ମୁଣ୍ଡ ଜାମିନ ମାଗିଥିଲେ । ପୀଡ଼ିତଙ୍କ ପରିବାର ପକ୍ଷରୁ ସ୍ଥାନୀୟ ମଧୁପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା । ଏହି ଅଭିଯୋଗକୁ ଆଧାରକରି ପୋଲିସ ଏକ ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ଟିମ ଗଠନ କରି ଘଟଣାର ଛାନଭିନ ଆରମ୍ଭ କରିଥିଲା । ବରଗଡ଼, ବଲାଙ୍ଗୀର ଓ ସୋନପୁର ପୋଲିସ ସହାୟତାରେ କଟକ କମିଶନରେଟ ପୋଲିସ ଅପହୃତ ତପନଙ୍କୁ ସୋନପୁରରୁ ଉଦ୍ଧାର କରିଥିଲା । ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଚାକିରୀ ନାଁରେ ଟଙ୍କା କାରବାର ଅପହରଣ ପଛର କାରଣ ବୋଲି ପ୍ରାଥମିକ ତଦନ୍ତରୁ କମିଶନରେଟ ପୋଲିସ ଜାଣିବାକୁ ପାଇଛି ବୋଲି କଟକ ଡିସିପି ରିଶିକେଶ ଖିଲାରୀ ସୂଚନା ଦେଇଛନ୍ତି । ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କେରଙ୍ଗ ଏକାଦଶ ଶରଧାପୁର ଫୁଟବଲ କପ୍ ଚାମ୍ପିଅନ



ଖୋର୍ଦ୍ଧା,୨୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ଶରଧାପୁର ସ୍ପୋର୍ଟସ ଆସୋସିଏସନ (ଏସଏସଏ) ଆନୁକୂଲ୍ୟରେ ଚାଲିଥିବା ୧୬ତମ ଶରଧାପୁର ଫୁଟବଲ କପ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ସ୍ଥାନୀୟ ଖେଳପଡିଆରେ ଆୟୋଜକ ଟିମ ଏସଏସଏ ଏବଂ କେରଙ୍ଗ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥଲା। ଖେଳ ସଂପୂର୍ଣ୍ଣ ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ ଉଭୟ ଦଳ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଫଳରେ ମ୍ୟାଚ ରେଫେରି ଟ୍ରାଇବେକର ସହାୟତା ନେଇଥିଲେ। ଟ୍ରାଇବେକରରେ କେରଙ୍ଗ ଏକାଦଶ ୧୦-୯ ଗୋଲ ଦେଇ ଶରଧାପୁର କପ୍ ବିଜୟୀ ହୋଇ ଚମ୍ପିୟାନ ହୋଇଛି। ଆଜିର ଏହି ମ୍ୟାଚକୁ ରେଫେରୀ ଗିରିଶ ଚନ୍ଦ୍ର ଜାନି ପରିଚାଳନା କରିଥୁବା ବେଳେ ସଗିର ଅହେମ୍ମଦ ଓ ଅମଜାତ ଖାଁ ତାଙ୍କୁ ଲାଇନରେ ସହାୟତା କରିଥିଲେ ଓ ଚତୁର୍ଥ ରେଫେରୀ ଭାବେ ମକବଲ୍ ଅହମ୍ମଦ କାର୍ଯ୍ୟ ତୁଲାଇଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଡିଜି ଏସ ଏ ହୁଦା ଯୋଗ ଦେଇ ଚମ୍ପିୟାନ କେରଙ୍ଗ ଏକାଦଶ ଦଳକୁ ଟ୍ରଫି ସହ ୮ହଜାର ଓ ଉପବିଜେତା ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଟୁର୍ଣ୍ଣାମେଣ୍ଟର ଆଜିର ଶ୍ରେଷ୍ଠ ଖେଳାଳି ଭାବେ ଏସଏସଏର ସୋନୁ ଓ ଲାଲାକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନୁରୂପ ଭାବେ କ୍ରୀଡା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୁନି କୁନି ପିଲମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚରେ ଅନ୍ୟତମ ଅତିଥି ଭାବେ ସେକ ଇନାଦୁଲା, ସରପଞ୍ଚ ସୂର୍ଯ୍ୟ ମହାନ୍ତି, ଏସଏସଏର ସଭାପତି ମହମ୍ମଦ ଜମିଲୁର ରେହମାନ, ମହମ୍ମଦ ଫକିରୁଦ୍ଦିନ, ଲକ୍ଷ୍ମୀଧର ବଡଜେନା, ମୀନକେତନ ବଡ଼ଜେନା, ଜାପାନି ନାୟକ, ଦେବରାଜ ବାରିକ, ମୁସରତ ଅଲ୍ଲୀ, ସମସୁଦ୍ଦିନ ଜୁହା, ଏମ୍‌ଡି କେଫତୁଲା ସମେତ ଆସୋସିଏଶନର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ସେଜଲ ଘଟଣାରେ ନୂଆମୋଡ଼

# କୋଟିଏ ଟଙ୍କା ଦାବି କରିଥିଲା ପୁରୁଷ ବନ୍ଧୁ

ବାଲେଶ୍ୱର,୨୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ସରକାରଙ୍କ ସହଯୋଗରେ ଆମେରିକାରୁ ଫେରି ବାଲେଶ୍ୱର ଜିଲା ନାରୀ ସଂଘ ଗୃହରେ ରହିଥିବା ଓଡ଼ିଆ ଯୁବତୀ ପୂଜା ଓରଫ ସେଜଲ ଜନଙ୍କୁ ଦେଖା କରିବାକୁ ଆସି ହରଡ଼ଘଣାରେ ପଡ଼ିଛନ୍ତି ତାଙ୍କ ପୁରୁଷ ବନ୍ଧୁ ଅମର ଦାସ। ସେଜଲ ତାଙ୍କ ପାଇଁ ବାଲେଶ୍ୱର ଆସିଥିବା ଜାଣିବା ପରେ ଗତକାଲି ସେ ଦେଖା କରିବାକୁ ନାରୀ ସଂଘ ଗୃହକୁ ଯାଇଥିଲେ। ମାତ୍ର ଗତକାଲି ରାଷ୍ଟ୍ରୀୟ ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟ ଥିବା ଯୋଗୁଁ ନାରୀ ସଂଘ କର୍ମକର୍ତ୍ତା ବ୍ୟସ୍ତ ରହିବା କାରଣରୁ ତାଙ୍କୁ ଆଜି ଆସିବା ପାଇଁ କୁହାଯାଇଥିଲା। ସେହିକ୍ରମରେ ଆଜି ସେ ନାରୀ ସଂଘରେ ପହଞ୍ଚିବା ପରେ ସହଦେବଖୁଣ୍ଟା ଥାନା ପୁଲିସ ତାଙ୍କୁ ଥାନାକୁ ନେଇଯାଇଥିଲା। ଆମେରିକାରୁ ଓଡ଼ିଆ ଯୁବତୀ ସେଜଲଙ୍କୁ ଫେରାଇ ଆଣିବାରେ ଅମରଙ୍କ ଭୂମିକା ଓ କାର୍ଯ୍ୟଧାରାକୁ ନେଇ ପଚରାଉଚୁରା କରାଯିବ ବୋଲି ଥାନାଧିକାରୀ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି।

ତେବେ ମହିଳା ଓ ଶିଶୁ ବିକାଶ ବିଭାଗ ତତ୍ତ୍ୱାବଧାନରେ ନାରୀ ସଂଘ ଗୃହରେ ୩ ଦିନ ରହିଥିବା ସେଜଲଙ୍କୁ କାଉନସେଲିଂବେଳେ ସେ ଦେଇଥିବା କିଛି ସୂଚନାରୁ ଅମରଙ୍କ କାର୍ଯ୍ୟଧାରାକୁ ସନ୍ଦେହ କରି ପୁଲିସ ତାଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି। କାଉନସେଲିଂରୁ ଜଣାପଡ଼ିଛି ଯେ, ଅମର କଥାରେ ପଡ଼ି ସେଜଲ ମିଥ୍ୟା ଭିଡିଓ ପ୍ରଘଟ କରିଥିଲେ, ଯେଉଁଥିରେ ତାଙ୍କୁ ପାଳକ ମାଆ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଭିଡିଓକୁ ଅମର ସାମାଜିକ ଗଣମାଧମରେ ମଧ୍ୟ ପ୍ରଘଟ କରିଥିଲେ। ଯାହାକୁ ଆଧାର କରି ସରକାରଙ୍କ ପକ୍ଷରୁ ସେଜଲଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଇଥିଲା। ସେହିଭଳି ସେଜଲଙ୍କ ମାଆଙ୍କୁ ବ୍ଲାକମେଲିଂ କରି କୋଟିଏ ଟଙ୍କା ଆଦାୟ ପାଇଁ ଅମର ନିଜ ମାଉସୀର ଆକାଉଣ୍ଟ ନମ୍ବର ଦେଇଥିଲେ ବୋଲି ଜିଲା ନାରୀ ସଂଘ ସଭାପତି ଗୋପାମୁଦ୍ରା ମହାପାତ୍ର ସୂଚନା ଦେଇଛନ୍ତି। ଏହିସବୁ ଅଭିଯୋଗ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଓ ସୂଚନା ଜାଣିବାକୁ କାଉନସେଲିଂ ପାଇଁ ପୁଲିସ ତାଙ୍କୁ ଉଠାଇଥିବା ଥାନାଧିକାରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଘରୋଇ ସ୍କୁଲରେ...

ଏମାନଙ୍କ ସଂଖ୍ୟା ରାଜ୍ୟର ମୋଟ୍ ଛାତ୍ରଛାତ୍ରୀଙ୍କର ୧୯ ପ୍ରତିଶତ ରହିଥିଲା। ତେବେ ୨୦୨୩-୨୪ ବର୍ଷରେ ଘରୋଇ ବିଦ୍ୟାଳୟ ସଂଖ୍ୟା ୭୧୨୮କୁ ହ୍ରାସ ପାଇଥିବାବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କିନ୍ତୁ ୧୪,୯୫,୨୫୭ ରେ ପହଞ୍ଚିଥିଲା। ୨୦୨୪-୨୫ରେ ଘରୋଇ ବିଦ୍ୟାଳୟ ସଂଖ୍ୟା ୭୦୮୫ରେ ପହଞ୍ଚିଥିବାବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫ଲକ୍ଷ ୬୦ହଜାରର ନିକଟବର୍ତ୍ତୀ ହୋଇଥିଲା।

ସରକାରୀ ବିଦ୍ୟାଳୟରେ ଅଧାରୁ ପାଠପଢା ଛାଡୁଥିବା ପିଲାଙ୍କୁ ନେଇ ସରକାର ଚିନ୍ତାରେ ପଡିବା ସହିତ ପିଲାମାନଙ୍କୁ ବୁଝାଇ ସୁଝାଇ ସରକାରୀ ବିଦ୍ୟାଳୟକୁ ଆଣୁଥିବାବେଳେ ଘରୋଇ ବିଦ୍ୟାଳୟରେ କାହିଁକି ପିଲାଙ୍କ ସଂଖ୍ୟା ବଢୁଛି ତାହାର କିନ୍ତୁ ସମୀକ୍ଷା କରୁନାହିଁ। ସରକାରୀ ବିଦ୍ୟାଳୟର ସମସ୍ତ ପ୍ରକାର ଉନ୍ନତ ଭିତିଭୂମି, ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହିତ ମଧ୍ୟାହ୍ନଭୋଜନ, ମାଗଣା ପାଠ୍ୟପୁସ୍ତକ, ମାଗଣା ସାଇକେଲ, ଛାତ୍ରବୃତ୍ତି ଆଦି ଯୋଗାଇ ଦିଆଯାଉଛି। ଏହା ସତ୍ତ୍ୱେ ବି ଅଭିଭାବକମାନେ ସେମାନଙ୍କ ମୋଟା ଅଙ୍କର ଅର୍ଥ ଖର୍ଚ୍ଚକରି ସେମାନଙ୍କ ପିଲାଙ୍କୁ ଘରୋଇ ବିଦ୍ୟାଳୟରେ ପଢାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

କମ୍ ସଂଖ୍ୟକ ଉପସ୍ଥାନ ଯୋଗୁଁ ରାଜ୍ୟ ସରକାର ୫ହଜାରରୁ ଅଧିକ ସରକାରୀ ବିଦ୍ୟାଳୟରେ ତାଲା ଝୁଲାଇଥିବାବେଳେ ବହୁ କଷ୍ଟରେ ସେଥିରୁ ୪୬ଟିର ତାଲା ଖୋଲିଛନ୍ତି। ନିଜ ଘର ପାଖରୁ ସରକାରୀ ବିଦ୍ୟାଳୟ ବନ୍ଦ ଯୋଗୁଁ କିଛି ପିଲା ଅନିଚ୍ଛା ସତ୍ତ୍ୱେ ଘରୋଇ ସ୍କୁଲ ଯାଉଥିବା ବି ଶିକ୍ଷାବିତ୍‌ମାନେ ମତ ଦେଉଛନ୍ତି। ତେଣୁ ରାଜ୍ୟ ସରକାର କାଳ ବିଳମ୍ବ ନକରି ଘରୋଇ ବିଦ୍ୟାଳୟ ମୁହାଁ ହେଉଥିବା ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ସଂକ୍ରାନ୍ତରେ ସମୀକ୍ଷା କରି ପଦକ୍ଷେପ ଗ୍ରହଣ କରିବାକୁ ମତପ୍ରକାଶ ପାଉଛି।

### ନିର୍ବାଚନ ପାଇଁ...

ଉପ ମୁଖ୍ୟମନ୍ତ୍ରୀ ହେବାକୁ ଅଜିତ ପାୱାର ଦାଦା ଶରଦ ପାୱାରଙ୍କ ଠାରୁ ଅଲଗା ହୋଇ ଯାଇଥିଲେ। ସେ ଅଲଗା ହୋଇଯିବାରୁ ଏନସିପି ମଧ୍ୟ ଦୁଇ ଭାଗ ହୋଇ ଯାଇଥିଲା। ଅଜିତ ପାୱାର ଗୋଟିଏ ଭାଗର ନେତୃତ୍ୱ ନେଉଥିବା ବେଳେ ବିରୋଧୀ ମେଣ୍ଟରେ ଶରଦ ପାୱାର ରହିଛନ୍ତି।

ହେଲେ ଏବେ ପୌର ନିର୍ବାଚନ ପୂର୍ବରୁ ପାୱାର ପରିବାର ପୁଣି ଏକାଠି ହୋଇଛନ୍ତି। ସେମାନେ ଏକାଠି ନିର୍ବାଚନ ଲଢ଼ିବାକୁ ଯାଉଥିବା ଅଜିତ ପାୱାର ସୂଚନା ଦେଇଛନ୍ତି। ସେ କହିଛନ୍ତି, "ପୌର ନିର୍ବାଚନ ପାଇଁ ପ୍ରାର୍ଥୀ ଚୂଡାନ୍ତ କରିବା ବେଳେ ଉଭୟ ଦଳ ଏକାଠି ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁ ପରିବାର ପୁଣି ଏକାଠି ହୋଇଛି। ଏହାକୁ ନେଇ ଅନେକ ପ୍ରଶ୍ନ ଉଠିପାରେ। କିନ୍ତୁ କିଛି ନିଷ୍ପତ୍ତି ମହାରାଷ୍ଟ୍ରର ବିକାଶ ପାଇଁ ନେବାକୁ ହୋଇଥାଏ। ମୁଁ ସିଟ ଶେୟାରିଂ ସମ୍ପର୍କରେ ସ୍ଥାନୀୟ ନେତାମାନଙ୍କ ସହ କଥା ହୋଇଛି। ଖୁବଶୀଘ୍ର ସିଟ ଶେୟାରିଂ ସମ୍ପର୍କରେ ଘୋଷଣା କରାଯିବ। କିନ୍ତୁ ଘଣ୍ଟା ଓ ତୁରୀ ଏକାଠି ହୋଇଥିବା ସମସ୍ତେ ମନେ ରଖନ୍ତୁ।"

ଏନସିପିର ଦଳୀୟ ଚିହ୍ନ ଘଣ୍ଟା ହୋଇଥିବା ବେଳେ ତୁରୀ ଶରଦ ପାୱାରଙ୍କ ଏନସିପିକୁ ଦଳୀୟ ଚିହ୍ନ ହିସାବରେ ନିର୍ବାଚନ କମିଶନ ଦେଇଛନ୍ତି। ତେଣୁ ଅଜିତ ପାୱାର ଏଠାରେ ଘଣ୍ଟା ଓ ତୁରୀ କଥା କହିଛନ୍ତି। ଜାନୁଆରୀ ୧୫ରେ ମହାରାଷ୍ଟ୍ରର ସମସ୍ତ ୨୯ଟି ଯାକ ପୌର ନିଗମରେ ନିର୍ବାଚନ ହେବ। ଏହାର ଦିନକ ପରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଏଥିପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ହେଉଛି ଡିସେମ୍ବର ୩୦।

### ସାମରିକ ଉପକରଣ...

କରିବା ପାଇଁ ବୋଲାର୍ଡ ପୁଲ୍ ଟଗ୍ସ। ସୁରକ୍ଷିତ ଯୋଗାଯୋଗ ପାଇଁ ହାଇ-ଫ୍ରିକ୍ୱେନ୍ସି ସଫ୍ଟୱେୟାର ରେଡିଓ। ଭାରତ ମହାସାଗରରେ ତୀକ୍ଷ୍ଣ ନଜର ରଖିବା ପାଇଁ ଦୂରଗାମୀ ଡ୍ରୋନ୍ ଲିଜ୍‌ରେ ନିଆଯିବ।

ସେହିପରି ଭାରତୀୟ ବାୟୁସେନା ପାଇଁ ବିମାନର ସୁରକ୍ଷିତ ଅବତରଣ ଓ ଉଡ଼ାଣ ରେକର୍ଡିଂ ପାଇଁ ଅଟୋମେଟିକ୍ ଟେକ୍-ଅଫ୍ ଲ୍ୟାଣ୍ଡିଂ ରେକର୍ଡିଂ ସିଷ୍ଟମ। ଶତ୍ରୁ ପକ୍ଷର ବିମାନକୁ ଦୂରରୁ ନଷ୍ଟ କରିବା ପାଇଁ ଅତ୍ୟାଧୁନିକ ଅସ୍ତ୍ର ମାର୍କ-୨ କ୍ଷେପଣାସ୍ତ୍ର। ପାଇଲଟ୍ମାନଙ୍କୁ ତାଲିମ ଦେବା ପାଇଁ ତେଜସ ବିମାନର ଫୁଲ୍ ମିଶନ ସିମୁଲେଟର ସାମିଲ ରହିଛି। ଏହି ସମସ୍ତ ଅତ୍ୟାଧୁନିକ ଉପକରଣ ଓ ପ୍ରଯୁକ୍ତିବିଦ୍ୟା ଭାରତୀୟ ସଶସ୍ତ୍ର ବାହିନୀର କ୍ଷମତାକୁ ବୃଦ୍ଧି କରିବା ସହ ସୀମା ସୁରକ୍ଷାକୁ ଆହୁରି ମଜବୁତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଲୋକେ କହିଲେ...

ଦୂରେଇ ରଖିବାକୁ ଉଦ୍ୟମ ହେଉଛି। ସେପଟେ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ସବୁ ଦଳରେ ଝଡ ଅଛି। କେଉଁଠି ଆଖିକୁ ଦିଶୁଛି କେଉଁଠି ଦିଶୁନି। କେଉଁଠି ପ୍ରକାଶ ପାଉଛି କେଉଁଠି ଅପ୍ରକାଶ୍ୟ ଭାବରେ ଅଛି। ନେତାମାନେ ମେଳି ହେବାରେ ବାଧା ନାହିଁ। କାହାକୁ ମନା କରିହେବ ନାହିଁ। ଦରକାର ପଡ଼ିଲେ ସେ ସେମାନଙ୍କ ସହ ଯୋଗଦେବେ। ଦଳରେ କୌଣସି କମିଟି ଗଠନ ହେଲେ ପ୍ରତିକ୍ରିୟା ପ୍ରକାଶ ପାଏ। ଯେତେବେଳେ କିଛି ଆଶା ରଖନ୍ତି ସେହି ସମୟରେ ଦଳରେ ବହୁତ୍ ନେତା ଆସନ୍ତି। ଆମେ ଗତକାଲି ଯାହା ଥିଲୁ ଆଜି ଅଛୁ। ନିୟନ୍ତ୍ରଣ ବାହାରକୁ ନେତା ଯାଇ ନାହାନ୍ତି। ଶୃଙ୍ଖଳା କମିଟି ଅଛି ବିଶୃଙ୍ଖଳା ଆଚରଣ ଉପରେ ନଜର ରଖିଛୁ।

### ଜେଲ୍‌ରେ ରହିବେ...

ଧମକ ମଧ୍ୟ ମିଳିଥିଲା। ୨୦୧୮ ମସିହାରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବାସଭବନ ସମ୍ମୁଖରେ ଉନ୍ନାଓ ପୀଡିତା ଆତ୍ମାହୁତି ଉଦ୍ୟମ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ବିବାଦ ବଢ଼ିବାରୁ ସିବିଆଇ ତଦନ୍ତ ଆରମ୍ଭ କରିଥିଲା। ନିରପେକ୍ଷ ଶୁଣାଣି ପାଇଁ ସୁପ୍ରିମକୋର୍ଟ ମାମଲାର ବିଚାର ୟୁପି ବଦଳରେ ଦିଲ୍ଲୀକୁ ସ୍ଥାନାନ୍ତର କରିଥିଲେ। ୨୦୧୯ରେ ଦିଲ୍ଲୀର ଗୋଟିଏ କୋର୍ଟ ସେନଗାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ।

### ନିଜ ଆଦେଶ...

ମଧ୍ୟରେ ସୁପ୍ରିମକୋର୍ଟ ସ୍ୱତଃ ଶୁଣାଣି କରିଛନ୍ତି। ବିଚାରପତି ଜେ.କେ. ମାହେଶ୍ୱରୀ ଏବଂ ଅଗଷ୍ଟିନ୍ ଜର୍ଜ ମାସିହ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ସହିତ ଖଣ୍ଡପୀଠରେ ଅଛନ୍ତି।

ଡିସେମ୍ବର ୨୦ ତାରିଖରେ, ସୁପ୍ରିମକୋର୍ଟ ଆରାବଳି ପାହାଡ଼ ଏବଂ ପର୍ବତମାଳାର ଏକ ସମାନ ଏବଂ ବୈଜ୍ଞାନିକ ପରିଭାଷାକୁ ଅନୁମୋଦନ କରିଥିଲେ। ବିଶେଷଜ୍ଞ ରିପୋର୍ଟ ପ୍ରାପ୍ତ ନହେବା ପର୍ଯ୍ୟନ୍ତ ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଏବଂ ଗୁଜରାଟରେ ବିସ୍ତୃତ ଆରାବଳି ଅଞ୍ଚଳରେ ନୂତନ ଖଣି ଲିଜ୍ ପ୍ରଦାନକୁ ମଧ୍ୟ ନିଷେଧ କରିଥିଲେ।

ସିଜେଆଇ କହିଛନ୍ତି ଯେ ୧୨,୦୮୧ଟି ପାହାଡ଼ ମଧ୍ୟରୁ ୧,୦୪୮ଟି ପାହାଡ଼ ୧୦୦ ମିଟର ଉଚ୍ଚତା ମାନଦଣ୍ଡ ପୂରଣ କରୁଥିବା ଜାଣିବା ତଥ୍ୟଗତ ଏବଂ ବୈଜ୍ଞାନିକ ଦୃଷ୍ଟିରୁ ସଠିକ୍ କି ନାହିଁ ତାହା ମଧ୍ୟ ନିର୍ଣ୍ଣୟ କରାଯିବା ଉଚିତ। ଭୂତାତ୍ତ୍ୱିକ ତଦନ୍ତ ଆବଶ୍ୟକ କି ନାହିଁ ତାହା ମଧ୍ୟ ନିର୍ଣ୍ଣୟ କରାଯିବା ଉଚିତ।

### କର୍ତ୍ତବ୍ୟ ପଥରେ...

ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି ଯେ, ୧୯ ଜାନୁଆରୀ ସୁଦ୍ଧା ସମସ୍ତ ପ୍ରସ୍ତୁତିକୁ ପୂରା କରାଯାଉ, ଯେମିତି କି ପ୍ରଜ୍ଞାପନ ମେଢ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଇଁ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ପାରିବ। ଆଉ ଓଡ଼ିଶାର କଳା ନୈପୁଣ୍ୟତାକୁ ପ୍ରଦର୍ଶିତ କରି ପାରିବ।

ରାଷ୍ଟ୍ରୀୟ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକରେ ଓଡ଼ିଶାର ପ୍ରଜ୍ଞାପନ ମେଢର ଚୟନ ରାଜ୍ୟର ଉପସ୍ଥିତିକୁ ଦର୍ଶାଇଥାଏ ଏବଂ ଭାରତର ବିବିଧ ସାଂସ୍କୃତିକ ଐତିହ୍ୟରେ ଯୋଗଦାନ ଦେବା ସହ ପାରମ୍ପରିକ କଳାର ସଂରକ୍ଷଣ ଓ ସମୃଦ୍ଧି ପ୍ରତି ଏହାର ପ୍ରତିବଦ୍ଧତାକୁ ଉଲ୍ଲେଖିତ କରିଥାଏ।

### ଜିରୋ ନାଇଟ...

୧୧ଟି ଇଭେଣ୍ଟ କରାଯିବ । ବାକି ୧୭ଟି ଇଭେଣ୍ଟ ହୋଟେଲ ଓ କନଭେନସନରେ ଚାଲିବ । ଏସବୁ ଇଭେଣ୍ଟରେ ଆଇନଶୃଙ୍ଖଳାକୁ ବଜାୟ ରଖିବା ପାଇଁ ସ୍ଥାନୀୟ ଥାନା ପକ୍ଷରୁ ପୁଲିସ ସୁରକ୍ଷା ଯୋଗାଇଦେବ। ରାତି ସାଢେ ୧୨ଟା ଯାଏଁ ଜିରୋ ନାଇଟ୍ ସେଲିବ୍ରେସନ୍ ଚାଲିବ। ତା' ପରେ ପାଟ୍ରୋଲିଂ ଭ୍ୟାନ୍ ପଇଁତରା ମାରି ସମସ୍ତ ଇଭେଣ୍ଟକୁ ବନ୍ଦ କରିବ। ଅନ୍ୟାନ୍ୟ କ୍ଲବ, ପବ୍‌ରେ ସ୍ୱତନ୍ତ୍ର ଆୟୋଜନକୁ ମଧ୍ୟ ନଜରରେ ରଖିଛି ପୁଲିସ। ସେଲିବ୍ରେସନ ଆଳରେ ମାତାଲ୍ ହୋଇ କେହି ଉତ୍ପାତ କଲେ, ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ବନ୍ଦ ରହିବ...

ଭାରତରେ ପ୍ରାୟ ୭.୭ ନିୟୁତ ଗିଗ୍ କର୍ମଚାରୀ ଥିଲେ। ମାତ୍ର ୨୦୨୯-୩୦ ସୁଦ୍ଧା ଏହା ୨୩.୫ ନିୟୁତରେ ପହଞ୍ଚିବ ବୋଲି କୁହାଯାଉଛି। ଯଦିଓ ସରକାର ସାମାଜିକ ସୁରକ୍ଷା ସଂହିତ ଅଧୀନରେ ଗିଗ୍ କର୍ମଚାରୀଙ୍କୁ ମାନ୍ୟତା ପ୍ରଦାନ ଆରମ୍ଭ କରିଛନ୍ତି ମାତ୍ର ଏହା ଯଥେଷ୍ଟ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ୟୁନିୟନ ପକ୍ଷରୁ କୁହାଯାଇଛି କି, ସର୍ବନିମ୍ନ ମଜୁରୀ, ସାମାଜିକ ସୁରକ୍ଷା ଏବଂ ଆଲଗୋରିଦିମ୍ ନିୟମନ୍ତ୍ରଣ ଉପରେ ସ୍ପଷ୍ଟ ନିୟମ ପାଇଁ ଦାବି ହୋଇଛି। ଧର୍ମଘଟଣ ମୁଖ୍ୟ କାରଣ ଏଗୁଡ଼ିକ ବୋଲି କୁହାଯାଉଛି।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ